READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୯ | ସଂଖ୍ୟା-୨୩ | ୧୬ - ୨୨ ଜୁନ୍, ୨୦୨୫ | ଭୁବନେଶ୍ୱର | Monday Weekly | VOL-9 | ISSUE-23 | 16th - 22nd JUNE, 2025 | BHUBANESWAR | ₹ 5/- (8 Pages)

## ଖୁବ୍‌ଶୀଘ୍ର ରାଜ୍ୟ ମନ୍ତ୍ରିମଣ୍ଡଳ ସଂପ୍ରସାରଣ !

**ଭୁବନେଶ୍ୱର :** ବର୍ଷ ପୂର୍ତ୍ତି ପରେ ରାଜ୍ୟ ମନ୍ତ୍ରିମଣ୍ଡଳର ହେବ କି ସଂପ୍ରାସରଣ ? ପ୍ରଥମ ଥର ପାଇଁ ନିଜ କ୍ୟାବିନେଟ୍ ରିସଫଲ୍ କରିପାରନ୍ତି ମୋହନ। କିଏ ହେବେ ସାମିଲ ? ହେବ କି ବିଭାଗ ଅଦଳବଦଳ ? ବର୍ଷ ପୂର୍ତ୍ତି ଅବସରରେ ଏମିତି କିଛି ସଙ୍କେତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ମୋହନ ସରକାରକୁ ବର୍ଷେ ପୂରିଥିବା ବେଳେ ନିଜ ନିଜ ବିଭାଗର ରିପୋର୍ଟ କାର୍ଡ ଦାଖଲ କରିଛନ୍ତି ମନ୍ତ୍ରୀମାନେ। ମୁଖ୍ୟମନ୍ତ୍ରୀ ଖୁବ ଶୀଘ୍ର ସେସବୁର ତର୍ଜମା କରିବେ। କିଏ ପାସ୍ କିଏ ଫେଲ୍, ତାକୁ ଦେଖି କିଛି ବଡ଼ ନିଷ୍ପତ୍ତି ନେଇପାରନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ବର୍ଷେ ହେଲା ସୁରୁଖୁରରେ ସରକାର ଚାଲିଛି। ମନ୍ତ୍ରୀମାନେ ବେଶ୍ ଦକ୍ଷ ଭାବେ ନିଜ ନିଜର ଦାୟିତ୍ୱ ନିଭାଇଛନ୍ତି। ବିଭିନ୍ନ ଯୋଜନାକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହା ସହ କହିଛନ୍ତି ମନ୍ତ୍ରିମଣ୍ଡଳରେ ଖାଲି ଥିବା ୬ ପଦବି ପୂରଣ ପାଇଁ ମଧ୍ୟ କୌଣସି ପ୍ରତିବନ୍ଧକ ନାହିଁ, ଖୁବ ଶୀଘ୍ର ସେ ଦିଗରେ ନିଷ୍ପତ୍ତି ନିଆଯିବ। ମୋହନଙ୍କ କ୍ୟାବିନେଟରେ ୬ଟି ପଦବି ଖାଲି ରହିଥିବା ବେଳେ ମୁଖ୍ୟମନ୍ତ୍ରୀ ନିଜ ପାଖରେ ରଖିଛନ୍ତି ୬ ବିଭାଗ। ସାଧାରଣ ପ୍ରଶାସନ ବିଭାଗ ନିଜ ପାଖରେ ରଖିଥିବା ବେଳେ ଅର୍ଥ, ଗୃହ, ଜଳ ସମ୍ପଦ, ଯୋଜନା ସଂଯୋଜନ ଏବଂ ସୂଚନା ଲୋକସମ୍ପର୍କ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ବି ସମ୍ଭାଳୁଛନ୍ତି ନିଜେ ମୁଖ୍ୟମନ୍ତ୍ରୀ। କୁହାଯାଉଛି ମନ୍ତ୍ରିମଣ୍ଡଳ ସଂପ୍ରସାରଣ ବେଳେ କିଛି ମନ୍ତ୍ରୀଙ୍କ ବିଭାଗ ଅଦଳ ବଦଳ ହୋଇପାରେ। ଏହା ସହ ୬ ଖାଲି ସ୍ଥାନରେ କିଛି ନୂଆ ମୁହଁ ବି ସାମିଲ ହୋଇପାରନ୍ତି। ଯେଉଁ ଯେଉଁ ଲୋକସଭା କ୍ଷେତ୍ରକୁ ମନ୍ତ୍ରିମଣ୍ଡଳରେ ପ୍ରତିନିଧିତ୍ୱ ମିଳିନାହିଁ, ସେଠି ଫୋକସ୍ କରାଯାଇପାରେ। ଭୁବନେଶ୍ୱରରୁ ବିଧାୟକ ବାବୁ ସିଂଙ୍କ ନାଁ ଚର୍ଚ୍ଚା ରହିଥିବା ବେଳେ, ବାଲେଶ୍ୱର ଲୋକସେବା କ୍ଷେତ୍ରରୁ ସଦର ବିଧାୟକ ମାନସ ଦତ୍ତ ଏବଂ ସନାତନ ବିଜୁଳିଙ୍କ ନାଁ ଚର୍ଚ୍ଚାରେ ରହିଛି। ସେହିଭଳି ସୁନ୍ଦରଗଡ ଜିଲ୍ଲାକୁ ବି ମନ୍ତ୍ରି ମଣ୍ଡଳରେ ମିଳିପାରେ ପ୍ରତିନିଧିତ୍ୱ। ପଶ୍ଚିମ ଓଡ଼ିଶାକୁ ଫୋକସ କରି ବରିଷ୍ଠ ନେତା ଜୟ ନାରାୟଣ ମିଶ୍ର ଏବଂ ଇରାଶିଷ ଆଚାର୍ଯ୍ୟଙ୍କ ନାଁ ଚର୍ଚ୍ଚାରେ ରହିଛି। ସେହିପରି ଯାଜପୁରର ଅମର ନାୟକଙ୍କ ନାଁ ମଧ୍ୟ ତାଲିକାରେ ଥିବା ଚର୍ଚ୍ଚା ହେଉଛି। ପୁରୀ ଲୋକସେବା କ୍ଷେତ୍ରରୁ ଯଦିଓ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ମନ୍ତ୍ରୀ ପଦ ମିଳିଛି, ତାପରେ ଆଶ୍ରିତ ପଟ୍ଟନାୟକଙ୍କ ନାଁ କୁହାଯାଉଛି। ଆସନ୍ତା ୨୦ରେ ମୋହନ ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ହୁଏତ ଏହାପରେ ମନ୍ତ୍ରିମଣ୍ଡଳ ସଂପ୍ରାସରଣ ହୋଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ନାରୀଙ୍କୁ ସଶକ୍ତ କରିବ 'ସୁଭଦ୍ରା' : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା କଟକର ବାଲିଯାତ୍ରା ପଡ଼ିଆ ଠାରେ ରାଜ୍ୟସ୍ତରୀୟ ନାରୀ ଶକ୍ତି ସମାବେଶ ଆୟୋଜିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କହିଛନ୍ତି ଯେ, ନାରୀଙ୍କୁ ସମ୍ମାନ ପ୍ରଦାନ କରିବା ଆମ ରାଜନୈତିକ ପ୍ରଶିକ୍ଷଣର ପ୍ରଥମ ଶିକ୍ଷା। ଏହି ସମାବେଶର ଏକମାତ୍ର ଉଦ୍ଦେଶ୍ୟ ହେଉଛି, ଓଡିଶାର ନାରୀ ଶକ୍ତିକୁ ଆମର ସବୁଠାରୁ ଶ୍ରେଷ୍ଠ ଶକ୍ତି କରି ଗଢିତୋଳିବା। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାର ଏକ ବର୍ଷ ପୂରଣ ପରେ ଦ୍ୱିତୀୟ ବର୍ଷର ପ୍ରଥମ କାର୍ଯ୍ୟକ୍ରମ ହେଉଛି, ଆମର ଏହି ନାରୀ ଶକ୍ତି ସମାବେଶ। କାରଣ, ଆମେ ବିଶ୍ୱାସ କରୁ ଯେ ଯେତେ ପର୍ଯ୍ୟନ୍ତ ରାଜ୍ୟର ଅଧା ଜନସଂଖ୍ୟାର ବିକାଶ ହୋଇ ନାହିଁ, ରାଜ୍ୟ କେବେ ବି ବିକଶିତ ହୋଇ ପାରିବ ନାହିଁ। ଐତିହାସିକ ସହର କଟକ ଠାରେ ଏହିକାର୍ଯ୍ୟକ୍ରମର ଶୁଭାରମ୍ଭ ଓଡିଶାର ମାଆ ଓ ଭଉଣୀ ମାନଙ୍କ ପାଇଁ ଏକ ସୁବର୍ଣ୍ଣ ଯୁଗ ଆଣିବ ବୋଲି ମୁଁ ଦୃଢ ନିଶ୍ଚିତ। ନାରୀ ମାନଙ୍କ ସଶକ୍ତିକରଣ ପାଇଁ ଆମର ସବୁଠୁ ଯୁଗାନ୍ତକାରୀ ଯୋଜନା ହେଉଛି ସୁଭଦ୍ରା ଯୋଜନା। ସୁଭଦ୍ରା ଯୋଜନା ହେଉଛି ଓଡିଶାର ଇତିହାସରେ ସବୁଠାରୁ ବଡ ମହିଳା କଲ୍ୟାଣ କାର୍ଯ୍ୟକ୍ରମ। କେବଳ ମହିଳା ନୁହେଁ ଏତେ ବୃହତ ସାମାଜିକ କଲ୍ୟାଣକାରୀ ଯୋଜନା ପୂର୍ବରୁ କରାଯାଇ ନ ଥିଲା। ଆମ ସରକାର ➤ ପୃ-୬

### ମୋହନ ସରକାରକୁ ବର୍ଷେ

## ଆହ୍ୱାନ ଭିତରେ ପ୍ରତିଶ୍ରୁତି ପୂରଣ ଲକ୍ଷ୍ୟ



**ଭୁବନେଶ୍ୱର :** ଠିକ୍ ବର୍ଷକ ତଳେ ଓଡ଼ିଶା ଦେଖିଥିଲା ନୂଆ ଏକ ସରକାର। ୨୪ ବର୍ଷର ବିଜେଡି ସରକାରକୁ ଧୂଳି ଚଟାଇ ଗତବର୍ଷ ଏହି ମାସରେ ଶପଥ ନେଇଥିଲା ବିଜେପି ସରକାର। ନିକଟରେ ମୋହନ ସରକାରକୁ ପୂରଣ ହୋଇଛି ଗୋଟିଏ ବର୍ଷ। ରାଜ୍ୟରେ ବିଜେପି ସରକାରର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ପୂର୍ବରୁ ରିପୋର୍ଟ କାର୍ଡ ରଖିସାରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସଙ୍କଳ୍ପ ପତ୍ରର ସମସ୍ତ ପ୍ରତିଶ୍ରୁତିକୁ ସୁନିଶ୍ଚିତ କରାଯାଇଛି। ପ୍ରାୟ ପ୍ରତିଶ୍ରୁତିକୁ ପୂରଣ କରିଛନ୍ତି ମୋହନ ସରକାର। ସୁଭଦ୍ରା ଯୋଜନାରୁ କୋଟିଏ ମହିଳାଙ୍କୁ ବାର୍ଷିକ ୧୦ ହଜାର ଲେଖାଏଁ, ଚାଷୀଙ୍କୁ ୮୦୦ ଟଙ୍କାର ଇନପୁଟ ସବ୍ସିଡି ପ୍ରଦାନ, ମଧୁବାବୁ ପେନସନ ଯୋଜନାରେ ପ୍ରତି ହିତାଧିକାରୀଙ୍କ ୩୫୦୦ ଲେଖାଏଁ ଭତ୍ତା ମିଳିଥିବା ବେଳେ ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ୮୦ ପ୍ରତିଶତରୁ ଅଧିକ ➤ ପୃ-୬

### କର୍ମଚାରୀ ବିଳମ୍ବରେ ଆସିଲେ କଟିବ ଛୁଟି

## ସରକାରୀ ବାବୁଙ୍କ ଆଟେଣ୍ଡାନ୍ସରେ ନଜର ରଖିବ ଏଆଇ କ୍ୟାମେରା




**ଭୁବନେଶ୍ୱର :** ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱାଧୀନ ସରକାର ନିଜର ଏକବର୍ଷ ପୂର୍ତ୍ତି ପାଳନ କରୁଛି। ଆଉ ଏପଟେ ରାଜ୍ୟ ସରକାର ନିଜର କର୍ମଚାରୀ ଓ ଅଫିସରମାନଙ୍କୁ 'ସମୟାନୁବର୍ତ୍ତିତା'ର ପାଠ ପଢ଼ାଇବାକୁ ଯାଇ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି। ସରକାରୀ ଅଫିସକୁ ବିଳମ୍ବରେ ଆସିବା ଉପରେ ପୂର୍ଣ୍ଣଚ୍ଛେଦ ପକାଇବା ନିମନ୍ତେ ସରକାର ଏଆଇ ଆଧାରିତ କ୍ୟାମେରା, ରେଡିଓ ଫ୍ରିକ୍ୱେନ୍ସି ଆଇକାର୍ଡ ଓ ଲଗାତାର ୩ଥର ୩୦ମିନିଟ୍ ବିଳମ୍ବ ପାଇଁ ଗୋଟିଏଦିନର ସିଏଲ୍ କାଟିଦେବା ଭଳି କଠୋର ନିଷ୍ପତ୍ତି ନେଇଛନ୍ତି। ଏହି ନିର୍ଦ୍ଦେଶନାମା ରାଜ୍ୟ ସରକାରଙ୍କ ପିଅନଠୁ ସଚିବ ପର୍ଯ୍ୟନ୍ତ ସବୁବର୍ଗର ଅଫିସର ଓ କର୍ମଚାରୀଙ୍କ ନିମନ୍ତେ କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି। କାର୍ଯ୍ୟାଳୟରେ କର୍ମଚାରୀ ଓ ଅଫିସରମାନଙ୍କ ବିଳମ୍ବରେ ଆସିବା ଉପରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ସମସ୍ତ ବିଭାଗକୁ ବାୟୋମେଟ୍ରିକ୍ ଉପସ୍ଥାନ ସିଷ୍ଟମ୍ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସିଷ୍ଟମ ଗୁଡ଼ିକ ଏନଆଇସି ଦ୍ୱାରା ବିକଶିତ ବାୟୋମେଟ୍ରିକ୍ ଉପସ୍ଥାନ ସିଷ୍ଟମ୍ ପୋର୍ଟାଲ ସହ ସଂଯୁକ୍ତ ହେବ। ରତ୍ୟେକ ବିଭାଗରେ ଜଣେ ନିର୍ଦ୍ଦିଷ୍ଟ ଅଧିକାରୀ ପ୍ରତି ପାକ୍ଷିକ ଭାବେ ଏହି ତଥ୍ୟ ବିଶ୍ଳେଷଣ କରିବେ। ପ୍ରତ୍ୟେକ କର୍ମଚାରୀଙ୍କୁ ଅଫିସରେ 'ପ୍ରବେଶ' ଓ 'ପ୍ରସ୍ଥାନ' ସମୟ ରେକଡ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। 'ପ୍ରସ୍ଥାନ' ସମୟ ରେକର୍ଡ ନକଲେ ତାହାକୁ ଅନୁପସ୍ଥିତି ଭାବେ ବିବେଚନା କରାଯିବ। ନୂଆ ନିୟମ ଅନୁଯାୟୀ, ଯେକୌଣସି ଦିନ ପାଇଁ ସର୍ବାଧିକ ୩୦ ମିନିଟର ବିଳମ୍ବକୁ କ୍ଷମା କରାଯାଇପାରିବ, ଯାହା ଗୋଟିଏ ମାସରେ ସର୍ବାଧିକ ତିନି ଦିନ ପାଇଁ ପ୍ରଯୁଜ୍ୟ। ଯଦି କୌଣସି କର୍ମଚାରୀ ୩ଦିନରୁ ଅଧିକ ୩୦ମିନିଟ୍ ଲେଖାଏଁ କାର୍ଯ୍ୟାଳୟକୁ ଆସିବାରେ ବିଳମ୍ବ କରନ୍ତି ଓ ଏଥିପାଇଁ ତାଙ୍କ ଉପଯୁକ୍ତ କର୍ତ୍ତୃପକ୍ଷ ଅନୁମତି ଦେଇନଥିବେ ତା'ହେଲେ ତାଙ୍କର ସିଏଲ୍ (କାଜୁଆଲ ଲିଭ୍)ରୁ ଗୋଟିଏ ଦିନ କାଟି ଦିଆଯିବ। ପ୍ରତି ୩ଦିନର ବିଳମ୍ବ ପାଇଁ ନିୟମିତ ଭାବେ ଗୋଟିଏ ଲେଖାଏଁ ସିଏଲ୍ କଟିବ। ଯେଉଁ କର୍ମଚାରୀମାନେ ଦୀର୍ଘ ସମୟ କିମ୍ବା ସରକାରୀ ଛୁଟି ଦିନରେ ଅଫିସ୍ ପାଇଁ କାମ କରୁଛନ୍ତି, ସେମାନେ ନିଜର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ଆଧାରରେ ଏହି ନିୟମରୁ କୋହଳ ବା ଛାଡ଼ ପାଇପାରିବେ। ସେହିପରି ସରକାରୀ ଗସ୍ତରେ ଥିବା କିମ୍ବା ଅଫିସ୍ କାମ ପାଇଁ ବାହାରେ ଥିବା ଅଫିସର ଓ କର୍ମଚାରୀମାନେ ଯଥାର୍ଥ କାରଣ ଦର୍ଶାଇ ଏହି ନିୟମରୁ କୋହଳ ପାଇପାରିବେ। ➤ ପୃ-୬

## ଇରାନ-ଇସ୍ରାଏଲ ଯୁଦ୍ଧ ବିଶ୍ୱ ଅର୍ଥନୀତି ପାଇଁ ବିପଦ



**ନୂଆଦିଲ୍ଲୀ:** ଇରାନ ଏବଂ ଇସ୍ରାଏଲ ମଧ୍ୟରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଇଛି। ଇରାନର ପରମାଣୁ କେନ୍ଦ୍ରକୁ ଟାର୍ଗେଟ୍ କରି ଇସ୍ରାଏଲ ଆକ୍ରମଣ କରିବା ପରେ ଇରାନ ମଧ୍ୟ ଜବାବୀ ଆକ୍ରମଣ କରିଛି। ଫଳରେ ମଧ୍ୟପ୍ରାଚ୍ୟରେ ବ୍ୟାପକ ଉତ୍ତେଜନା ଆଶଙ୍କା ବଢ଼ିଯାଇଛି। ତେବେ ଏଥର ପରିସ୍ଥିତି କେବଳ ପଶ୍ଚିମ ଏସିଆ ନୁହେଁ, ବରଂ ଭାରତ ଭଳି ଦେଶଗୁଡ଼ିକୁ ମଧ୍ୟ ପ୍ରଭାବିତ କରିପାରେ। ବିଶ୍ୱରେ ଚିନ୍ତାର କାରଣ ହେଉଛି ଇରାନ ଷ୍ଟ୍ରେଟ୍ ଅଫ୍ ହରମୁଜ୍। ଏହା ଏକ ସଂକୀର୍ଣ୍ଣ କିନ୍ତୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଜଳପଥ, ଯାହା ମାଧ୍ୟମ ଦେଇ ବିଶ୍ୱର ପ୍ରାୟ ଏକ ତୃତୀୟାଂଶ ସମୁଦ୍ରଜାତ ତୈଳ ପରିବହନ ହେଉଛି। ପାରସ୍ୟ ଉପସାଗର ଏବଂ ଓମାନ ଉପସାଗରକୁ ସଂଯୋଗ କରୁଥିବା ଏହି ସାମୁଦ୍ରିକ ସଂକୀର୍ଣ୍ଣ ଜଳ ପଥ ବିଶ୍ୱ ଶକ୍ତି ଯୋଗାଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଆଉ ଯୁଦ୍ଧ ଯୋଗୁ ଯଦି ଏହି ଜଳପଥ ଅବରୋଧ ହୁଏ ତେବେ ଏହା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିପାରେ। ତୈଳ ମୂଲ୍ୟ ବୃଦ୍ଧି ପାଇପାରେ ଏବଂ ଯୋଗାଣ ଶୃଙ୍ଖଳା ଅବରୋଧି ହୋଇପାରେ, ଯାହା ଭାରତ ସମେତ ବିଶ୍ୱବ୍ୟାପୀ ଶକ୍ତି-ନିର୍ଭରଶୀଳ ଅର୍ଥନୀତିକୁ ପ୍ରଭାବିତ କରିବାର ଅଶଙ୍କା ରହିଛି। ଜୁଲିୟସ୍ ବେୟରର ଅର୍ଥନୀତିଜ୍ଞ ଏବଂ ପରବର୍ତ୍ତୀ ପିଢ଼ିର ଗବେଷଣା ମୁଖ୍ୟ ନର୍ବର୍ଟ ରକର ଏନେଇ ସାରା ବିଶ୍ୱକୁ ଚେତାବନୀ ଦେଇଛନ୍ତି। ତାଙ୍କ ମତରେ ଏବେ ପ୍ରକୃତ ଭୂ-ରାଜନୀତି ଫେରିଛି। ସେ କହିଛନ୍ତି ଯେ ଇରାନ ବିରୁଦ୍ଧରେ ଇସ୍ରାଏଲର ସାମରିକ ଆକ୍ରମଣ ଷ୍ଟ୍ରେଟ୍ ଅଫ୍ ହରମୁଜ୍ ଅଞ୍ଚଳରେ ବ୍ୟାପକ ଉତ୍ତେଜନା ସୃଷ୍ଟି କରିପାରେ। ତେଲ ସବୁବେଳେ ଏଭଳି ସଂଘର୍ଷର ଏକ ମାପକାଠି ହୋଇ ଆସିଛି। ଏବଂ ସେହି ଅନୁସାରେ ମୂଲ୍ୟ ବୃଦ୍ଧି ପାଇଆସିଛି। ତେଣୁ ଆଗାମୀ ଦିନମାନଙ୍କର ତେଲ ଦର ବଢ଼ିପାରେ ବୋଲି ନର୍ବର୍ଟ ରକର ଚେତାବନୀ ଦେଇଛନ୍ତି। ଇସ୍ରାଏଲ- ଇରାନ ଯୁଦ୍ଧରେ ଏମିତି ତ ସାରା ବିଶ୍ୱ ପ୍ରଭାବିତ ହେବେ ହେଲେ ଅଧିକ ପ୍ରଭାବିତ ହୋଇପାରେ ଭାରତ। କାରଣ ଭାରତ ଏହାର ଦୁଇ-ତୃତୀୟାଂଶରୁ ➤ ପୃ-୬

## ସରକାରୀ ସାର୍ଟିଫିକେଟ୍ ପାଇଁ 'ଆଧାର' ବାଧ୍ୟତାମୂଳକ




**ଭୁବନେଶ୍ୱର :** ଏଣିକି ବିଭିନ୍ନ ପ୍ରକାରର ସରକାରୀ ସାର୍ଟିଫିକେଟ୍ ପାଇଁ 'ଆଧାର' ବାଧ୍ୟତାମୂଳକ। ଜାତି, ଆୟ, ଆଇନଗତ ଉତ୍ତରାଧିକାରୀ, ଜମିଜମା ରେକର୍ଡ ଓ ରେଜିଷ୍ଟ୍ରେସନ ନିମନ୍ତେ ଆଧାର ନମ୍ବର ଦେବା ଅବା ଆଧାର ସତ୍ୟପାଠ କରିବା ବାଧ୍ୟତାମୂଳକ ହେବ। କେବଳ ସେତିକି ନୁହେଁ ସରକାରଙ୍କ ବିଭିନ୍ନ ଯୋଜନାରେ ସବସିଡି ଓ ଡିବିଟି ସୁବିଧାର ହିତାଧିକାରୀଙ୍କ ପାଇଁ ମଧ୍ୟ ଆଧାର ନମ୍ବରକୁ ବାଧ୍ୟତାମୂଳକ କରାଯାଇଛି ସରକାରୀ ସେବା ପ୍ରକ୍ରିୟାକୁ ସରଳ, ପାରଦର୍ଶୀ ଓ ବ୍ୟାପକ କରିବା ନିମନ୍ତେ ଏଭଳି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ରାଜ୍ୟ ସରକାର ବିଭିନ୍ନ ପ୍ରକାରର ସାର୍ଟିଫିକେଟର ଜାଲିଆତି ରୋକିବା ସହ ସରକାରୀ ସେବାରେ ପାରଦର୍ଶୀ ଆଣିବା ନିମନ୍ତେ 'ଆଧାର'କୁ ସରକାରୀ ସେବା ନିମନ୍ତେ ଏକ ଦୃଢ଼ ପରିଚୟ ପ୍ରମାଣ ଭାବେ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ହିତାଧିକାରୀଙ୍କ ଯୋଗ୍ୟତା ଯାଂଚ କରିବାରେ ସାହାଯ୍ୟ କରିବ, ସେବା ବିତରଣକୁ ସରଳ କରିବ, ସ୍ୱଚ୍ଛତା ବୃଦ୍ଧି କରିବ ଏବଂ ଏକାଧିକ ପରିଚୟ ଦଲିଲ ଦାଖଲ କରିବାର ସମସ୍ୟାକୁ ମଧ୍ୟ ହ୍ରାସ କରିବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଜାରି କରାଯାଉଥିବା ଜାତି, ଆୟ, ଆଇନଗତ ଉତ୍ତରାଧିକାରୀ, ଜମି ରେକର୍ଡ, ରେଜିଷ୍ଟ୍ରେସନ ଆଦି ସମ୍ବନ୍ଧୀୟ ପ୍ରମାଣପତ୍ର ପ୍ରଦାନରେ ଏହି 'ଆଧାର' ବାଧ୍ୟତାମୂଳକ ହେବ। ୨୦୧୬ ଆଧାର ଆଇନର ଧାରା ୭ ଅନୁଯାୟୀ, ଏହା ମଧ୍ୟ ସରକାରୀ ସେବା ବିତରଣକୁ ସରଳ କରିବ, ପାରଦର୍ଶିତା ଆଣିବା ସହ ହିତାଧିକାରୀମାନଙ୍କୁ ସିଧାସଳଖ ଲାଭ ପହଞ୍ଚାଇବ। ଏହି ବିଜ୍ଞପ୍ତି ଅନୁଯାୟୀ, ➤ ପୃ-୬

### ବକ୍ରବାଣୀ



ବିଦେଶରୁ ଏମ୍ପି ଫେରି ଆଇଲେ
ବିଶ୍ୱକୁ ସେ କାଳେ ବୁଝେଇ ଦେଲେ
ଭାରତ କଥାକୁ ବିଶ୍ୱ ବୁଝିଲା
ପାକିସ୍ତାନ ଗଳେ ମାଳା ଯେ ଦେଲା
ମୁଖିଆ ଏମ୍ପିଙ୍କୁ ଡିନର ଦେଲେ
ଖାଇ ଏମ୍ପି ଦଳ ଖୁସି ହୋଇଲେ
କହିଲେ ଭାରତ ଗଣତନ୍ତ୍ରର
ବିଶ୍ୱରେ ନାହିଁ ତା ପଟ ଅନ୍ତର
ସିନ୍ଦୂର ଯୋଜନା ସରିବ ନାଇଁ
ଲୀଳା ଦେଖୁଥିବ ଭାରତ ଭୂଇଁ।

—ଟୁଟୁ

### ପାଣ୍ଡିଆନଙ୍କ ଖାସ୍ ଆଇଏଏସ୍‌ଙ୍କୁ ଓଡ଼ିଶା ଦାୟିତ୍ୱ

## ଭିନିଲଙ୍କୁ ବଲାଙ୍ଗୀର, ଭିଭି ଯାଦବଙ୍କୁ ଢେଙ୍କାନାଳ



**ଭୁବନେଶ୍ୱର :** ଓଡ଼ିଶାରେ ବିଜେପି ସରକାରକୁ ବର୍ଷେ ପୁରିଛି। ଆଉ ଏପଟେ ପାଣ୍ଡିଆନପନ୍ଥୀଙ୍କୁ ମିଳିଛି ଓଡ଼ିଶାର ଆକାଂକ୍ଷୀ ଜିଲ୍ଲାର ପ୍ରଭାରୀ ଦାୟିତ୍ୱ। ପୂର୍ବ ସରକାରରେ ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ହାକିମାତି ବିରୋଧରେ ଜନଆକ୍ରୋଶ ସୃଷ୍ଟି କରି ବିଜେପି ରାଜ୍ୟରେ ନିଜସ୍ୱ ସରକାର ଗଢ଼ିବାରେ ସକ୍ଷମ ହୋଇଛି ସତ କିନ୍ତୁ ପାଣ୍ଡିଆନପନ୍ଥୀଙ୍କ ପ୍ରଭାବ ଉପରେ ଏପର୍ଯ୍ୟନ୍ତ ଅଙ୍କୁଶ ଲଗାଇ ପାରିନଥିବା ଚର୍ଚ୍ଚା ହେଉଛି। ପାଣ୍ଡିଆନଙ୍କ କୋରଟିମ୍ ସଦସ୍ୟ ଥିବା ଅଫିସରମାନେ ଜଣକପରେ ଜଣେ ଦିଲ୍ଲୀକୁ ଡେପୁଟେସନରେ ପଳାଇଥିବାବେଳେ ଏବେ ଓଲଟା ଦିଲ୍ଲୀ ଆଡୁ ସେମାନଙ୍କୁ ଓଡ଼ିଶାର ଦାୟିତ୍ୱ ନ୍ୟସ୍ତ ହୋଇଥିବା ଜଣାପଡ଼ିଛି। ମାତ୍ର କିଛିଦିନ ପୂର୍ବରୁ କେନ୍ଦ୍ରୀୟ ଡେପୁଟେସନରେ ଯାଇଥିବା ପାଣ୍ଡିଆନଙ୍କ ଖାସ୍ ଆଇଏଏସ୍ ଆର.ଭିନିଲକ୍ରିଷ୍ଣା ଓ ଭିଭି ଯାଦବଙ୍କୁ ଦୁଇଟି ଆକାଂକ୍ଷୀ ଜିଲ୍ଲାର କେନ୍ଦ୍ରୀୟ ପ୍ରଭାରୀ ଭାବେ ଅବସ୍ଥାପିତ କରାଯାଇଛି। ଯାହାକୁ ନେଇ ଏବେ ପାୱାର କରିଡରରେ ଚର୍ଚ୍ଚା ଆରମ୍ଭ ହୋଇଛି। ନିତି ଆୟୋଗଙ୍କ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଶା କ୍ୟାଡ଼ରର ଦୁଇ ଆଇଏଏସ୍ ଆର.ଭିନିଲକ୍ରିଷ୍ଣା ଓ ବୀରବିକ୍ରମ ଯାଦବଙ୍କ ସମେତ ଅନ୍ୟ ଦୁଇଜଣ ଓଡ଼ିଆ ଅଫିସରଙ୍କୁ ୪ଟି ଆକାଂକ୍ଷୀ ଜିଲ୍ଲାର କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ଭାବେ ନିଯୁକ୍ତି ମିଳିଛି। କେନ୍ଦ୍ର କ୍ୟାବିନେଟର ନିଯୁକ୍ତି କମିଟି ଦ୍ୱାରା ଗୁରୁବାର(ଜୁନ୍ ୧୨ତାରିଖ) ଏହି ନିଯୁକ୍ତି ଦିଆଯାଇଛି। କେନ୍ଦ୍ର କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଆର.ଭିନିଲକ୍ରିଷ୍ଣାଙ୍କୁ ବଲାଙ୍ଗୀର ଜିଲ୍ଲା, କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ବୀରବିକ୍ରମ ଯାଦବଙ୍କୁ ଢେଙ୍କାନାଳ, କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗର ➤ ପୃ-୬

### ବିପର୍ଯ୍ୟୟ ରୋକିବ କୃତ୍ରିମ ବୁଦ୍ଧିମତା

## ବନ୍ୟା, ବାତ୍ୟାର ମୁକାବିଲା କରିବାରେ ସଫଳ ହେବ ଏଆଇ




**ଭୁବନେଶ୍ୱର :** ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟର ବିକାଶରେ ପ୍ରତିବନ୍ଧକ ସାଜିଥାଏ। ପ୍ରତ୍ୟେକ ବର୍ଷ ଛୋଟ ହେଉ ଅବା ବଡ଼ ଧରଣର ଲଗାଣ ବର୍ଷା ଝଡ଼ ବାତ୍ୟା ଓ ପରବର୍ତ୍ତୀ ସମୟରେ ଦେଖିବାକୁ ମିଳେ ବନ୍ୟାର ପ୍ରଭାବ। ଏସବୁ ପ୍ରାକୃତିକ ଘଟଣାବଳୀରେ ବିଶେଷ ପ୍ରଭାବିତ ହୋଇଥାଏ କୃଷିକ୍ଷେତ୍ର। ଚାଷୀମାନଙ୍କର ବର୍ଷକର ଅମଳ ନଷ୍ଟ ହେବା ସହିତ ଚାଷୀମାନଙ୍କୁ ହନ୍ତସନ୍ତ ହେବାକୁ ପଡ଼େ। ଏବେ ଏସବୁର ମୁକାବିଲା ପାଇଁ ଆଗାମୀ ଦିନରେ ରାଜ୍ୟ ସରକାର ଆପଣାଇବାକୁ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ସାମାନ୍ୟ ରହିପାରେ। ବ୍ୟବସାୟରେ ଉନ୍ନତି ହେବ। କାର୍ଯ୍ୟକ୍ଷେତ୍ରରେ ସମ୍ମାନ। ଦୂରଯାତ୍ରା କରିପାରନ୍ତି। ଘରେ ମାଙ୍ଗଳିକ କାର୍ଯ୍ୟ ହେବ। ଦାମ୍ପତ୍ୟ ଭଲ ରହିବ। ପ୍ରେମରେ ପ୍ରତିବନ୍ଧକ। ଶୁଭ ତାରିଖ : ୨୩, ୨୯, ଭାଗ୍ୟପଳ : ୫୦%। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ବୃଷ** ସ୍ୱାସ୍ଥ୍ୟକୁ ଅଣଦେଖା କରନ୍ତୁ ନାହିଁ। ନୂଆ ବ୍ୟବସାୟ ଖୋଲିବ। ପରିଶ୍ରମ ବଢ଼ିବ। ପ୍ରେମୀମାନେ ସତର୍କ ରହନ୍ତୁ। ବାଣୀରେ ଲଗାମ ଦିଅନ୍ତୁ। ଶୁଭ ତାରିଖ : ୨୪, ୨୫, ଭାଗ୍ୟଫଳ: ୮୦%। ପ୍ରତିକାର : ହନୁମାନଙ୍କୁ ଚଣା ଗୁଡ ଚଢ଼ାନ୍ତୁ।

**ମିଥୁନ** ପେଟରେ କଷ୍ଟ ହୋଇପାରେ। ଲାଭ ପାଇଁ ଅଧିକ ପରିଶ୍ରମ ଆବଶ୍ୟକ। ପୁରୁଣା ଋଣ ପରିଶୋଧ କରିବେ। ପରିବାରରେ ବିବାଦ ଯୋଗ ରହିଛି। ସତର୍କ ହୋଇ ଚଳନ୍ତୁ। ଶୁଭ ତାରିଖ : ୨୯, ୩୦, ଭାଗ୍ୟଫଳ : ୬୦%। ପ୍ରତିକାର : ହନୁମାନ ଶ୍ଳୋକ ପାଠ କରନ୍ତୁ।

**କର୍କଟ** ଥଣ୍ଡା ଓ ଶର୍ଦ୍ଦିରେ ପୀଡିତ ହେବେ। କାର୍ଯ୍ୟକ୍ଷେତ୍ରରେ ମନମୁତାବକ ଫଳ ପ୍ରାପ୍ତି। ଘର ଆର୍ଥିକ ସମସ୍ୟା ସମାଧାନ। ସନ୍ତନପ୍ରତି ଧ୍ୟାନ ଦିଅନ୍ତୁ। ଶୁଭ ତାରିଖ : ୨୮, ୩୦, ଭାଗ୍ୟଫଳ: ୬୦%। ପ୍ରତିକାର : ଚଳନ୍ତି ଜଳରେ ଯଅ ବୁଧବାର ଅର୍ପଣ କରନ୍ତୁ।

**ସିଂହ** ଖାଦ୍ୟ ଉପରେ ଧ୍ୟାନ ଦିଅନ୍ତୁ। ଚାକିରି ଓ ବ୍ୟବସାୟରେ ଲାଭ। ପଦୋନ୍ନତି ଯୋଗ ଅଛି। ରୋକିଥିବା ଧନ ଫେଣିବ। ବିବାହ ଯୋଗ ଅଛି। ଶୁଭ ତାରିଖ : ୨୦,୨୧, ଭାଗ୍ୟଫଳ: ୭୦%। ପ୍ରତିକାର : ଗୁରୁବାର ଭଗବାନ ବିଷ୍ଣୁଙ୍କୁ ଘିଅ ଦୀପ ଅର୍ପଣ କରନ୍ତୁ।

**କନ୍ୟା** ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ। ଆୟ ବଢ଼ିବ। ନୂଆ ଚାକିରି ଯୋଗ ଅଛି। ଧନ ଖର୍ଚ୍ଚ ହେବ। ପାରିବାରିକ ଜୀବନ ଭଲ ରହିବ। ଶୁଭ ତାରିଖ : ୨୯, ୩୦, ଭାଗ୍ୟଫଳ : ୭୦%। ପ୍ରତିକାର : କିଛି ଦାନ ଧର୍ମ କରନ୍ତୁ।

**ତୁଳା** ଅଣ୍ଟାରେ ଯନ୍ତ୍ରଣା ହୋଇପାରେ। ପଦୋନ୍ନତି ହେବ। ନୂଆ ନୂଆ ସୁଯୋଗ ମିଳିବ। ଆୟ ବଢ଼ିବ। ଜୀବନସାଥୀଙ୍କ ସହ ଭ୍ରମଣରେ ଯାଇପାରନ୍ତି। ନୂତନ ଗାଡି କ୍ରୟ କରିପାରନ୍ତି। ଶୁଭ ତାରିଖ : ୧୭, ୨୧, ଭାଗ୍ୟଫଳ : ୮୦%। ପ୍ରତିକାର : ସୋମବାର ବ୍ରତ ରଖନ୍ତୁ।

**ବିଛା** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହୁଅନ୍ତୁ। ଭାଗୀଦାରୀ ବ୍ୟବସାୟ ପାଇଁ ଅନୁକୂଳ। କାର୍ଯ୍ୟକ୍ଷେତ୍ରରେ ପରିଶ୍ରମ ବଢ଼ିବ। ଘର, ଗାଡି ଇତ୍ୟାଦି କ୍ରୟ ଯୋଗ ଅଛି। ପ୍ରେମ ସମ୍ପର୍କ ଭାଙ୍ଗି ପାରେ। ଶୁଭ ତାରିଖ : ୧୮, ୨୨, ଭାଗ୍ୟଫଳ : ୫୦%। ପ୍ରତିକାର : ଭଗବାନ ବିଷ୍ଣୁଙ୍କୁ ହଳଦିଆ ଜିନିଷ ଅର୍ପଣ କରନ୍ତୁ।

**ଧନୁ** ମଧୁମେହ ରୋଗୀ ସତର୍କ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ କଠିନ ପରିଶ୍ରମ କଲେ ଫଳ ମିଳିବ। ଋଣ କରି ପାରନ୍ତି। ପ୍ରେମ ସମ୍ବନ୍ଧରେ ପ୍ରତିବନ୍ଧକ। ଦାମ୍ପତ୍ୟ ଭଲ ରହିବ। ଶୁଭ ତାରିଖ : ୨୯, ୫, ଭାଗ୍ୟପଳ : ୭୦%। ପ୍ରତିକାର : ହନୁମାନଙ୍କୁ ମିଠା ଭୋଗ ଲଗାନ୍ତୁ।

**ମକର** ସ୍ୱାସ୍ଥ୍ୟ ଉତ୍ତମ ରହିବ। ନିଜ ଲୋକ ଅସୁବିଧାରେ ପକାଇବେ। ଦୂରଯାତ୍ରା ଯୋଗ ଅଛି। ନେଣଦେଣରେ ଧନ କ୍ଷତି ହୋଇପାରେ। ପରିବାର ସୁଖ ପାଇବେ। ଶୁଭ ତାରିଖ : ୩୦, ୩, ଭାଗ୍ୟଫଳ : ୮୦%। ପ୍ରତିକାର : ଶନିବାର ଦିନ ଗଛଟିଏ ଲଗାନ୍ତୁ।

**କୁମ୍ଭ** ଶରୀରରେ ପୀଡା ଅନୁଭବ କରିବେ। କାର୍ଯ୍ୟକ୍ଷେତ୍ରରେ ସମ୍ମାନ ବଢ଼ିବ। ଆୟ ବଢ଼ିବ। ପାରିବାରିକ କାମରେ ବ୍ୟସ୍ତ ରହିବେ। ବିଦେଶ ଭ୍ରମଣର ଯୋଗ ଅଛି। ଶୁଭ ତାରିଖ : ୨୦, ୨୨, ଭାଗ୍ୟଫଳ : ୭୦%। ପ୍ରତିକାର : ବିଷ୍ଣୁ ସହସ୍ର ନାମ ପାଠ କରନ୍ତୁ।

**ମୀନ** ସନ୍ତାନଙ୍କ ସ୍ୱାସ୍ଥ୍ୟ ବିଗିଡି ପାରେ। ବିଦେଶ ଯାତ୍ରା ଯୋଗ। ନୂଆ ବ୍ୟବସାୟ କରିବେ। ଆୟ ବଢ଼ିବ। ପ୍ରେମ ବିବାହ ଯୋଗ ଅଛି। ଶୁଭ ତାରିଖ ୨୯, ୩୦, ଭାଗ୍ୟଫଳ : ୯୦%। ପ୍ରତିକାର : ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ଜାତିସଂଘ ଜନସଂଖ୍ୟା ରିପୋର୍ଟ

# ଭାରତରେ କମୁଛି ପ୍ରଜନନ ହାର

**ନୂଆଦିଲ୍ଲୀ :** ଭାରତର ଜନସଂଖ୍ୟା ୨୦୨୫ରେ ୧୪୬ କୋଟିରେ ପହଞ୍ଚିବାକୁ ଯାଉଥିବା ଆକଳନ କରାଯାଇଛି, ଯାହାକି ବିଶ୍ୱରେ ସର୍ବାଧିକ। ଜାତିସଂଘ ଜନସଂଖ୍ୟା ରିପୋର୍ଟରୁ ଏହା ଜଣାପଡ଼ିଛି। ଅନ୍ୟପକ୍ଷରେ ଦେଶର ମୋଟ ପ୍ରଜନନ ହାର ପ୍ରତିସ୍ଥାପନ ହାର (ଅର୍ଥାତ୍ ଜନସଂଖ୍ୟା ବଜାୟ ରଖିବା ପାଇଁ ଆବଶ୍ୟକ ପ୍ରଜନନ ସ୍ତର) ଠାରୁ କମ୍ ରହିଛି। ୟୁଏନ୍ଏଫ୍ପିଏର ଚଳିତ ବର୍ଷର ଷ୍ଟେଟ୍ ଅଫ୍ ୱାର୍ଲଡ଼ ପପୁଲେଶନ (ଏସ୍ଓଡବ୍ଲ୍ୟୁପି) ରିପୋର୍ଟ, ଦି ରିଅଲ ଫର୍ଟିଲିଟି କ୍ରାଇସିସ୍ ତଥ୍ୟ ଅନୁଯାୟୀ, ବିଭିନ୍ନ ଦେଶରେ ପ୍ରଜନନ ହାର ଭୟଙ୍କର ଭାବେ ହ୍ରାସ ପାଉଛି, ଯାହା ପ୍ରଜନନ ଲକ୍ଷ୍ୟ ପୂରଣ ପାଇଁ ସମର୍ଥ ନୁହେଁ। ଅନେକ ଲକ୍ଷ ଲୋକ ସେମାନଙ୍କ ବାସ୍ତବ ପ୍ରଜନନ ଲକ୍ଷ୍ୟ ବୁଝିବାକୁ ଅସମର୍ଥ ବୋଲି



ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜାତିସଂଘ ରିପୋର୍ଟ ଅନୁଯାୟୀ ଭାରତରେ ମହିଳାଙ୍କ ମୋଟ ପ୍ରଜନନ ହାର ୧.୯କୁ ହ୍ରାସ ପାଇଛି। ଜନସଂଖ୍ୟା ସ୍ତରକୁ ବଜାୟ ରଖିବାକୁ ହେଲେ ପ୍ରଜନନ ହାର ୨.୧ ଆବଶ୍ୟକ ଥିବାବେଳେ ବର୍ତ୍ତମାନ ତାହା ହ୍ରାସ ପାଇ ୧.୯ରେ ପହଞ୍ଚିଛି। ଜନ୍ମ ହାର ହ୍ରାସ ସତ୍ତ୍ୱେ ଭାରତରେ ଯୁବ ଜନସଂଖ୍ୟା ବେଶ୍ ଭଲ ରହିଛି। ୦ରୁ ୧୪ ବର୍ଷ ବୟସ ବର୍ଗର ପିଲାଙ୍କ ହାର ୨୪% ହୋଇଥିବାବେଳେ ୧୦ରୁ ୧୯ ବର୍ଷ ବର୍ଗର ପିଲାଙ୍କ ହାର ୧୭% ଏବଂ ୧୦ରୁ ୨୪ ବର୍ଷ ପିଲାଙ୍କ ହାର ୨୬% ରହିଛି। କାର୍ଯ୍ୟକ୍ଷମ ବୟସ (୧୫ରୁ ୬୪ ବର୍ଷ)ର ଲୋକଙ୍କ ହାର ୬୮ ପ୍ରତିଶତ ରହିଥିବା ରିପୋର୍ଟରୁ ଜଣାପଡ଼ିଛି। ୬୫ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ଲୋକଙ୍କ ସଂଖ୍ୟା ୭ ପ୍ରତିଶତକୁ ହ୍ରାସ ପାଇଛି। ଆୟୁଷ ବଢ଼ିବା ସହ ଆଗାମୀ ଦିନରେ ବୟସ୍କ ଜନସଂଖ୍ୟା ବଢ଼ିବା ଆଶା କରାଯାଉଛି। ବର୍ତ୍ତମାନ ସମୟରେ ପ୍ରତ୍ୟାଶିତ ଆୟୁଷ ପୁରୁଷଙ୍କ ପାଇଁ ୭୧ ବର୍ଷ ଓ ମହିଳାଙ୍କ ପାଇଁ ୭୪ ବର୍ଷ ରହିଛି। ଜାତିସଂଘ ଆକଳନ ଅନୁଯାୟୀ ଭାରତର ବର୍ତ୍ତମାନର ଜନସଂଖ୍ୟା ୧୪୬.୩୯ କୋଟି ହୋଇଥିବାବେଳେ ଏହା ହ୍ରାସ ପାଇବା ଆରମ୍ଭ ହେବା ପୂର୍ବରୁ ଆଗାମୀ ୪୦ ବର୍ଷ ମଧ୍ୟରେ ୧୭୦ କୋଟିରେ ପହଞ୍ଚତ୍ୱ ବୋଲି ରିପୋର୍ଟରେ ଆଶାବ୍ୟକ୍ତ କରାଯାଇଛି। ଜାତିସଂଘ ଅଧ୍ୟୟନ ଅନୁଯାୟୀ, ଭାରତରେ ସନ୍ତାନ ଜନ୍ମ ସ୍ୱାଧୀନତାରେ ଆର୍ଥିକ୍ ସୀମିତତା ବଡ଼ ପ୍ରତିବନ୍ଧକ ବୋଲି ୩୮ ପ୍ରତିଶତ ମତ ଦେଇଛନ୍ତି। ଭାରତ ସମେତ ୧୪ ଦେଶର ୧୪ ହଜାର ଲୋକଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ଆୟ ସୀମିତ ହୋଇଥିବାରୁ ପରିବାର ବଢ଼ାଇବାକୁ ଚାହୁଁ ନ ଥିବା ଭାରତର ୩୮ ପ୍ରତିଶତ ମତ ଦେଇଥିଲେ। ସେହିପରି ଚାକିରିରେ ସୁରକ୍ଷା ନ ଥିବା କାରଣରୁ ୨୧%, ଘର ସମସ୍ୟା ପାଇଁ ୨୨% ଏବଂ ବିଶ୍ୱସ୍ତ ଶିଶୁଯତ୍ନ ଅଭାବ ପାଇଁ ୧୮ ପ୍ରତିଶତ ପିଲା ଜନ୍ମ କରିବାକୁ ଚାହୁଁ ନ ଥିବା ରିପୋର୍ଟରେ କୁହାଯାଇଛି। ଏହା ବ୍ୟତୀତ ଅସୁସ୍ଥତା, ବନ୍ଧ୍ୟାତ୍ୱ, ଗର୍ଭାବସ୍ଥା ସମୟର ଯତ୍ନର ଅଭାବ ଆଦି ଅନ୍ୟ କାରଣ ମଧ୍ୟ ରହିଛି।

## ୨୦ରୁ କମ୍ ଓ ୨୮ ଡିଗ୍ରୀରୁ ଅଧିକ ତାପମାତ୍ରାରେ ଚଲାଇ ପାରିବେନି ଏସି

**ନୂଆଦିଲ୍ଲୀ :** ସାରା ଦେଶରେ ପ୍ରବଳ ଗରମ ଏବଂ ଗ୍ରୀଷ୍ମ ପ୍ରବାହ ମଧ୍ୟରେ କେନ୍ଦ୍ର ସରକାର ଏୟାର କଣ୍ଡିସନର(ଏସି) ବ୍ୟବହାର ସମ୍ପର୍କରେ ଏକ ବଡ଼ ଯୋଜନା ଘୋଷଣା କରିଛନ୍ତି। କେନ୍ଦ୍ର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ମନୋହର ଲାଲ ଖଟ୍ଟର ମଙ୍ଗଳବାର କହିଛନ୍ତି ଯେ, ଏବେ ଏସି ତାପମାତ୍ରା ମାନକୀକରଣ କରାଯିବ। ସେ କହିଛନ୍ତି, ଶକ୍ତି ସଂରକ୍ଷଣ, ବିଦ୍ୟୁତ୍ ବ୍ୟବହାର ହ୍ରାସ ଏବଂ ପରିବେଶ ସନ୍ତୁଳନକୁ ଧ୍ୟାନରେ ରଖି ଏହି ପଦକ୍ଷେପ ନିଆଯାଇଛି। ମନ୍ତ୍ରୀଙ୍କ କହିବାନୁସାରେ, ଏଣିକି ପ୍ରତ୍ୟେକ କ୍ଷେତ୍ରରେ ବ୍ୟବହାର ହେଉଥିବା ଏସିରେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ଏବଂ ସର୍ବାଧିକ ତାପମାତ୍ରା ୨୮ ଡିଗ୍ରୀ ରହିବ। ଜଳବାୟୁ ପରିବର୍ତ୍ତନ, ବର୍ଦ୍ଧିତ ତାପମାତ୍ରା ଏବଂ ଶୀତଳୀକରଣ ଉପକରଣର ବ୍ୟବହାର ବଢୁଥିବାବେଳେ ଏହି ନିୟମ ଆଣିବାକୁ ଚିନ୍ତା କରିଛନ୍ତି କେନ୍ଦ୍ର ସରକାର। ସାଧାରଣତଃ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ତୁଳନାରେ ଏସିରେ ଅଧିକ ବିଜୁଳି ଶକ୍ତି ଖର୍ଚ୍ଚ ହୋଇଥାଏ, କିନ୍ତୁ ଏହି ନୂତନ ନିୟମ ଆସିବା ଦ୍ୱାରା ଏସି ଲାଗିବା ସମୟରେ ବିଜୁଳି ଶକ୍ତି ହ୍ରାସ କରିବାରେ ସହାୟକ ହେବ।

# ମୁଦ୍ରାସ୍ଫୀତି ୨.୮୨%କୁ ହ୍ରାସ

**ନୂଆଦିଲ୍ଲୀ :** ଦେଶର ଖୁଚୁରା ମୁଦ୍ରାସ୍ଫୀତି ମେ’ ମାସରେ ୨.୮୨%କୁ ହ୍ରାସ ପାଇଛି। ଗତ ୬ ବର୍ଷ ମଧ୍ୟରେ ଏହା ସର୍ବନିମ୍ନ। ଖାଦ୍ୟ ମୂଲ୍ୟରେ ନିୟନ୍ତ୍ରଣ ପାଇଁ ମୁଦ୍ରାସ୍ଫୀତି ହ୍ରାସ ପାଇଛି। ଏନେଇ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଏପ୍ରିଲରେ ୩.୧୬%ରୁ ମେ’ରେ ୩୪ ବେସିସ୍ ପଏଣ୍ଟ ହ୍ରାସ ପାଇଛି। ଗୋଆରେ ଜାତୀୟ ହାର ଠାରୁ ସର୍ବାଧିକ ମୁଦ୍ରାସ୍ଫୀତି ୬.୮୨% ଥିବାବେଳେ ତେଲଙ୍ଗାନାରେ ସର୍ବନିମ୍ନ ୦.୫୫% ରହିଛି। ଓଡ଼ିଶାରେ ମଧ୍ୟ ଜାତୀୟ ହାର ଠାରୁ କମ୍ ୨.୨୮% ମୁଦ୍ରାସ୍ଫୀତି ରହିଛି। ଦେଶରେ ଖାଦ୍ୟ ମୂଲ୍ୟ ନିୟନ୍ତ୍ରଣରେ ଥିବାରୁ ମୁଖ୍ୟ ମୁଦ୍ରାସ୍ଫୀତି ୨୦୧୯ ଫେବୃଆରୀ ପରେ ସର୍ବନିମ୍ନ ସ୍ତର ୨.୮୨ ପ୍ରତିଶତକୁ ହ୍ରାସ ପାଇଛି। ୨୦୨୪ ମେ’ରେ ମୁଦ୍ରାସ୍ଫୀତି ୮.୬୯% ଥିଲା। ଉପଭୋକ୍ତା ଖାଦ୍ୟ ମୂଲ୍ୟ ସୂଚକାଙ୍କ (ସିଏଫ୍ପିଆଇ) ଦ୍ୱାରା ମପା ଯାଉଥିବା ଖାଦ୍ୟ ମୁଦ୍ରାସ୍ଫୀତି ମେ’ରେ ୦.୯୯%କୁ ହ୍ରାସ ପାଇଛି, ଯାହା ୨୦୨୧ ଅକ୍ଟୋବର ପରେ ସର୍ବନିମ୍ନ। ଡାଲି, ପରିବା, ଫଳ, ଶସ୍ୟ, ଅଣ୍ଡା, ଚିନି ଏବଂ ଘରୋଇ ଖାଦ୍ୟ ଓ ସେବା ସମେତ ପ୍ରମୁଖ ଖାଦ୍ୟ ବର୍ଗରେ ମୂଲ୍ୟ ହ୍ରାସ ହୋଇଥିବାରୁ ମୁଦ୍ରାସ୍ଫୀତିରେ ଏଭଳି ଉଲ୍ଲେଖନୀୟ ହ୍ରାସ ଘଟିଛି। ଏପ୍ରିଲରେ ଗ୍ରାମୀଣ ମୁଦ୍ରାସ୍ଫୀତି ୨.୯୨%ରୁ ମେ’ରେ ୨.୫୯%କୁ ହ୍ରାସ ପାଇଛି। ତେବେ ଗ୍ରାମୀଣ ଅଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତି ୧.୮୫%ରୁ ୦.୯୫%କୁ ହ୍ରାସ ପାଇଛି। ସେହିପରି ସହରୀ ମୁଦ୍ରାସ୍ଫୀତି ୩.୦୭%ରୁ ୩.୦୭%କୁ ହ୍ରାସ ପାଇଛି। ସହରାଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତି ୧.୬୪%ରୁ ୦.୯୬%କୁ ଖସିଛି। ଗୃହ ମୁଦ୍ରାସ୍ଫୀତି (ସହରରେ) ୩.୧୬%କୁ ବଢ଼ିଥିବାବେଳେ ଶିକ୍ଷା ମୁଦ୍ରାସ୍ଫୀତି ୪.୧୨%କୁ ସାମାନ୍ୟ ଖସିଛି। ସ୍ୱାସ୍ଥ୍ୟ ମୁଦ୍ରାସ୍ଫୀତି ୪.୩୪%କୁ ବଢ଼ିଥିବାବେଳେ ପରିବହନ ଓ ଯୋଗାଯୋଗ ମୁଦ୍ରାସ୍ଫୀତି ୩.୮୫%କୁ ବଢ଼ିଛି। ଇନ୍ଧନ ମୁଦ୍ରାସ୍ଫୀତି ୨.୭୮%କୁ ହ୍ରାସ ପାଇଛି। ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଗୋଆରେ ସର୍ବାଧିକ ମୁଦ୍ରାସ୍ଫୀତି ୬.୮୨ ପ୍ରତିଶତ ଥିବାବେଳେ ଏହା ପଛକୁ କେରଳ ୬.୪୬ ପ୍ରତିଶତ, ପଞ୍ଜାବ ୫.୨୧ ପ୍ରତିଶତ, ଜମ୍ମୁ ଏବଂ କାଶ୍ମୀର ୪.୫୫ ପ୍ରତିଶତ, ହରିୟାଣା ୩.୬୭ ପ୍ରତିଶତ ଓ ଉତ୍ତରାଖଣ୍ଡରେ ୩.୪୭ ପ୍ରତିଶତ ରହିଛି। ତେଲଙ୍ଗାନାରେ ସର୍ବନିମ୍ନ ମୁଦ୍ରାସ୍ଫୀତି ୦.୫୫ ପ୍ରତିଶତ ରହିଛି। ଓଡ଼ିଶାରେ ଜାତୀୟ ହାର ଠାରୁ କମ୍ ୨.୨୮ ପ୍ରତିଶତ ରହିଛି। ଏହି ମୁଦ୍ରାସ୍ଫୀତି ରିଜର୍ଭ ବ୍ୟାଙ୍କର ଧାର୍ଯ୍ୟ ଲକ୍ଷ୍ୟ ସୀମା ମଧ୍ୟରେ ରହିଛି। ୨୦୨୫-୨୬ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ୩.୭ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି।

### ୩ ରାଜ୍ୟର ୭ ଜିଲ୍ଲାକୁ ମୋଦୀ ସରକାରଙ୍କ ବଡ଼ ଉପହାର

# ୬୪୦୦ କୋଟିର ରେଲୱେ ପ୍ରୋଜେକ୍ଟକୁ ମଞ୍ଜୁରୀ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ରେଳ ମନ୍ତ୍ରଣାଳୟର ଦୁଇଟି ମହତ୍ୱପୂର୍ଣ୍ଣ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପରେ ସମୁଦାୟ ୬,୪୦୫ କୋଟି ଟଙ୍କା ଖର୍ଚ୍ଚ ହେବ। ଝାଡ଼ଖଣ୍ଡ, କର୍ଣ୍ଣାଟକ ଓ ଆନ୍ଧ୍ର ପ୍ରଦେଶର ସାତ ଜିଲ୍ଲାକୁ ସାମିଲ କରି ଭାରତୀୟ ରେଲୱେର ଦୁଇଟି ମଲଟିଟ୍ରାକିଂ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି। ଏହାଦ୍ୱାରା କେବଳ ରେଲୱେର ପରିଚାଳନା ଦକ୍ଷତାରେ ସୁଧାର ହେବ ବରଂ ଯାତ୍ରୀ ଏବଂ ମାଲ୍ ପରିବହନ କ୍ଷମତା ମଧ୍ୟ ବଢ଼ିବ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି ଯେ କୋଡରମାରୁ ବରକାକାନା ମଧ୍ୟରେ ୧୩୩ କିଲୋମିଟର ଡବଲ ଲେନକୁ ମଞ୍ଜୁରୀ ମିଳିଛି, ଯାହାର ମୂଲ୍ୟ ୩୦୬୩ କୋଟି ଟଙ୍କା ହେବ। ଏହା ପାଟନା ଏବଂ ରାଞ୍ଚି ମଧ୍ୟରେ ଦୂରତାକୁ ହ୍ରାସ କରିବ। ଏହା କୋଡରମା, ଛତ୍ର, ହଜାରୀବାଗ ଏବଂ ରାମଗଡ଼ ଜିଲ୍ଲାକୁ ମଧ୍ୟ ସଂଯୋଗ କରିବ।



ଝାଡ଼ଖଣ୍ଡରେ ଭାରତୀୟ ରେଳବାଇର କୋଡରମା-ବରକାକାନା ମଲ୍ଟିଟ୍ରାକିଂ ପ୍ରକଳ୍ପ ବିଷୟରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ‘ବିଶେଷଜ୍ଞଙ୍କ ଗଣନା ଅନୁଯାୟୀ, ଏହି ପ୍ରକଳ୍ପରୁ କାର୍ବନ ଡାଇଅକ୍ସାଇଡର ପରିମାଣ ସାତ କୋଟି ଗଛ ଲଗାଇବା ସହିତ ସମାନ ହେବ। ଏହା ଦେଶରେ ବାର୍ଷିକ ୩୨ କୋଟି ଲିଟର ଡିଜେଲ ମଧ୍ୟ ସଞ୍ଚୟ କରିବ। ଏହା ୯୩୮ ଗ୍ରାମ ଏବଂ ୧୫ ଲକ୍ଷ ଜନସଂଖ୍ୟାକୁ ଲାଭ ଦେବ। ଏହା ୩୦.୪ ନିୟୁତ ଟନ୍ ଅତିରିକ୍ତ ସାମଗ୍ରୀ ବହନ କରିପାରିବ, ଯାହା ସଡ଼କ ପଥରେ ସାମଗ୍ରୀ ପଠାଇବାରେ ପରିବେଶ ଦୃଷ୍ଟିକୋଣରୁ ମଧ୍ୟ ଭଲ ଲାଭଦାୟୀ ହେବ। କେନ୍ଦ୍ର ସରକାର କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶରେ ଭାରତୀୟ ରେଳବାଇର ବଲ୍ଲାରୀ-ଚିକଜାଜୁର ମଲ୍ଟିଟ୍ରାକିଂ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହା ଦୁଇ ଲେନ୍ ହେବ, ଯାହା ମାଙ୍ଗାଲୋର ବନ୍ଦର ସହିତ ଯୋଗାଯୋଗକୁ ଆହୁରି ଉନ୍ନତ କରିବ। ଏ ସମ୍ପର୍କରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ‘ଏହି ପ୍ରକଳ୍ପରେ ୧୮୫ କିଲୋମିଟର ରେଳ ଲାଇନକୁ ଦୁଇ ଗୁଣ କରାଯିବ, ଯାହାର ମୂଲ୍ୟ ୩,୩୪୨ କୋଟି ଟଙ୍କା ହେବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଐତିହାସିକ ତୃତୀୟ କାର୍ଯ୍ୟକାଳରେ ପରିବହନ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବା ପାଇଁ ଅନେକ ପ୍ରକଳ୍ପ ଆରମ୍ଭ କରାଯାଇଛି।

# ଭାରତରେ ୮୫,୬୯୮ କୋଟିପତି

**ନୂଆଦିଲ୍ଲୀ :** ନାଇଟ୍ ଫ୍ରାଙ୍କ ଗ୍ଲୋବାଲ୍ ୱେଲଥ୍ ରିପୋର୍ଟ ୨୦୨୫ ଅନୁଯାୟୀ, ଭାରତ ବିଶ୍ୱରେ ଚତୁର୍ଥ ବୃହତ୍ତମ କୋଟିପତି ବ୍ୟକ୍ତିଙ୍କ (ଏଚ୍ଏନଡବ୍ଲ୍ୟୁଆଇଏସ୍) କେନ୍ଦ୍ର ଭାବେ ଉଭା ହୋଇଛି। ଯେଉଁଠାରେ ୮୫,୬୯୮ ଜଣ ଲୋକଙ୍କର ମୋଟ ସମ୍ପତ୍ତି ୧୦ ମିଲିୟନ ଡଲାରରୁ ଅଧିକ। ଧନୀ ବ୍ୟକ୍ତିଙ୍କ ସଂଖ୍ୟା ଦୃଷ୍ଟିରୁ ଭାରତ ବର୍ତ୍ତମାନ କେବଳ ଯୁକ୍ତରାଷ୍ଟ୍ର, ଚାଇନା ଏବଂ ଜାପାନ ପଛରେ ରହିଛି, ଯାହା ବିଶ୍ୱ ଏଚ୍ଏନଡବ୍ଲ୍ୟୁଆଇ ଜନସଂଖ୍ୟାର ୩.୭% ଅଟେ। ରିପୋର୍ଟରେ ଭାରତର ଶକ୍ତିଶାଳୀ ଅର୍ଥନୈତିକ ବୃଦ୍ଧି, ଉଦ୍ୟୋଗୀ କାର୍ଯ୍ୟକଳାପର ବୃଦ୍ଧି ଏବଂ ପୁଞ୍ଜିର ବର୍ଦ୍ଧିତ ପ୍ରବେଶକୁ ବ୍ୟକ୍ତିଗତ ସମ୍ପତ୍ତିର ବୃଦ୍ଧିର ମୁଖ୍ୟ କାରଣ ଭାବେ ଉଲ୍ଲେଖ କରାଯାଇଛି। ନାଇଟ୍ ଫ୍ରାଙ୍କ ରିପୋର୍ଟ ଅନୁଯାୟୀ, ଭାରତର ଡିଜିଟାଲ୍ ଭିତ୍ତିଭୂମି, ବିଶେଷତଃ ସ୍ମାର୍ଟଫୋନ୍ ଏବଂ ଡିଜିଟାଲ୍ ବ୍ୟାଙ୍କିଙ୍ଗର ବ୍ୟାପକତା, ପୂର୍ବ ଦଶନ୍ଧିଗୁଡ଼ିକ ତୁଳନାରେ



ସମ୍ପତ୍ତି ସୃଷ୍ଟିକୁ ଅଧିକ ସୁଲଭ କରିଛି। ରିପୋର୍ଟରେ ଭାରତର ଆରବପତିଙ୍କ ଜନସଂଖ୍ୟାରେ ତୀବ୍ର ବୃଦ୍ଧି ହେଉଛି ବୋଲି ଉଲ୍ଲେଖ କରାଯାଇଛି, ଯାହା ଗତ ବର୍ଷ ମଧ୍ୟରେ ୧୨% ବୃଦ୍ଧି ପାଇଛି। ଭାରତରେ ବର୍ତ୍ତମାନ ୧୯୧ ଜଣ ଆରବପତି ଅଛନ୍ତି, ଯାହା ୨୦୨୩ରେ ୧୬୫ ଥିଲା। ଏହା ମଧ୍ୟରେ ଗୋଟିଏ ବର୍ଷରେ ୨୬ ଜଣ ନୂଆ ଆରବପତି ସୃଷ୍ଟି ହୋଇଛନ୍ତି, ଯାହା ୨୦୧୯ରେ ଯୋଗ ହୋଇଥିବା ୭ ଜଣଙ୍କ ତୁଳନାରେ ଅଧିକ ଦ୍ରୁତ। ଭାରତୀୟ ଆରବପତିମାନେ ବର୍ତ୍ତମାନ ପ୍ରାୟ ୦.୯୫ ଟ୍ରିଲିୟନ ଡଲାର ମୂଲ୍ୟର ସମ୍ପତ୍ତି ଅଧିକାରୀ ଅଟନ୍ତି, ଯାହା ଫ୍ରାନ୍ସ, ଜର୍ମାନୀ ଏବଂ ବ୍ରିଟେନଠାରୁ ଆଗରେ ଅଛି, ଯଦିଓ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଚାଇନାଠାରୁ ପଛରେ। ଭାରତର ଧନୀ ବ୍ୟକ୍ତିମାନେ, ବିଶ୍ୱର ଅନ୍ୟ ଧନୀମାନଙ୍କ ପରି, ରିଅଲ୍ ଇଷ୍ଟେଟକୁ ଅଧିକ ଗୁରୁତ୍ୱ ଦିଅନ୍ତି। ବିଶ୍ୱରେ ଆରବପତିଙ୍କ ସମ୍ପତ୍ତିର ପ୍ରାୟ ୩୦% ରିଅଲ୍ ଇଷ୍ଟେଟରେ ରହିଛି, ଏବଂ ଏହି ପ୍ରବୃତ୍ତି ଭାରତରେ ବିଶେଷ ଭାବେ ଶକ୍ତିଶାଳୀ, ଯେଉଁଠାରେ ସମ୍ପତ୍ତିକୁ ସାମାଜିକ ମର୍ଯ୍ୟାଦା ଏବଂ ସ୍ଥିରତାର ପ୍ରତୀକ ଭାବେ ଦେଖାଯାଏ। ଭାରତୀୟ ଏଚ୍ଏନଡବ୍ଲ୍ୟୁଆଇମାନେ ଦୁବାଇ, ଲଣ୍ଡନ ଏବଂ ସିଙ୍ଗାପୁର ଭଳି ବିଦେଶୀ ବଜାରରେ ମଧ୍ୟ ବିନିଯୋଗ କରିବାକୁ ଆଗ୍ରହୀ। ରିପୋର୍ଟ ଅନୁଯାୟୀ, ଭାରତର ଧନୀ ବ୍ୟକ୍ତିଙ୍କ ଜନସଂଖ୍ୟା ୨୦୨୮ ସୁଦ୍ଧା ୪୩% ବୃଦ୍ଧି ପାଇ ଆନୁମାନିକ ୧୨୨,୧୧୯ ବ୍ୟକ୍ତିଙ୍କୁ ଛୁଇଁବ।

# ମେ’ରେ ବଜ୍ରପାତ ନେଇଛି ୧୯୯ ଜୀବନ

**ନୂଆଦିଲ୍ଲୀ :** ଚିନ୍ତା ବଢାଇଛି ବଜ୍ରପାତ। ଆକାଶରୁ ନିଆଁ ସାଜି ଖସୁଛି କାଳ। ମେ’ ମାସରେ ସାରାଦେଶରେ ବଜ୍ରପାତ ନେଇଛି ୧୯୯ ନିରୀହ ଜୀବନ। ଏ ନେଇ ସଦ୍ୟ ପ୍ରକାଶ ପାଇଥିବା ଆଇଏମ୍ଡି ରିପୋର୍ଟ ବଢ଼ାଇଛି ଉଦବେଗ। ଚଳିତବର୍ଷ ମେ’ ମାସରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ସାରା ଦେଶରେ ପାଖାପାଖି ୨୬୦ ଜଣଙ୍କର ପ୍ରାଣହାନୀ ଘଟିଥିବା ବେଳେ, କେବଳ ବଜ୍ରପାତରେ ହିଁ ୧୯୯ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଦେଶର ୧୯ଟି ରାଜ୍ୟ ଭିତରେ ଓଡିଶା ବି ରହିଛି। ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ଓଡିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, କର୍ଣ୍ଣାଟକ, ଝାଡଖଣ୍ଡ, ବିହାର, ଦିଲ୍ଲୀ, ହରିୟାଣା, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଆସାମ, ଗୁଜରାଟ, କେରଳ, ପଞ୍ଜାବ, ଚଣ୍ଡୀଗଡ଼ ସହିତ ଜାମ୍ମୁ ଓ କାଶ୍ମୀର ଏହି ତଥ୍ୟରେ ଅନ୍ତର୍ଭୁକ୍ତ ଅଛି। ତେବେ ମେ’ ମାସରେ ମୌସୁମୀ ଜନିତ ବର୍ଷା ପାଇଁ ଲୋକେ ବିଲରେ



ଦିନ ସମୟରେ ଚାଷରେ ବ୍ୟସ୍ତ ରହୁଥିବାରୁ ମୃତ୍ୟୁ ସଂଖ୍ୟା ଅଧିକ ହେଉଛି। ହେଲେ ବିଜୁଳି ଘଡ଼ଘଡ଼ି ଓ ବଜ୍ରପାତ ହେଲେ କେହି ସୁରକ୍ଷିତ ସ୍ଥାନକୁ ଯିବାକୁ ବେଶୀ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ବଜ୍ରପାତ ଜନିତ ମୃତ୍ୟୁ ଅଧିକ ହୋଇଛି ବୋଲି ସୂଚନା ଦେଇଛନ୍ତି ଆଇଏମଡି। ତେବେ ଦେଶର ୧୯ଟି ରାଜ୍ୟ ଭିତରୁ ଓଡିଶା ପରିପ୍ରେକ୍ଷୀରେ ଉତ୍ତର ଓଡିଶା, ଦକ୍ଷିଣ ଓଡିଶା ସହିତ ଆଭ୍ୟନ୍ତରୀଣ ଓଡ଼ିଶାରେ ଅଧିକ ବଜ୍ରପାତ ଜନିତ ମୃତ୍ୟୁ ମାମଲା ଚଳିତବର୍ଷ ସାମ୍ନାକୁ ଆସିଛି।

### ପ୍ରଥମ ଥର ମନରେଗାରେ ଖର୍ଚ୍ଚ ଲିମିଟ୍ ସ୍ଥିର କଲେ କେନ୍ଦ୍ର ସରକାର

# ପ୍ରଥମ ୬ ମାସରେ ମୋଟ ବାର୍ଷିକ ଆବଣ୍ଟନର ୬୦% ଯାଏ ସୀମିତ

**ନୂଆଦିଲ୍ଲୀ :** ସାରାଦେଶରେ ଗ୍ରାମାଞ୍ଚଳରେ ଶ୍ରମିକଙ୍କୁ ନିଯୁକ୍ତିର ଗ୍ୟାରେଣ୍ଟି ଦେଉଥିବା ମହତ୍ୱାକାଂକ୍ଷୀ ଯୋଜନା ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମାଞ୍ଚଳ ରୋଜଗାର ଗ୍ୟାରେଣ୍ଟି ଯୋଜନା (ମନରେଗା)ରେ ପ୍ରଥମ ଥର କେନ୍ଦ୍ର ସରକାର ଖର୍ଚ୍ଚ ସୀମାରେ ପ୍ରତିବନ୍ଧକ ଲଗାଇଛନ୍ତି। କେନ୍ଦ୍ରୀୟ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଆର୍ଥିକ ବର୍ଷ ୨୦୨୫-୧୬ର ପ୍ରଥମ ୬ ମାସରେ ମନରେଗା ଅନୁସାରେ ହେବାକୁ ଥିବା ଖର୍ଚ୍ଚକୁ ମୋଟ ବାର୍ଷିକ ଆବଣ୍ଟନର ୬୦ ପ୍ରତିଶତ ଯାଏ ସୀମିତ କରି ଦେଇଛନ୍ତି। ଏବେସୁଦ୍ଧା ଏହି ଯୋଜନାରେ ଖର୍ଚ୍ଚର କୌଣସି ସୀମା ସ୍ଥିର ନଥିଲା ଏବଂ ଏହି ଏକ ଚାହିଦା ଭିତ୍ତିକ ଯୋଜନା ଭାବେ ରହି ଆସିଛି। ମିଳିଥିବା ସୂଚନା ଅନୁସାରେ କେନ୍ଦ୍ରୀୟ ଅର୍ଥ ମନ୍ତ୍ରଣାଳୟ କେନ୍ଦ୍ରୀୟ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟକୁ ସୂଚିତ କରିଛି ଯେ, ଏବେ ଏହି ଯୋଜନା ଅନୁସାରେ ହେବାକୁ ଥିବା ଖର୍ଚ୍ଚକୁ ମାସିକ / ତ୍ରୟମାସିକ ବ୍ୟୟ ଯୋଜନା (ଏମ୍ଇପି/କ୍ୟୁଇଆର) ଅନୁସାରେ ଅଣାଯିବ, ଯାହା ଏକ ଖର୍ଚ୍ଚ ଉପରେ ନିୟନ୍ତ୍ରଣର ଏକ ପଦକ୍ଷେପ। ହେଲେ, ଏହି ଯୋଜନାକୁ ଏବେସୁଦ୍ଧା ଏପରି ନିୟନ୍ତ୍ରଣର ପଦକ୍ଷେପରେ ମୁକ୍ତ ରଖାଯାଇ ଥିଲା। ସୂଚନାଥାଉ କି, କେନ୍ଦ୍ରୀୟ ଅର୍ଥ ମନ୍ତ୍ରଣାଳୟ ସବୁ ମନ୍ତ୍ରଣାଳୟ ଅନୁସାରେ କ୍ୟାଶ ଫ୍ଲୋ ଓ ଅନାବଶ୍ୟକୀୟ ଋଣକୁ ହ୍ରାସ କରିବା ଓ ଏହାକୁ ନିୟନ୍ତ୍ରିତ କରିବା ପାଇଁ ୨୦୧୭ରେ ମାସିକ/ତ୍ରୟମାସିକ ବ୍ୟୟ ଯୋଜନାର ଆରମ୍ଭ କରିଥିଲା, କିନ୍ତୁ ମନରେଗା ସ୍କିମ୍‌କୁ ଏଥିରୁ ବାହାରେ ରଖି ଥିଲା। ଏମିତି କୁହାଯାଉଛି ଯେ, ଆର୍ଥିକ ବର୍ଷ ୨୦୨୫-୨୬ର ଆରମ୍ଭରେ ହିଁ ଅର୍ଥ ମନ୍ତ୍ରଣାଳୟ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଥିଲେ ଯେ, ସେ ମନରେଗାକୁ ମଧ୍ୟ ମାସିକ/ତ୍ରୟମାସିକ ବ୍ୟୟ ଯୋଜନା ଢାଞ୍ଚାରେ ସାମିଲ କରନ୍ତୁ। ଗତ ମାସରେ ୨୦ ମେ’ରେ କେନ୍ଦ୍ରୀୟ ଅର୍ଥ ମନ୍ତ୍ରଣାଳୟ ଏହି



ମାମଲାରେ ବିକାଶ ମନ୍ତ୍ରଣାଳୟକୁ ଚିଠି ପଠାଇ ୬୦ ପ୍ରତିଶତ ଖର୍ଚ୍ଚର ସୀମା ସ୍ଥିର କରିବାର ନିଷ୍ପତ୍ତିକୁ ଅବଗତ କରାଇ ଦେଇଛନ୍ତି। ରିପୋର୍ଟରେ କୁହାଯାଇଛି ଯେ, ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ଅର୍ଥ ମନ୍ତ୍ରଣାଳୟର ବଜେଟ୍‌ରୁ ମନରେଗା ପାଇଁ ଏକ ମାସିକ / ତ୍ରୟମାସିକ ଖର୍ଚ୍ଚ ଯୋଜନା ଉପସ୍ଥାପିତ କରିଥିଲା, ଯେଉଁଥିରେ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ଦୁଇଟି ତ୍ରୟମାସିକରେ ଅଧିକ ଖର୍ଚ୍ଚ ସୀମାର ପ୍ରସ୍ତାବ ଦେଇ ଥିଲା। କିନ୍ତୁ ଅର୍ଥ ମନ୍ତ୍ରଣାଳୟ ଏହାକୁ ଖାଜ କରି ଦେଇ ଥିଲା ଏବଂ ତାକୁ ୬୦ ପ୍ରତିଶତ ଯାଏ ସ୍ଥିର କରି ଦେଇଛି। ଅର୍ଥାତ୍ ୬ ମାସ ଭିତରେ ସେପ୍ଟେମ୍ବର ଯାଏ ମୋଟ ବଜେଟ୍ ଆବଣ୍ଟନର ୬୦ ପ୍ରତିଶତ ହିଁ ଖର୍ଚ୍ଚ କରାଯାଇ ପାରେ। ଅବଶିଷ୍ଟ ୪୦ ପ୍ରତିଶତ ପରବର୍ତ୍ତୀ ଦୁଇଟି ତ୍ରୟମାସିକ ବା ଦ୍ୱିତୀୟାର୍ଦ୍ଧ ମଧ୍ୟରେ ଖର୍ଚ୍ଚ କରିବାକୁ ପଡ଼ିବ। କହି ରଖୁଛୁ ଯେ, ଆର୍ଥିକ ବର୍ଷ ୨୦୨୫-୨୬ରେ ମନରେଗା ପାଇଁ ମୋଟ ବଜେଟ୍ ଆବଣ୍ଟନ ୮୬,୦୦୦ କୋଟି ଟଙ୍କା। ସରକାରଙ୍କର ନୂଆ ବ୍ୟବସ୍ଥା ମୁତାବିକ, ପ୍ରଥମ ଛଅମାସରେ ଏବେ ୫୧,୬୦୦ କୋଟି ଟଙ୍କା କରିବାକୁ ପଡ଼ିବ। ଅଧିକାରୀଙ୍କ ମୁତାବିକ୍, ଗତ ଆର୍ଥିକ ବର୍ଷର ପାଖାପାଖି ୨୧,୦୦୦ କୋଟି ଟଙ୍କା ଦେୟ ଭାବରେ ପଡ଼ି ରହିଛି। ଏଥିରେ ନୂଆ ଆଦେଶରେ ଚଳିତ ବର୍ଷ ରାଷ୍ଟ୍ରୀୟ ଗ୍ରାମାଞ୍ଚଳ ରୋଜଗାର ଗାରେଣ୍ଟି ଯୋଜନା ଅନୁସାର ରୋଜଗାର ସୃଷ୍ଟି ପ୍ରଭାବିତ ହୋଇପାରେ ଏବଂ ରୋଜଗାରର ସୁଯୋଗ ହ୍ରାସ ପାଇପାରେ। ଏହି ନିଷ୍ପତ୍ତି ଏମିତି ସମୟରେ ନିଆଯାଇଛି, ଯେତେବେଳେ ୧୦୦ ଦିନର ରୋଜଗାରର ଗ୍ୟାରେଣ୍ଟିକୁ ବଢାଇ ୧୫୦ ଦିନ କରିବା ଓ ଦୈନିତ ଶ୍ରମିକଙ୍କୁ ୩୭୦ ଟଙ୍କାରୁ ବଢାଇ ୪୦୦ ଟଙ୍କା ପ୍ରତିଦିନ କରାଯିବାର ଦାବି ହେଉଛି। ହେଲେ, କିଛି ରାଜ୍ୟରେ ଏହା ପ୍ରଥମରୁ ହିଁ ୪୦୦ ଟଙ୍କା ପ୍ରତିଦିନ ରହିଛି। ଏହି ଯୋଜନା ଅନୁସାରେ ଗ୍ରାମାଞ୍ଚଳ କ୍ଷେତ୍ରରେ ଗ୍ରାମାଞ୍ଚଳ ସଡ଼କ ନିର୍ମାଣ, ଜଳ ସଂରକ୍ଷଣ ଓ ଜଳସେଚନ ଭଳି ଅନେକ କାର୍ଯ୍ୟ କରାଯାଏ।

## ଆଧାର କାର୍ଡ ନଥିଲେ ବି ସ୍କୁଲରେ ହୋଇପାରିବ ନାମଲେଖା : ମନ୍ତ୍ରୀ



**ଭୁବନେଶ୍ୱର :** ଆଧାର କାର୍ଡ ନଥିଲେ ସ୍କୁଲରେ ହେବ ଆଡ୍‌ମିସନ। ପରବର୍ତ୍ତୀ ସମୟରେ ଆଧାର କାର୍ଡ କରି ସ୍କୁଲରେ ଦାଖଲ କରିପାରିବେ ଛାତ୍ରଛାତ୍ରୀ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ଯେଉଁ ପିଲାଙ୍କର ଆଧାର କାର୍ଡ ନାହିଁ ତାଙ୍କର କେମିତି ଆଧାର କାର୍ଡ ହୋଇପାରିବ ସେଥିପାଇଁ ସରକାର ବ୍ୟବସ୍ଥା କରିବେ ବୋଲି ମନ୍ତ୍ରୀ କହିଛନ୍ତି। ସେପଟେ ସ୍କୁଲ ଡ୍ରପ୍ ଆଉଟ୍ ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ସର୍ଭେ କରାଯାଇଛି। ଚାଇଲ୍ଡ ଟ୍ରାକିଂ ସର୍ଭେ ବିଭାଗ ତରଫରୁ କରାଯାଇଛି। ପିଲା କେଉଁ କାରଣରୁ ଡ୍ରପ୍ ଆଉଟ୍ ହେଉଛନ୍ତି ଏବଂ ସ୍କୁଲକୁ ଯାଉନାହାନ୍ତି। ଏ ନେଇ ୧୮ ବର୍ଷ ବୟସର ପିଲା ମାନଙ୍କର ସର୍ଭେ କରାଯାଇଛି। ଡୋର୍ ଟୁ ଡୋର୍ ଯାଇ ଶିକ୍ଷକ ମାନେ ସର୍ଭେ କରିଛନ୍ତି। ସେହି ସର୍ଭେ ରିପୋର୍ଟ ଆସିଲା ପରେ ପଦକ୍ଷେପ ନେବେ ସରକାର। ସରକାର ରିପୋର୍ଟକୁ ଅଧ୍ୟୟନ କରି କ'ଣ କରାଗଲେ ଡ୍ରପ୍ ଆଉଟ୍ କମିବ, ସେହି ଅନୁସାରେ ପଦକ୍ଷେପ ନେବେ। ଏହାସହ ସରକାରଙ୍କ ପକ୍ଷରୁ ଏସ୍‌ସି ଏସ୍‌ଟି ଛାତ୍ରଛାତ୍ରୀଙ୍କ ଡ୍ରପ୍ ଆଉଟ୍ କମାଇବା ପାଇଁ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା କରାଯାଇଛି। ତେଣୁ ସରକାରଙ୍କ ପଦକ୍ଷେପ ଯୋଗୁଁ ଚଳିତ ଥର ପ୍ରାଥମିକ ସ୍ତରରେ ଅଧିକ ପିଲା ଆଡ୍‌ମିଶନ କରିଛନ୍ତି।

## ଆସିବ ମହାପୁରୁଷ ଆଦର୍ଶ ଗାଁ ଯୋଜନା




**ଭୁବନେଶ୍ୱର :** ମହାତ୍ମା ଗାନ୍ଧୀଙ୍କ ସହିତ ଏବଂ ଅନ୍ୟାନ୍ୟ ସଙ୍ଗଠନ ସହ ସାମିଲ ହୋଇ ଭାରତର ସ୍ୱାଧୀନତା ସଂଗ୍ରାମୀରେ ଝାସ ଦେଇଥିବା ମହାପୁରୁଷଙ୍କ ଗାଁ ଏବେବି ଅବହେଳିତ। ସେହି ଛୋଟ ଗାଁଗୁଡ଼ିକର ବିକାଶ କରିବା ପାଇଁ ରାଜ୍ୟ ସରକାର 'ମହାପୁରୁଷ ଆର୍ଦଶ ଗାଁ' ନୂଆ ଯୋଜନା ଆଣିବାକୁ ଯାଉଛନ୍ତି ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ଶ୍ରୀ ନାଏକ କହିଥିଲେ, ମହାପୁରୁଷମାନଙ୍କ ଜନ୍ମ ଯେଉଁ ଗାଁରେ ହୋଇଥିଲା, ସେହି ଗାଁ ଓ ପଞ୍ଚାୟତ ଆଜି ବି ଅବହେଳିତ ହୋଇ ରହିଛି। ଗାଁର ଉନ୍ନତି ପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ 'ମହାପୁରୁଷ ଆଦର୍ଶ ଗାଁ' ଏକ ନୂଆ ଯୋଜନା ଆଣିବାକୁ ପ୍ରସ୍ତୁତି ଚାଲିଛି। ସ୍ୱାଧୀନତା ସଂଗ୍ରାମ ସହିତ ଜଡ଼ିତ ୧୦୦ରୁ ୧୫୦ ଗ୍ରାମକୁ 'ମହାପୁରୁଷ ଆଦର୍ଶ ଗାଁ' ଯୋଜନାରେ ସାମିଲ କରି ବିକଶିତ କରାଯିବ। ଗ୍ରାମଗୁଡ଼ିକର ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ସୁବିଧାର ଉନ୍ନତି ଉପରେ ଧ୍ୟାନ ଦିଆଯିବ। ଏହି ଗାଁଗୁଡ଼ିକ ଐତିହାସିକ ଭାବରେ ଗୁରୁତ୍ୱପୂର୍ଣ୍ଣ; କିନ୍ତୁ ଅବହେଳିତ ଅବସ୍ଥାରେ ରହିଛି। ଗାଁର ପୁନରୁଦ୍ଧାର ପାଇଁ ପଦକ୍ଷେପ ସ୍ୱରୂପ ରାସ୍ତା, ପାନୀୟ ଜଳ, ଜଳସେଚନ, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ସୁବିଧାର ଉନ୍ନତି ଉପରେ ଧ୍ୟାନ ଦିଆଯିବ। ଗ୍ରାମଗୁଡ଼ିକର ଦ୍ରୁତ ବିକାଶ ସୁନିଶ୍ଚିତ କରିବା ପାଇଁ ୯ରୁ ୧୦ଟି ବିଭାଗ ନିଜ ନିଜର ଯୋଗଦାନ ଦେବେ। ସମ୍ପୃକ୍ତ ବିଭାଗଗୁଡ଼ିକ ମିଳିତ ଭାବରେ କାର୍ଯ୍ୟ କରିବେ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

## AFFIDAVIT

By the Virtue of an affidavit executed before the Executive Magistrate, Bhubaneswar. I Hemonta Nayak, aged about 41 years, S/o : Bernardo Nayak resident of At/Po: Kerubadi, Ps : Daringbadi, DIst : Kandhamal-762104, odisha do hereby solemnly affirm that, my son Justin Nayak's actual and correct date of birth is 13.04.2016 as per his birth certificate bearing Regd. No. B-2020: 20-01037-002241 issued on dt. 07.11.2020 from CHC Mohana but in his Aadhar Card bearing No. 664671074816 the date of birth in mentioned as 13.04.2016 instead of his correct date of birth 13.04.2016. That, this affidavit is required to be produced before the concern authority for information and necessary action as and when required.

Sd/-
**Hemonta Nayak**

# ରାସ୍ତାରେ ଅଳିଆ ପକାଇଲେ ଜରିମାନା

**କଟକ :** ଏଣିକି ରାସ୍ତାରେ ଅଳିଆ ଫିଙ୍ଗିଲେ ଅମାନିଆଙ୍କୁ ଜୋରିମାନା ଦେବାକୁ ପଡ଼ିବ। କଟକ ମହାନଗର ନିଗମ (ସିଏମସି) ଆବର୍ଜନା ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏଭଳି କଠୋର ବ୍ୟବସ୍ଥା ଆପଣାଇବାକୁ ଯାଉଛି। ଘରୋଇ ଲୋକେ ରାସ୍ତାରେ ଅଳିଆ ଫିଙ୍ଗିଲେ ୧୦୦ ଟଙ୍କା ଓ ବ୍ୟବସାୟୀମାନେ ରାସ୍ତାରେ ଫିଙ୍ଗିଲେ ୨୦୦ ଟଙ୍କା ଜୋରିମାନା ଭରଣା କରିବାକୁ ପଡ଼ିବ। ସେହିଭଳି ପ୍ଲାଷ୍ଟିକ ଓ ପେପର କପ୍ ଉପରେ କଟକଣା ଜାରି କରାଯାଇଛି। ଏହାକୁ ନଗର ନିଗମ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଛି। ଏ ସଂକ୍ରାନ୍ତରେ କାଉନସିଲରେ ପ୍ରସ୍ତାବକୁ ଅନୁମୋଦନ ମିଳିସାରିଛି। ଖୁବ୍‌ଶୀଘ୍ର ନଗର ନିଗମ ଜୋରିମାନା ବ୍ୟବସ୍ଥାକୁ କଡ଼ାକଡ଼ି କରିବ ବୋଲି ଜଣାପଡ଼ିଛି। ଏଥିପାଇଁ ନଗର ନିଗମ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯାଇଛି। ଯେଉଁ ବ୍ୟକ୍ତି ବା ବ୍ୟବସାୟୀ ରାସ୍ତାକଡ଼ରେ ଆବର୍ଜନା ପକାଇବେ ସେମାନଙ୍କଠାରୁ ଏହି ଜୋରିମାନା ଆଦାୟ ହେବ। ପ୍ରଥମେ ନିୟମ ଉଲ୍ଲଙ୍ଘନକାରୀଙ୍କ ଉପରେ ସର୍ବନିମ୍ନ ଜୋରିମାନା ଆଦାୟ କରାଯିବ; ମାତ୍ର ପୁନର୍ବାର ଖିଲାପ କଲେ ଜୋରିମାନା ଦୁଇଗୁଣ ଆଦାୟ କରାଯିବ। ନିଗମ ଦ୍ୱାରା ଘରକୁ ଘର ଅଳିଆ ସଂଗ୍ରହ ଗାଡ଼ି ଯୋଗାଇ ଦିଆଯାଇଥିବା ବେଳେ ଲୋକମାନେ ସଚେତନ ଅଭାବରୁ ରାସ୍ତାଘାଟ ସଫେଇ ହେବା ପରେ ରାସ୍ତାରେ ଅଳିଆ ପକାଉଛନ୍ତି। ଘର ଦ୍ୱାରମୁହଁକୁ ଗାଡ଼ି ଯାଉଥିଲେ ସୁଦ୍ଧା ଆବର୍ଜନା ଅଧିକାଂଶ ନ ଦେଇ ଘର ସମ୍ମୁଖ ରାସ୍ତାକଡ଼ରେ ଗଦା କରୁଛନ୍ତି। ଏହାଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହ ସଫେଇ କର୍ମଚାରୀ ପଳାଉଥିବାରୁ ସଫେଇ ଠିକ ଭାବେ ହୋଇପାରୁ ନାହିଁ। ତେଣୁ ଲୋକଙ୍କୁ ସଚେତନ କରିବା ପାଇଁ ଘରୋଇ ମାଲିକ ଅଳିଆ ଫିଙ୍ଗିଲେ ତାଙ୍କଠାରୁ ୧୦୦ ଟଙ୍କା ଏବଂ ବ୍ୟବସାୟୀ ଅନୁଷ୍ଠାନଠାରୁ ୨୦୦ ଟଙ୍କା ଜୋରିମାନା ଆଦାୟ କରାଯିବ। ଏ ସଂକ୍ରାନ୍ତରେ ଜନସଚେତନତା ସୃଷ୍ଟି କରାଯାଇ ପରିମଳ ନିରୀକ୍ଷକଙ୍କ ଦ୍ୱାରା ଜୋରିମାନା ଆଦାୟ କରାଯିବ ବୋଲି ନଗର ନିଗମ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ଜୋରିମାନା



ଆଦାୟ କରିବା ପାଇଁ ୧୫ ଜଣ ସଦସ୍ୟଙ୍କୁ ନେଇ ଏକ ଦଳ ଗଠନ ହେବ। ସମଗ୍ର ୫୯ ୱାର୍ଡରେ ନଗର ନିଗମ ପକ୍ଷରୁ ସଚେତନତା ଶିବିର କରାଯିବାର କାର୍ଯ୍ୟକ୍ରମ ରହିଛି। ରାସ୍ତାରେ ଯେଭଳି ଆବର୍ଜନା ଲୋକେ ନ ଫିଙ୍ଗିବେ ସେଥିପାଇଁ ସେମାନଙ୍କୁ ଅନୁରୋଧ କରାଯିବ। ଘରକୁ ଘର ଆବର୍ଜନା ସଂଗ୍ରହ କରିବାକୁ ଆସୁଥିବା କର୍ମଚାରୀଙ୍କୁ ଓଦା ଓ ଶୁଖିଲା ବର୍ଜ୍ୟ ଦେବା, ପଲିଥିନ ବ୍ୟବହାର ବର୍ଜନ କରିବା, ପ୍ରତି ଘରେ ଓ ବ୍ୟବସାୟ ପ୍ରତିଷ୍ଠାନରେ ଡଷ୍ଟବିନ୍ ଆଦି ରଖିବାକୁ ସଚେତନ କରାଯିବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସେହିଭଳି ନାଳରେ ବ୍ୟବସାୟୀମାନେ ଆବର୍ଜନା ପକାଯାଉଥିବା ଦେଖିବାକୁ ମିଳୁଛି। ବିଶେଷକରି ଖାଦ୍ୟଦ୍ରବ୍ୟ ବିକ୍ରି କରୁଥିବା ଉଠା ଦୋକାନୀ ଓ ଛୋଟ ହୋଟେଲ ନିଜ ନିଜ ଆବର୍ଜନାକୁ ନାଳରେ ପକାଉଥିବାରୁ ବର୍ଜ୍ୟଜଳ ନିଷ୍କାସନ ସହ ବର୍ଷା ଦିନେ ଜଟିଳ ସମସ୍ୟା ସୃଷ୍ଟି କରୁଛି। ଅଧିକାଂଶ ନାଳରେ ପେପର ପ୍ଲେଟ୍, ପ୍ଲାଷ୍ଟିକ ଓ ପେପର ଚା କପ୍, ପଲିଥିନଠାରୁ ଆରମ୍ଭ କରି ଜରି ଜାତୀୟ ପ୍ୟାକେଟ୍ ଖୋଳ ଆଦି ଭାସୁଥିବା ଦେଖିବାକୁ ମିଳୁଛି। ସେମାନେ ଆବର୍ଜନା ପକାଇବା ଦ୍ୱାରା ନାଳ ଅବରୋଧ ହେବାରୁ ବର୍ଜ୍ୟଜଳ ଠିକ ଭାବେ ନିଷ୍କାସିତ ହୋଇପାରୁ ନାହିଁ। ତେଣୁ ଏହାକୁ ହ୍ରାସ କରିବା ପାଇଁ ପାଇଁ ଜୋରିମାନା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି ଜଣାପଡ଼ିଛି। ସିଏମସି କମିସନର ଅନାମ ଚରଣ ପାତ୍ର କହିଛନ୍ତି ଯେ ଆମେ ଲୋକଙ୍କୁ ପ୍ରଥମେ ସଚେତନ କରୁଛୁ। ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଯେଉଁ ଅମାନିଆମାନେ ଘରକୁ ଗାଡ଼ି ଗଲା ପରେ ଆବର୍ଜନା ନ ଦେଇ ରାସ୍ତାରେ ଫିଙ୍ଗୁଛନ୍ତି ସେମାନଙ୍କ ବିରୋଧରେ ଜୋରିମାନା କରାଯିବ। ସେହିଭଳି ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ ରାସ୍ତାରେ ଅଳିଆ ପକାଇପାରିବେ ନାହିଁ। କାଉନସିଲ ଅନୁମୋଦନକ୍ରମେ ଖୁବଶୀଘ୍ର ଜୋରିମାନା ବ୍ୟବସ୍ଥା କରାଯିବ। ସେହିଭଳି ପ୍ଲାଷ୍ଟିକ ତଥା ପେପର ଚା କପ୍ ଉପରେ କଟକଣା ଜାରି କରାଯାଇଛି ବୋଲି ଶ୍ରୀ ପାତ୍ର କହିବା ସହ ରାସ୍ତାରେ ଆବର୍ଜନା ନ ଫିଙ୍ଗିବାକୁ ସହରବାସୀଙ୍କୁ ଅନୁରୋଧ କରିଛନ୍ତି।

### ପିପୁଲ୍ସ ଫ୍ରେଣ୍ଡଲି ହୋଇ ପାରୁନି କି କମିଶନରେଟ୍ ପୋଲିସ ?

## ମାଡ ଖାଉଛି ପୋଲିସ, ବାଟ ହୁଡୁଛନ୍ତି ଜନତା

**ଭୁବନେଶ୍ୱର :** ମାଡ଼ ଖାଉଛି ପୋଲିସ, ବାଟ ହୁଡୁଛନ୍ତି ଲୋକେ। ଥାନା ଭିତରେ ଖାକି ବର୍ଦ୍ଧିଧାରୀଙ୍କୁ ନିର୍ଘାତ ମାଡ଼। ପିପୁଲ୍ସ ଫ୍ରେଣ୍ଡଲି ହୋଇପାରୁନି କି ପୋଲିସ ? ସେପଟେ ମାନବାଧିକାର କମିଶନରେ ମଧ୍ୟ ବଢୁଛି ଖାକି ବିରୋଧରେ ମାମଲା। ରାଜଧାନୀରେ ବାରମ୍ବାର ସାମ୍ନାକୁ ଆସୁଛି ଖାକି ବର୍ଦ୍ଦିର ବିକଳ ଚିତ୍ର। ଭୁଶୁଡି ପଡୁଥିବା ଆଇନଶୃଙ୍ଖଳାର ନଗ୍ନ ନମୁନା ନିକଟରେ ଇନ୍‌ଫୋସିଟି ଥାନାରେ ଦେଖିବାକୁ ମିଳିଛି। ଯେଉଁଠାରେ ସାଧାରଣ ଲୋକଙ୍କ ମାଡ଼ରେ ମହିଳା ସବଇନ୍ସପେକ୍ଟର ଆହତ ହୋଇଛନ୍ତି। ଅନ୍ୟପଟେ ଏଭଳି ଗୋଟିଏ କିମ୍ବା ଦୁଇଟି ଘଟଣା ନୁହେଁ ବିଗତ ୩ ବର୍ଷ ଭିତରେ ଟୁଇନସିଟିରେ କମିଶନରେଟ ପୋଲିସ ଉପରକୁ ୧୬ ଥର ଆକ୍ରମଣ ଘଟଣା ସାମ୍ନାକୁ ଆସିଛି। ପିପୁଲସ ଫ୍ରେଣ୍ଡଲି ହେବାକୁ ସଦାସର୍ବଦା ପ୍ରାଧାନ୍ୟ ଦେଇଛନ୍ତି ଡିଜିପି। କିନ୍ତୁ ବୟାନ ଓ ବାସ୍ତବତା ଭିତରେ ରହୁଛି ଅନେକ ତଫାତ। ମାନବାଧିକାର କମିଶନରେ ପୋଲିସ ବିରୋଧରେ ଗଡୁଛି ସର୍ବାଧିକ ମାମଲା। ଓଏଚ୍‌ଆରସିରେ ନ୍ୟାୟ ଅପେକ୍ଷାରେ ବର୍ତ୍ତମାନ ୧୫ ହଜାରରୁ ଉର୍ଦ୍ଧ୍ୱ ମାମଲା ଗଡୁଥିବା ବେଳେ ସେଥିମଧ୍ୟରୁ ୯ ହଜାର କେବଳ ପୋଲିସ



ବିରୋଧରେ। ସେଥିମଧ୍ୟରୁ ଅନେକ ହାଜତ ମୃତ୍ୟୁ ମାମଲା ମଧ୍ୟ ରହିଛି। କମିଶନରେଟ ପୋଲିସରେ ମଧ୍ୟ ସମଦଶା ଦେଖିବାକୁ ମିଳିଛି। ବିଗତ ୮ ବର୍ଷରେ କମିଶନରେଟ ପୋଲିସର ୧୧୦ କେସ ଏବେ ମାନବାଧିକାର କମିଶନଙ୍କ ବିଚାରାଧୀନ ରହିଛି। ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ ଓ କମ୍ୟୁନିଟି ପୋଲିସିଂକୁ ଗୁରୁତ୍ୱ ଦେବାକୁ ହେଲେ ପୋଲିସ ତାର କାର୍ଯ୍ୟଶୈଳୀ, ବ୍ୟବହାରରେ ପରିବର୍ତ୍ତନ ଆଣିବା ଅପରିହାର୍ଯ୍ୟ ବୋଲି କହିଛନ୍ତି ଅବସରପ୍ରାପ୍ତ ପୋଲିସ ଅଧିକାରୀ। ଲୋକେ କିଭଳି ଥାନାରେ ଉତ୍ତମ ବ୍ୟବହାର ପାଇବେ, ସେ ନେଇ ପୂର୍ବରୁ ସରକାର ଉଦ୍ୟମ ଜାରି ରଖିଛନ୍ତି। କିନ୍ତୁ ମାତ୍ରାଧିକ ଚାପରେ ରହୁଥିବା ପୋଲିସ ଅଧିକାଂଶ ସମୟ ବାଟ ହୁଡୁଛି। ଅପରାଧ ଓ ଆଇନଶୃଙ୍ଖଳାକୁ ପୃଥକ କଲେ ଏଭଳି ଘଟଣାରେ ରୋକ ଲାଗିପାରନ୍ତା ବୋଲି ମତ ପ୍ରକାଶ ପାଇଛି।

## ବର୍ଷାଋତୁରେ ଜଳ ଓ ଭେକ୍ଟର ବାହିତ ରୋଗର ନିରାକରଣ ପାଇଁ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

**ଭୁବନେଶ୍ୱର :** ବର୍ଷାଋତୁର ପ୍ରାରମ୍ଭରେ ଜଳ ଓ ଭେକ୍ଟର ବାହିତ ରୋଗ ଗୁଡିକର ନିରାକରଣ, ପ୍ରତିଷେଧ ଓ ପରିଚାଳନା ନିମନ୍ତେ ସମସ୍ତ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ଲକ୍ଷ୍ୟଭେଦୀ କରିବା ପାଇଁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନ ସଭାଗୃହଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ଦିଗରେ ବର୍ତ୍ତମାନ ପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପ ଗୁଡିକର ସମୀକ୍ଷା କରି ଶ୍ରୀ ଆହୁଜା ଏହି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍ ସଦ୍ୟତନ ତଥ୍ୟ ଓ ତତ୍ ସମ୍ବନ୍ଧୀୟ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ବୈଠକରେ ମୁଖ୍ୟତଃ ବର୍ଷା ଦିନିଆ ରୋଗ ଯଥା ଡାଇରିଆ, ଜଣ୍ଡିସ୍, ମ୍ୟାଲେରିଆ, ଡେ଼ଙ୍ଗୁ ଆଦି ରୋଗର ପ୍ରତିରୋଧ ଓ ଚିକିତ୍ସା ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ଜିଲ୍ଲାୱାରୀ ସ୍ଥିତିର ସମୀକ୍ଷା କରି କ୍ଷେତ୍ରସ୍ତରରେ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବୀ କରିବା, ଘରକୁ ଘର ସର୍ବେକ୍ଷଣ କରି ଆରମ୍ଭରୁ ରୋଗର ଚିହ୍ନଟ କରିବା, ସରକାରୀ ଡ଼ାକ୍ତରଖାନା ମାନଙ୍କରେ ଶଯ୍ୟା ସଂଖ୍ୟା ବୃଦ୍ଧି କରିବା, ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା, ସ୍ୱାସ୍ଥ୍ୟ କେନ୍ଦ୍ର ଓ ହସ୍‌ପିଟାଲ ମାନଙ୍କରେ ଆବଶ୍ୟକୀୟ ଔଷଧ ଓ ସାଲାଇନ୍ ଆଦି ମହଜୁଦ ରଖିବା ଆଦି ନିଶ୍ଚିତ କରାଇବା ପାଇଁ ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଥିଲେ। ଆଶାକର୍ମୀ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି କର୍ମୀ, କମ୍ୟୁନିଟି ହେଲ୍‌ଥ୍ ୱାର୍କର ଆଦି କ୍ଷେତ୍ରସ୍ତରୀୟ




କର୍ମୀମାନଙ୍କୁ ସଠିକ୍ ?ଭାବେ ଅନୁପ୍ରେରିତ କରି ଗ୍ରାମ ଓ ୱାର୍ଡ ସ୍ତରରେ ସମସ୍ତ ରୋଗ ପ୍ରତିରୋଧ କାର୍ଯ୍ୟକ୍ରମ ଦୃଢ଼ୀଭୁତ କରିବାକୁ ବୈଠକରେ ସ୍ଥିର ହୋଇଥିଲା। ଗ୍ରାମ ଓ ସହରାଞ୍ଚଳରେ ଥିବା ସମସ୍ତ ନଳକୂପ ଓ ପାନୀୟ ଜଳସ୍ରୋତକୁ ନିୟମିତ ଭାବେ ବିଶୋଧିତ କରିବା ପାଇଁ ଜଳଯୋଗାଣ ବିଭାଗ ଯନ୍ତ୍ରୀମାନଙ୍କୁ କଡା ନିର୍ଦ୍ଦେଶ ଦିଆଯାଇଛି । ଶିକ୍ଷାନୁଷ୍ଠାନ ପରିସରରେ ଥିବା ନଳକୂପ, କୂପ ଓ ପାଣିଟାଙ୍କି ଆଦିକୁ ବୈଜ୍ଞାନିକ ପଦ୍ଧତିରେ ସଠିକ ଭାବେ ବିଶୋଧିତ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଦୂରଦୂରାନ୍ତ ଅଞ୍ଚଳରେ ମୋବାଇଲ୍ ହେଲ୍‌ଥ୍ ୟୁନିଟ୍ ଗୁଡିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବଙ୍କୁ ପରାମର୍ଶ ଦିଆଯାଇଥିଲା। ମ୍ୟାଲେରିଆ ଓ ଡେଙ୍ଗୁ ପ୍ରବଣ ଅଞ୍ଚଳମାନଙ୍କରେ "ଦମନ" କାର୍ଯ୍ୟକ୍ରମକୁ ସଘନ ଓ ବ୍ୟାପକ କରିବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ବର୍ଷାଋତୁଜନିତ ରୋଗର ସର୍ବେକ୍ଷଣ, ଚିକିତ୍ସା ଓ ପରିଚାଳନା ନିମନ୍ତେ ଜିଲ୍ଲାସ୍ତରରେ ୨୪ ଘଣ୍ଟା ଭିତ୍ତିରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବା ପାଇଁ ମଧ୍ୟ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଯାଜପୁର ଓ ଭଦ୍ରକ ଜିଲ୍ଲାର କେତେକ ଯାଗାରେ ଦେଖାଦେଇଥିବା ଡାଇରିଆ ରୋଗ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା।

### ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି

## ବୟସ୍କ, ଦିବ୍ୟାଙ୍ଗମାନଙ୍କୁ ଘରେ ପେନ୍‌ସନ ଦେବ ପ୍ରଶାସନ

**ଭୁବନେଶ୍ୱର :** ଓଡ଼ିଶା ସରକାର ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଯେଉଁ ହିତାଧିକାରୀମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ପେନସନ୍ ଗ୍ରହଣ କରିବାକୁ ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସେମାନଙ୍କୁ ଘରେ ପେନସନ୍ ପହଞ୍ଚାଇବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରନ୍ତୁ। ରାଜ୍ୟ ସରକାର ଜିଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସ୍‌ଏସ୍‌ଓଏସ୍) ମାନଙ୍କୁ ମଧୁ ବାବୁ ପେନସନ୍ ଯୋଜନା (ଏମ୍‌ବିପିୱାଇ) ଅଧୀନରେ ୮୦ ବର୍ଷ ବା ତଦୁର୍ଦ୍ଧ୍ୱ ବୟସର ବ୍ୟକ୍ତି ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଅକ୍ଷମତା ଥିବା ହିତାଧିକାରୀମାନଙ୍କୁ ଘରେ ପେନସନ୍ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାମାଜିକ ସୁରକ୍ଷା ଏବଂ




ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗର କମିଶନର-କମ-ସଚିବ ଆର.ଏସ. ଗୋପାଳନ ଏ ସମ୍ପର୍କରେ ଆଜି ଡିଏସ୍‌ଏସ୍‌ଓଏସ୍ ମାନଙ୍କୁ ଏକ ପତ୍ର ପଠାଇଛନ୍ତି। ସେ କହିଛନ୍ତି, ଅନେକ ହିତାଧିକାରୀ ସେମାନଙ୍କର ଦୁର୍ବଳ ଶାରୀରିକ ଅବସ୍ଥା ହେତୁ ପେନସନ୍ ବଣ୍ଟନ ସ୍ଥାନକୁ ସ୍ୱୟଂ ଆସିପାରୁ ନାହାଁନ୍ତି। ତେଣୁ, ଏଭଳି ହିତାଧିକାରୀମାନଙ୍କ ପାଇଁ ଘରେ ପେନସନ୍ ପହଞ୍ଚାଇବା ନିଶ୍ଚିତ କରନ୍ତୁ। ସାମାଜିକ ସୁରକ୍ଷା ଏବଂ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗ ଜିଲା ପ୍ରଶାସନକୁ ମଧ୍ୟ ନିର୍ଦ୍ଦେଶ ଦେଇଛି ଯେ ପଞ୍ଚାୟତୀ ରାଜ ବିଭାଗର ଆଉଟରିଚ୍ କାର୍ଯ୍ୟକ୍ରମ 'ବିକାଶ ରଥ' ଜୁନ୍ ୧୨ରୁ ୧୯ ତାରିଖ ମଧ୍ୟରେ ଆୟୋଜିତ ହେଉଥିବା ସମୟରେ ଏମ୍‌ବିପିୱାଇର ସମସ୍ତ ହିତାଧିକାରୀଙ୍କୁ ଘରେ ପେନସନ୍ ଯୋଗାଇ ଦେବାକୁ। ଉଲ୍ଲେଖଯୋଗ୍ୟ ଯେ, ଏମ୍‌ବିପିୱାଇ ହେଉଛି ଓଡ଼ିଶା ସରକାରଙ୍କର ଏକ ପ୍ରମୁଖ ସାମାଜିକ ସୁରକ୍ଷା ଯୋଜନା। ଏହା ଓଡ଼ିଶାର ବୃଦ୍ଧ, ବିଧବା, ଦିବ୍ୟାଙ୍ଗ ଏବଂ କୋଭିଡ-୧୯ ପୀଡ଼ିତଙ୍କ ଅନାଥ ଶିଶୁ ଆଦି ସମାଜର ବିଭିନ୍ନ ଦୁର୍ବଳ ବର୍ଗର ସାମାଜିକ ସୁରକ୍ଷା ଆବଶ୍ୟକତାକୁ ପୂରଣ କରେ।

## ବଡ ସହରରେ ପହଞ୍ଚିବ ଗାଁ ଫସଲ

**ଭୁବନେଶ୍ୱର :** ଓଡିଶାରେ କୃଷି କ୍ଷେତ୍ରରେ ଅଭିବୃଦ୍ଧି ଆସିଛି। ଉତ୍ପାଦନ ବଢିଛି। କିନ୍ତୁ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ରୋଜଗାର ବୃଦ୍ଧି ହେଉନାହିଁ। ସହର ଏବଂ ଗ୍ରାମାଞ୍ଚଳର ଚାଷୀଙ୍କ ରୋଜଗାରରେ ବଡ ପାର୍ଥକ୍ୟ ରହୁଛି। ସର୍ବାଧିକ ସଂଖ୍ୟାରେ ଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀ ନିଜ ରୋଜଗାର ବୃଦ୍ଧି ପାଇଁ ଆଧୁନିକ କୃଷି ପ୍ରଣାଳୀ ବ୍ୟବହାର କରିବା ପାଇଁ ଅସମର୍ଥ। ସରକାର ଏଥିରେ ବଡ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଚାଷ କାର୍ଯ୍ୟ ଆରମ୍ଭ ଠାରୁ ନେଇ ସେମାନଙ୍କ ଉତ୍ପାଦ ଦେଶ ବିଦେଶର ବଜାରରେ ପହଞ୍ଚିବ। ସେଥିପାଇଁ ସମବାୟ ବିଭାଗ ପକ୍ଷରୁ ରାଜ୍ୟ କୃଷି ବିପଣନ ନୀତି ଆଣିବାକୁ ଯାଉଛି। ବିଭାଗ ପକ୍ଷର ପ୍ରସ୍ତୁତ ଚିଠା ନୀତି ଅନୁସାରେ କୃଷି ଓ କୃଷକଙ୍କ ବିକାଶ ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରଖାଯିବ। ଜାତୀୟ ନୀତି ଅନୁସାରେ ରାଜ୍ୟ ନୀତି



କାର୍ଯ୍ୟକାରୀ ହେବ। ଚାଷୀ ମାନଙ୍କ ଉତ୍ପାଦ ବିକ୍ରି ପାଇଁ ସ୍ଥାନୀୟ ହାଟ ଠାରୁ ଆରମ୍ଭ କରି ସହରାଞ୍ଚଳ ବଜାର, ହୋଲସେଲ ବଜାର , ସପିଂ ମଲ ସହ ସଂଯୋଗ ସ୍ଥାପନ କରାଯିବ। ସେହିପରି ରାଜ୍ୟ ସରକାରଙ୍କ ଓସାମ୍ ବୋର୍ଡ ଦ୍ୱାରା ପରିଚାଳିତ ୫୩୫ଟି ନିୟନ୍ତ୍ରିତ ବଜାର ଏବଂ ୪୩ଟି କୃଷକ ବଜାର ଗୁଡିକୁ ମଧ୍ୟ ଉପଯୋଗ କରାଯିବ। ଏଥିସହ ଇ କମର୍ସ ଦ୍ୱାରା ଚାଷୀଙ୍କ ଉତ୍ପାଦ ବିକ୍ରି ପାଇଁ ପଦକ୍ଷେପ ନିଆଯିବ। ଚାହିଦା ଓ ଅଧିକ ମୂଲ୍ୟ ମିଳୁଥିବା ସ୍ଥାନରେ କୃଷି ଉତ୍ପାଦନ ପହଞ୍ଚିବ।

### ଦାଦନ ରୋକିବାକୁ ଜନ ଶିକ୍ଷଣ ସଂସ୍ଥାନର ପ୍ରୟାସ

# ଟେଲରିଂ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ

**କଳାହାଣ୍ଡି :** କଳାହାଣ୍ଡି ଜିଲ୍ଲାର ଦଣ୍ଡପାଟ ଅଞ୍ଚଳ ଏକ ଦାଦନପ୍ରବଣ ଅଞ୍ଚଳ ଭାବେ ପରିଚିତ। ଏହି ଅଞ୍ଚଳର ଅନେକ ଯୁବକ ଯୁବତୀ ରୋଜଗାର ଅଭାବ ଯୋଗୁଁ ଅନ୍ୟ ରାଜ୍ୟକୁ ଦାଦନ ଶ୍ରମିକ ଭାବେ ଯାଉଛନ୍ତି, ଯାହା ସେମାନଙ୍କ ପରିବାର ଓ ସମାଜ ପାଇଁ ଏକ ଗୁରୁତର ସମସ୍ୟା ସୃଷ୍ଟି କରୁଛି। ଏହି ଧାରାକୁ ରୋକିବା ତଥା ସ୍ଥାନୀୟ ଯୁବବର୍ଗଙ୍କୁ ଦକ୍ଷତା ଓ ଆର୍ଥିକ ସ୍ୱାବଲମ୍ବନର ପଥ ଦେଖାଇବା ଲକ୍ଷ୍ୟରେ ଜନ ଶିକ୍ଷଣ ସଂସ୍ଥାନ, କଳାହାଣ୍ଡି ଏକ ପ୍ରଶଂସନୀୟ ଉଦ୍ୟମ ଆରମ୍ଭ କରିଛି। ଦଣ୍ଡପାଟ ଯୁବ ସେବା ସଂଗଠନ ଓ ଦଣ୍ଡପାଟ ଉତ୍ପାଦକ ଗୋଷ୍ଠୀ ସହଯୋଗରେ ଧର୍ମଗଡ଼ ବ୍ଲକ୍ ଅନ୍ତର୍ଗତ ବେହେରାଠାରେ ପରିଚାଳିତ ଏକ ଟେଲରିଂ ପ୍ରଶିକ୍ଷଣ କେନ୍ଦ୍ର ଏହି ଅଞ୍ଚଳର ଯୁବତୀମାନଙ୍କୁ ନୂତନ ଜୀବିକାର ସୁଯୋଗ ପ୍ରଦାନ କରୁଛି। ବୁଧବାର ଏହି ପ୍ରଶିକ୍ଷଣ କେନ୍ଦ୍ରରେ ଚତୁର୍ଥ ପର୍ଯ୍ୟାୟ ପ୍ରଶିକ୍ଷଣ ସଫଳତାର ସହ ସମାପ୍ତ କରିଥିବା ଯୁବତୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ଉତ୍ପାଦକ ଗୋଷ୍ଠୀର ସଭାନେତ୍ରୀ ସୁଚିତ୍ରା ଗୋପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ସୁବ୍ରତ ତ୍ରିପାଠୀ, ଗଙ୍ଗାଧର ନାଏକ, ଗୋଷ୍ଠୀ ସଂପାଦିକା ସାବିତ୍ରୀ ନାଏକ, ସହ-ସଂପାଦିକା ଦୁଲ୍ଲଭି ହଂସ, ପ୍ରଶିକ୍ଷିକା ଦୀପିକା ସାହୁ ଏବଂ ହାରାମଣି ନାଏକ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ କଠୋର ପରିଶ୍ରମ ଓ ଦକ୍ଷତା ପାଇଁ ପ୍ରଶଂସା କରାଯିବା ସହ ଜୀବନରେ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରାଯାଇଥିଲା। ମହିଳା ଶସକ୍ତିକରଣ ଓ ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଜନ ଶିକ୍ଷଣ ସଂସ୍ଥାନ ଓ ଦଣ୍ଡପାଟ ଯୁବ ସେବା ସଂଗଠନ ଗତ ୨୦୨୨ବର୍ଷ ନଭେମ୍ବର ୧ ତାରିଖରୁ ବେହେରାଠାରେ ଏହି ଟେଲରିଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୪୦ ଜଣ ଯୁବତୀ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରି ସିଲେଇ କୌଶଳ ଶିକ୍ଷା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟଗୁଡ଼ିକରେ ମଧ୍ୟ ପ୍ରତି ପର୍ଯ୍ୟାୟରେ ୪୦ ଜଣ ଲେଖାଏଁ ଯୁବତୀଙ୍କୁ ସିଲେଇ ଶିକ୍ଷା ପ୍ରଦାନ କରାଯାଇ ରୋଜଗାରକ୍ଷମ କରାଯାଉଛି। ଏହା ବ୍ୟତୀତ ବ୍ୟୁଟି କେୟାର ଆସିଷ୍ଟାଣ୍ଟ କୋର୍ସ ମଧ୍ୟ ଏହି କେନ୍ଦ୍ରରେ ପରିଚାଳିତ ହେଉଛି, ଯାହା ଯୁବତୀମାନଙ୍କୁ ଆଧୁନିକ ଦକ୍ଷତା ପ୍ରଦାନ କରୁଛି। ଏପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମୋଟ ୧୨୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି, ଯେଉଁଥିରେ ୪୦ ଜଣ ସିଲେଇ ପ୍ରଶିକ୍ଷାର୍ଥୀ ଏବଂ ୮୦ ଜଣ ବ୍ୟୁଟି କେୟାର ଆସିଷ୍ଟାଣ୍ଟ ଅଛନ୍ତି। ଏହି ପ୍ରଶିକ୍ଷଣ ଗ୍ରହଣ କରି ଅନେକ ଯୁବତୀ ନିଜ ଗାଁରେ ରହି ନିଜେ ସିଲେଇ କାମ ଆରମ୍ଭ କରିଛନ୍ତି ବା ବ୍ୟୁଟିପାର୍ଲର ଖୋଲି ରୋଜଗାର କରିବା ପାଇଁ ଆଗ୍ରହୀ ଅଛନ୍ତି। ଏହା ସେମାନଙ୍କ ପରିବାରର ଆର୍ଥିକ ଅବସ୍ଥାକୁ ସୁଧାରିବା ସହ ସମାଜରେ ସେମାନଙ୍କ ସ୍ଥାନ ସୁଦୃଢ଼ କରୁଛି। ଜନ ଶିକ୍ଷଣ ସଂସ୍ଥାନର ଏହି ଉଦ୍ୟମ ଦଣ୍ଡପାଟ ଅଞ୍ଚଳରେ ଦାଦନ ନିୟନ୍ତ୍ରଣ ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏହି କାର୍ଯ୍ୟକ୍ରମ ଯୁବବର୍ଗଙ୍କୁ ନିଜ ଅଞ୍ଚଳରେ ରହି ଜୀବିକା ଅର୍ଜନ କରିବାର ଆତ୍ମବିଶ୍ୱାସ ଦେଉଛି, ଯାହା ଦାଦନ ସମସ୍ୟା ହ୍ରାସ କରିବାରେ ସହାୟକ ହେଉଛି। ଏହି ପଦକ୍ଷେପ ସ୍ଥାନୀୟ ଅର୍ଥନୀତିକୁ ଶକ୍ତିଶାଳୀ କରିବା ସହ ମହିଳାମାନଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ ସୃଷ୍ଟି କରି ସାମାଜିକ ବିକାଶରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ବୋଲି ମତ ପ୍ରକାଶ ପାଇଛି।

କାହା କଥାରେ ଯଦି କୌଣସି ଭୁଲ୍ କିୟା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୬ - ୨୨ ଜୁନ୍, ୨୦୨୫

# ସେଦିନର ବାସ୍ନା କାଇଁ !



ସମ୍ପାଦକୀୟ
ତାରକ ମହାନ୍ତି

ଆଦ୍ୟ ଆଷାଢ଼ର ପହିଲି ମେଘ ମାଟି ଛୁଇଁଲେ ମାଟିର ବାସ୍ନା କିଭଳି ଲାଗେ ତାହା ଗାଁରେ ରହିବା ଲୋକ ହିଁ ଅନୁଭବ କରନ୍ତି। ଚିତ୍ରରେ ରଜ ପର୍ବ ପାଳନ କରୁଥିବା ସହରୀ ମଣିଷ ଏହା ସଭା ସମିତିରେ ଆଲୋଚନା କରୁଥିଲା ବେଳେ ବାସ୍ତବ ରଜ ପର୍ବର ଆନନ୍ଦ ନେବା କଣ ଏତେ ସହଜ ! ମାଟି ମାଆର ବାସ୍ନା ସ୍ୱର୍ଗ ସୁଖ ଠାରୁ ଢେର ଅଧିକ। ଓଡିଶାର ରଜ ପର୍ବ ଅନନ୍ୟ। ମାଟିକୁ ମାଆ ବୋଲି ଗ୍ରହଣ କରି ଏହାକୁ ପାଳନ କରାଯାଏ। ଏହା ଆମ ପାରମ୍ପରିକ ଏବଂ ଓଡ଼ିଶାର ଗଣ ପର୍ବ। ରଜ ତିନି ଦିନ ଏବଂ ଚତୁର୍ଥ ଦିନକୁ ବସୁମତୀ ସ୍ନାନ ଭାବେ ପାଳନ କରାଯାଏ। ଚାରି ଦିନରୁ ତିନିଦିନ ଯଥା ପହିଲି ରଜ, ରଜ ସଂକ୍ରାନ୍ତି ଓ ତୃତୀୟ ଦିବସ ହେଉଛି ଭୂମି ଦହନ। ଚାଷ କାମ ଆରମ୍ଭ ପୂର୍ବରୁ ପାଳିତ ହେଉଥିବା ରଜ ପର୍ବର ଅନେକ କଥା। ମାଟି ମାଆ ରଜସ୍ୱଳା ହୋଇ ଅଧିକ ଫସଲ ଉତ୍ପାଦନ ପାଇଁ ଏଭଳି ଅପୂର୍ବ ପର୍ବର ଆୟୋଜନ ଚାଷୀ କୁଳକୁ ଅଫୁରନ୍ତ ଖୁସି ଦେଇଥାଏ। ଓଡ଼ିଶାର ଗାଁରୁ ସହର ପର୍ଯ୍ୟନ୍ତ ରଜ ତିନି ଦିନ ଧୂମଧାମରେ ପାଳିତ ହୁଏ। ନୂଆ ପୋଷାକ, ପୋଡ଼ ପିଠା, ରଜ ଦୋଳି ସହିତ ଅନେକ ଗ୍ରାମ୍ୟ କ୍ରୀଡା ମଧ୍ୟରେ ରଜ ଉତ୍ସବ ଶେଷ ହେଲା ପରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଯାଏ। ଭାରତୀୟ ସଂସ୍କୃତିରେ ପର୍ବ ପର୍ବାଣି ଗୁଡିକ ଆମ ସାମାଜିକ ଜୀବନକୁ ଋଦ୍ଧିମନ୍ତ କରିଥାଏ। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ରଜ ପର୍ବ ଅଧିକ ଗୁରୁତ୍ୱ ବହନ କରେ। ଆମ ଚଳଣିରେ ରଜ ପୋଡ଼ପିଠା ସହିତ ପାନ ଖାଇବାର ଏକ ବିଧି ରହିଛି। କାହିଁ କେତେ କାଳରୁ ରଜ ପାନ ଖାଇବା ଓ ପାନ ବାଣ୍ଟି ଶୁଭେଚ୍ଛା ଜଣାଇବାରେ ଢେର ଆନନ୍ଦ। ଆଜିକାଲି ପ୍ରତ୍ୟେକ ସହରରେ ରଜ ଉତ୍ସବ ଆୟୋଜିତ ହେଉଛି। ରଜ ଗୀତର ଚାହିଦା ତ କାହିଁ କେଉଁ କାଳରୁ କୁମାରୀମାନେ ମୁଖସ୍ତ କରି ଦୋଳିରେ ଝୁଲିଲା ବେଳେ ଗାଆନ୍ତି। ରଜରେ ପିଠାପଣା ସହ କୁଣିଆ ଘର ବୁଲିଯିବା କଥାଟି ମଧ୍ୟ ଅତି ଚମତ୍କାର। ଝଙ୍କାଳିଆ ଗଛ ଡାଳରେ ବାଉଁଶ ଦୋଳି ହେଉ ମୋଟା ଦୌଡ଼ିରେ ପିଢ଼ା ପଟା ବାନ୍ଧି ଦୋଳି ପ୍ରସ୍ତୁତ କରିବା ସତରେ ଏକ ଅନନ୍ୟ କୁଶଳୀର କାର୍ଯ୍ୟ ବୋଲି ମନେହୁଏ। ଆଧୁନିକତା ଭିତରେ ଆଜି ମଧ୍ୟ ଗାଁ ଗାଁରେ ଦୋଳିରେ ବସି ଗ୍ରାମ୍ୟ କିଶୋରୀ, ତରୁଣୀ ଏପରିକି ମହିଳା ମାନେ ଝୁଲିବାକୁ ପସନ୍ଦ କରନ୍ତି। ଯଦିଓ ଆଗପରି ଆଉ ଗାଁରେ ବାଗୁଡ଼ି, ବାଡ଼ି ଖେଳ ଓ ପଶାପାଲି ଖେଳର ଗୁରୁତ୍ୱ ନାହିଁ ତଥାପି ତାସ ଖେଳ ପ୍ରାୟତଃ ସବୁଠି ଚାଲିଛି। ପୃଥିବୀ ମାତା ବର୍ଷାର ଆଗମନରେ ରାଜସ୍ୱଳା ହୁଏ ଓ ନୂଆ ଶସ୍ୟ ଜନ୍ମ ହେବାର ସାଙ୍କେତିକ ଭାବ ବହନ କରେ। ଏହି ଦିନରେ ଋଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ତିନି ଦିନ ପାଇଁ ବିରତି ନେଇଥାନ୍ତି। ରଜରେ ପୋଡ ପିଠା ଓ ପାନଖିଆ ସହିତ ଝିଅମାନଙ୍କ ରଜ ଦୋଳି ଓ ପୁଚି ଖେଳ ସହ ପୁଅମାନଙ୍କ ଲୁଡୁ, ତାସ୍, ବାଗୁଡି ଆଦି ଖେଳ ସହିତ ଏହା ପାଳନ କରାଯାଏ। ଆଷାଢ଼ ମାସକୁ ଚତୁର୍ମାସ୍ୟା ବ୍ରତର ପ୍ରଥମ ମାସ ଭାବେ ଧରାଯାଏ। ଏ ଚାରି ମାସ ମୁନିଋଷି ଓ ସାଧବମାନେ ସେମାନଙ୍କ ପରିଭ୍ରମଣ ତ୍ୟାଗ କରି ଗୋଟିଏ ସ୍ଥାନରେ ରହି ସାଧନା କରିଥାନ୍ତି। ତେଣୁ ରଜ ପର୍ବ ଓଡ଼ିଆଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଷାଠିଏ ଦଶକରେ ଗାଁରେ ପାଳନ ହେଉଥିବା ରଜ ପର୍ବ ଓ ବର୍ତ୍ତମାନ ପାଳନ ହେଉଥିବା ରଜ ପର୍ବ ମଧ୍ୟରେ ଅନେକ ତଫାତ ପରିଲକ୍ଷିତ ହେଉଛି। ସେତେବେଳେ ପ୍ରାୟତଃ ଗାଁ ଗୁଡିକରେ ନଡା ଛପର ଘର ଏବଂ ମାଟି କାନ୍ଥ ଥିଲା। ସଜବାଜ ଦିନ ଘର ଚାରିପାଖେ ଗୋବର ଲେପନ କରାଯାଉଥିଲା। ଘର ଦ୍ୱାର ଅଗଣା ସବୁକିଛି ପାରିଚ୍ଛନ୍ନ ଭାବେ ଲିପାପୋଛା କରାଯାଇ ଏକ ପବିତ୍ର ସ୍ଥାନ ଭାବେ ପ୍ରସ୍ତୁତ କରାଯାଉଥିଲା। ଆଜି ପରି କଳରେ ଅରୁଆ ଚାଉଳ ଗୁଣ୍ଡ ବଦଳରେ ଢ଼ିଙ୍କି କୁଟା ଚାଉଳ ଓ ମାଟି ପଲମରେ ପୋଡପିଠା ପ୍ରସ୍ତୁତ କରାଯାଉଥିଲା। ଚିନି ବଦଳରେ ଗୁଡ଼ ଦେଇ ହେଉଥିଲା ପୋଡ଼ପିଠା। ସେଥିରେ ନଡ଼ିଆ ପାତି, ଗୋଲମରିଚ ଗୁଣ୍ଡ ପଡୁଥିଲା। ମଞ୍ଜି କଦଳୀ ପତ୍ର ପଲମ ତଳେ ଓ ପିଠା ଉପରେ ଦେଇ ତଳେ ନିଆଁ ଓ ଉପରେ ଘସି ବା ଅଙ୍ଗାର ନିଆଁ ଲଦି ଦିଆଯାଉଥିଲା। ବଡିଭୋରରୁ ପିଲାଠୁ ବୁଢା, କିଶୋରୀଙ୍କ ଠାରୁ ଆରମ୍ଭ କରି ବୃଦ୍ଧା ପର୍ଯ୍ୟନ୍ତ ଗାଧୁଆପାଧୁଆ ସାରି ସଜ ହେବାରେ ଲାଗି ପଡୁଥିଲେ। ତାପରେ ବାଉଁଶ କୁଲା ଉପରେ ପନିକି ସାହାଯ୍ୟରେ ବଡ଼ ବଡ଼ ପୋଡ଼ପିଠାକୁ କାଟି ପ୍ରଥମେ କୁଳ ଦେବତା ଓ ପରେ ଘରର ସଦସ୍ୟ, କୁଣିଆ ମଇତ୍ର ଯିଏ ଥିବେ ତାଙ୍କୁ ବଣ୍ଟନ କରାଯାଉଥିଲା। ଏହାପରେ ବୁଲାବୁଲିରୁ ଫେରିବା ପରେ କାହାର ମାଛ ଝୋଳ ତ ଆଉ କାହାର ଖାସି ମାଉଁସ ତରକାରୀ। ଏମିତି ବାସ୍ନା ଯେ ଗାଁ ସାରା ମହକି ଉଠୁଥିଲା। ଆଜି ପରମ୍ପରା ବଞ୍ଚିଛି, ସେଦିନର ବାସ୍ନା ନାହିଁ।

# ସାମ୍ବାଦିକର ସାମାଜିକ ଦାୟିତ୍ୱବୋଧ



ସୌମେନ୍ଦ୍ର ଜେନା

ସମାଜକୁ ସତ୍ୟ, ଆବଶ୍ୟକ ଖବର ମାଧ୍ୟମରେ ସଚେତନ, ସତର୍କ, ସକ୍ରିୟ କରିବାରେ ସାମ୍ବାଦିକର ଦାୟିତ୍ୱ ରହିଥାଏ। ସାମ୍ବାଦିକ କେବଳ ପେସା ମଧ୍ୟରେ ରହି ଟିଆର୍‌ପି ବଢାଇବା ପାଇଁ ଅଖବରକୁ ଖବର କହି ପ୍ରସାରିତ କଲେ ହେବନାହିଁ କି ସମାଜ ଲାଗି କୌଣସି ଭଲ ପ୍ରଭାବ ପକାଉନଥିବା ଖବର ଦେଲେ ଲାଭ ହେବ ନାହିଁ। ଏମିତି ଦେଶ ବିରୋଧୀ ଖବର ପ୍ରସାରିତ କରି ଅତୀତ ଦିନରେ ପଦକ ପାଇଥିବା, ପ୍ରଶଂସାପତ୍ର ସଂଗ୍ରହ କରିବାକୁ ସକ୍ଷମ ହୋଇଥିବା ସାମ୍ବାଦିକଙ୍କର ସଂଖ୍ୟା ଦେଶରେ କିଛି କମ୍ ନାହିଁ। ଉଦାହରଣସ୍ୱରୂପ ବର୍ଖା ଦତ୍ତଙ୍କ କଥା ଦେଖାଯାଉ। ଅତୀତରେ ଭାରତ-ପାକ୍ ମଧ୍ୟରେ କାରଗିଲ ଯୁଦ୍ଧ ସମୟରେ ଯୁଦ୍ଧ ଭୂମିରୁ ସିଧାସଳଖ ଖବର ପ୍ରସାରିତ କରିବା ପାଇଁ ସେ କାରଗିଲରେ ପହଞ୍ଚି ଯେମିତି ଭାରତୀୟ ସେନାଙ୍କ ପ୍ରସ୍ତୁତି ସଂପର୍କରେ ଆଗୁଆ ଖବର ପାକ୍ ସେନାଙ୍କ ପାଇଁ ପ୍ରସାରିତ କରିଥିଲେ ତଦ୍ୱାରା ସେହି ଯୁଦ୍ଧରେ ଭାରତୀୟ ସେନାକୁ ବହୁମୂଲ୍ୟ ଦେବାକୁ ହୋଇଥିଲା ଏବଂ ବିଜୟ ମଧ୍ୟ ବିଳମ୍ବିତ ହୋଇଥିଲା। ଭାରତୀୟ ସେନାବାହିନୀର ଉପସ୍ଥିତି, ଠିକଣା ଆଦି ଜାଣିଯିବା ଯୋଗୁ ପାହାଡ ଉପରେ ଥିବା ପାକ୍‌ସେନାଙ୍କ ପାଇଁ ଟାର୍ଗେଟ କରିବା ସହଜ ହୋଇଥିଲା। କାରଣ ସେମାନେ ଶିଖର ଦେଶରେ ଥିବାବେଳେ ଭାରତର ସେନା ତଳ ଅଞ୍ଚଳରେ ରହିଥିଲେ।

ସେମିତି ଦେଖିବାକୁ ଗଲେ କେତେକ ସାମ୍ବାଦିକ ନିଜ ରାଜନୈତିକ ସଂପର୍କ,ସଂଗଠନ ଆଧାରିତ ବିଋରକୁ ସାମ୍ବାଦିକତାରେ ଘାଣ୍ଟି ଅର୍ଦ୍ଧସତ୍ୟ କିମ୍ବା ଆଂଶିକ ତଥ୍ୟ ମଧ୍ୟ ପ୍ରଦାନ କରିଥାନ୍ତି, ଯାହାକି ସମାଜ ପାଇଁ କ୍ଷତିକାରକ ହୋଇଥାଏ। ବ୍ୟବସାୟଭିତ୍ତିକ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମରେ ଯେଉଁସବୁ ଖବର ଲୋକମାନଙ୍କ ପାଖକୁ ଆଜିକାଲି ଯାଉଛି ସେସବୁ ପୂର୍ଣ୍ଣ ସତ୍ୟ ନ ହୋଇ ସତ ବୋଲି ଜଣାପଡୁଥିବା ଖବର ହୋଇଥିବା ଯୋଗୁ ପାଠକ-ପାଠିକାମାନେ ଅନେକ ସମୟରେ ଭୁଲ ବିଋରର ଶିକାର ହୋଇଥାନ୍ତି। ଅଜିତ ଅଞ୍ଜୁମ, ପୁଣ୍ୟପ୍ରସୂନ ବାଜପେୟୀ, ରବିସ କୁମାର, ଅଭିସାର ଶର୍ମା, ଶେଖର ଗୁପ୍ତା, ରାଜୀବ ସରଦେଶାଇ, ନିଧି ରାଜଦାନ, ଗୌରୀ ଲଙ୍କେଶ, ଆରଫା ଖାନ୍‌ମ୍ ସେରୱାନୀଙ୍କ ପରି ଅନେକ ସାମ୍ବାଦିକଙ୍କୁ ଲୋକେ ଦେଖିଛନ୍ତି, ଯେଉଁମାନେ ଦେଶ ଓ ସମାଜ ଅପେକ୍ଷା ନିଜନିଜର ବକ୍ତବ୍ୟକୁ ଅହଂକାରପୂର୍ଣ୍ଣ ଭାଷାରେ ଘୃଣାର ସହ ପେଶ୍ କରିଥାନ୍ତି, ଯାହା ଦର୍ଶକ କିମ୍ବା ପାଠକପାଠିକାମାନଙ୍କୁ ଆଘାତ ଦେବାକୁ ଲକ୍ଷ୍ୟ ରଖିଥାଏ। ଆଜିର ଦର୍ଶକ, କିମ୍ବା ପାଠକ ମୂର୍ଖ ନୁହେଁ ଯେ ସାମ୍ବାଦିକ ଯାହା କହିବ ବା ଲେଖିବ ସେ ତାକୁ ଗ୍ରହଣ କରିଯିବ, ଅଥଚ ପ୍ରଶ୍ନ କରିବ ନାହିଁ। ଯେମିତି କର୍ଣ୍ଣାଟକର ଜଣେ ସାମ୍ବାଦିକା ଥିଲେ ଗୌରୀ ଲଙ୍କେଶ, ଯିଏକି ଏକଦା ହତ୍ୟାର ଶିକାର ହୋଇଥିଲେ। କିନ୍ତୁ ସମ୍ପାଦନା କାଳରେ ନିଜ ଲେଖାରେ ଶିଷ୍ଟାଋର ବୋଲି ତାଙ୍କଠାରେ କିଛି ନଥିଲା। ସେ ନିଜ ମନ୍ତବ୍ୟ ଦେବାବେଳେ ତୁ -ତା, ରେ-ରା, ବେ-ବା ପରି ଶବ୍ଦ ବ୍ୟବହାର କରୁଥିଲେ। ସେ ଏକଦା ତାଙ୍କ ଟ୍ୱିଟରରେ ଲେଖିଥିଲେ, "ହେ ଇଡିଅଟ ମୋଦି, ମୋର କେହି ମାଲିକ ନାହିଁ, ମୁଁ ମୋର ମାଲିକ। ମୋର ସୁନା ନଥିଲେ ମଧ୍ୟ ମୋର ସ୍ୱାଧୀନତା ରହିଛି, ଆତ୍ମସମ୍ମାନ ରହିଛି, ସ୍ୱାଧୀନ ଚିନ୍ତା ରହିଛି, ଯାହା ସ୍ୱାତନ୍ତ୍ୟ ଜାହିର କରିଥାଏ। କିନ୍ତୁ ମୋ ବିଋରରେ ତୁମପରି ଜଣେ ଆରଏସ୍‌ଏସ୍ ବ୍ୟକ୍ତି ଯିଏ ମହିଳାକୁ ତାର ସ୍ୱାମୀ,ପୁତ୍ର, ସୁନା ଆଦିକୁ ନେଇ ଆକଳନ କରିଥାଏ, ଏସବୁ କଥାକୁ ବୁଝିପାରିବ ନାହିଁ।" ଦେଶର ପ୍ରଧାନମନ୍ତ୍ରୀଙ୍କ ପ୍ରତି ଏଭଳି ଅଶାଳୀନ ଭାଷାରେ ଲେଖୁଥିବା ମହିଳାଟି ନିଜକୁ ଯେତେ ବଡ ସାମ୍ବାଦିକା କିମ୍ବା ସମ୍ପାଦିକା କହିଲେ ମଧ୍ୟ ସାଧାରଣ ଶିକ୍ଷିତ ଲୋକଟିଏ ଏଭଳି ଭାଷାକୁ ପଢିବାପରେ ମହିଳାଟି ନିହାତି ବିଋର-ବ୍ୟାଧିଗ୍ରସ୍ତ ବୋଲି କହିବ। ମାନସିକ ସ୍ଥିରତା ନଥିବା ଏପରି ଜଣେ ମହିଳା କିପରି ସମ୍ବାଦପତ୍ର ସମ୍ପାଦନା କରିବ, ସମାଜକୁ ମାର୍ଗଦର୍ଶନ ଦେବ, ତାହା ଏଥିରୁ ବେଶ୍ ସ୍ପଷ୍ଟ। ସମ୍ମୁଖରେ ଥିବା ଲୋକଟିକୁ ସମାଲୋଚନା କରିବାକୁ ଶବ୍ଦରେ କାଙ୍ଗାଳପଣ ଥିବା ଜଣେ ସାମ୍ବାଦିକାକୁ ସମାଜ ଯେ ଗ୍ରହଣ କରିନେବ, ଚୁପ୍‌ରହି ସବୁଦିନ ଗାଳି, ଅଶାଳୀନ ଭାଷାକୁ ମୁଣ୍ଡପାତି ସହ୍ୟ କରିନେବ ବୋଲି ଭାବିବା ଠିକ୍ ହେବ ନାହିଁ। ସମାଜପ୍ରତି ଏସବୁ ଯେତେବେଳେ ଅସହ୍ୟ ହେବ, ପାଠକର ମାନସିକତାକୁ ଆଘାତ କଲାପରି ସେ ଯେତେବେଳେ ଭାବିବ, ପାଠକକୁ ସମ୍ପାଦକ ସମ୍ମାନ ଦେଉନଥିବା କଥା ଯେବେ ସେ ଚିନ୍ତା କରିବ, ସେ ସମୟରେ ସମାଜ ଏବଂ ପାଠକ ମଧ୍ୟ କ୍ଷୁବ୍‌ଧ ହେବେ, ସାମ୍ବାଦିକ କିମ୍ବା ସମ୍ପାଦକ ପ୍ରତି ଘୃଣା ତାଙ୍କ ମନରେ ଆସିବ। ଗଣମାଧ୍ୟମ ଗ୍ରହଣଯୋଗ୍ୟ ନହୋଇ ପାରିଲେ ସେମାନେ ତାଙ୍କୁ ବହିଷ୍କାର କରିବେ କିମ୍ବା ଦୂରେଇଯିବେ, ଯାହାକି ଆଜିର ଅନେକ ଗଣମାଧ୍ୟମ ସଂସ୍ଥାଗୁଡିକରେ ସ୍ପଷ୍ଟ ଦେଖାଦେଇଛି। ଯେଉଁ କାରଣରୁ ଅନେକଗୁଡିଏ ସଂସ୍ଥା କ୍ଷତିରେ ଋଲୁଛନ୍ତି ବା ଆଗାମୀ ଦିନମାନଙ୍କରେ ତାଲାପଡିବାର ଆଶଙ୍କା ମଧ୍ୟରେ ରହିଛନ୍ତି। ନିକଟରେ 'ମିରର ଟୁଡେ' ପରି ସଂସ୍ଥା ବନ୍ଦ ହୋଇଛି, ଆଜ ତକ୍ ପରି ସଂସ୍ଥାରୁ ଅନେକ କର୍ମଋରୀ ବା ପ୍ରମୁଖ ଲୋକେ ସଂସ୍ଥା ଛାଡି ଋଲିଯାଇଛନ୍ତି।

ସବୁଠୁ ବଡ କଥା ହେଲା ଯେ ପ୍ରମୁଖ ଗଣମାଧ୍ୟମ, ସମ୍ବାଦପତ୍ର ଏବଂ ଚ୍ୟାନେଲଗୁଡିକ କ୍ରମଶଃ ଦର୍ଶକ ଏବଂ ପାଠକ ପାଠିକାଙ୍କ ନିକଟରେ ଭରସା ହରାଇ ବସୁଛନ୍ତି। ସାମ୍ବାଦିକ-ସାମ୍ବାଦିକାଙ୍କ ଦୁର୍ନୀତି, ଜାଲିଆତି, ବେଇମାନୀ, ଆତ୍ମଘାତୀ କାର୍ଯ୍ୟକୁ ସେମାନେ ଆଦୌ ଗ୍ରହଣ କରିପାରୁନାହାନ୍ତି। ଦେଶକୁ ଦୁର୍ବଳ କରିବାକୁ ଲାଗିପଡିଥିବା ସନ୍ତ୍ରାସବାଦୀକୁ ମହାନ ସଂସ୍କାରକ, ଶିକ୍ଷିତ, ବୁଦ୍ଧିଜୀବୀ କହି ଯେତେ ଗୌରଚନ୍ଦ୍ରିକା ମାରିଲେ ମଧ୍ୟ ଲୋକେ ସେମାନଙ୍କୁ ଗ୍ରହଣ କରିବାଲାଗି ପ୍ରସ୍ତୁତ ହେଉନାହାନ୍ତି। ସାମ୍ବାଦିକତାର ଏହି ପତନଧାରା ଲୋକଙ୍କ ସମ୍ମୁଖରେ କାଠଗଡାରେ ଗଣମାଧ୍ୟମକୁ ଛିଡା କରାଇଛି। ଏହା ବଦଳରେ ଲୋକେ ଛୋଟ ହେଲେ ମଧ୍ୟ ବ୍ୟକ୍ତିଗତ ଭାବେ ଭଲକଥା କହୁଥିବା, ଭଲକଥା ଲେଖୁଥିବା ଛୋଟ ଛୋଟ ୟୁଟ୍ୟୁବ ଚ୍ୟାନେଲ କିମ୍ବା ଡିଜିଟାଲ ଖବରକାଗଜକୁ ଆଗ୍ରହର ସହ ପାଠ କରୁଛନ୍ତି,ଫେସବୁକ୍, ଟ୍ୱିଟର, ଇନଷ୍ଟାଗ୍ରାମ ଆଜି ଗଣମାଧ୍ୟମରେ ଏକାଧିକାରକୁ ବଦଳାଇ ଦେଇଛି। ଉଦାହରଣସ୍ୱରୂପ ୧୦ ମାର୍ଚ୍ଚ ୨୦୨୦ରେ ବର୍ଖା ଦତ୍ତ ତାଙ୍କ ଟ୍ୱିଟରରେ ଲେଖିଥିଲେ, "କମଲନାଥଙ୍କ ସରକାର ଭାଙ୍ଗିଗଲେ କଣ ହେବ ?" ତାଙ୍କୁ ଅନେକ ପାଠକପାଠିକା ପାଠ ପଢାଇବାକୁ ଯାଇ ଲେଖିଥିଲେ ଯେ "କ'ଣ ହେବ ? ନୂଆ ସରକାର କ୍ଷମତାକୁ ଆସିବ"। କାରଣ ବିଧାନସଭାରେ ସରକାର ବିଧାୟକଙ୍କ ସମର୍ଥନ ହରାଇ ବସିଲେ, କ୍ଷମତାରୁ ଯିବା ସାଧାରଣ କଥା। ତେଣୁ ଏପରି ବିଷୟ ସାମ୍ବାଦିକା ଲେଖିଲେ ପାଠକ କ'ଣ ମନେକରିବ, ସାମ୍ବାଦିକାଙ୍କ ଜ୍ଞାନ କମ୍ ଅଛି କିମ୍ବା ବ୍ୟବସ୍ଥା ବିଷୟରେ ଜାଣିନାହାନ୍ତି। ତେଣୁ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଲୋକେ ପିଲାଙ୍କ ସଦୃଶ ପ୍ରଶ୍ନ ନକରି ବୁଦ୍ଧିଯୁକ୍ତ କଥା କହିବା ଓ ଲେଖିବା ଦରକାର। ଏଥିପାଇଁ ସାଗରିକା ଘୋଷ,ସିଦ୍ଧାର୍ଥ ବରଦାରାଜନ, ସାବା ନକ୍‌ବୀଙ୍କୁ ସେମାନଙ୍କ ସନ୍ତ୍ରାସପ୍ରେମ, ତଥାକଥିତ ମାନବବାଦପ୍ରତି ଶ୍ରଦ୍ଧା, ଗଣହତ୍ୟା କରି ଫାସୀ ପାଉଥିବା ଦୋଷୀଙ୍କୁ ହୀରୋ ସଦୃଶ ଉପସ୍ଥାପନା ପାଇଁ ପାଠକ-ପାଠିକା ସମାଲୋଚନା କରିଥାନ୍ତି। ବର୍ଖାଙ୍କ ମୋଜୋ ୟୁଟ୍ୟୁବରେ କୋରୋନା କାଳର ଶବପୋଡା, ଶବପୋତା ଖବରକୁ ଯେପରି ପ୍ରସାରିତ କରାଯାଇଥିଲା ସେଥିରେ ଲୋକଙ୍କ କଷ୍ଟ ପ୍ରତି ଶ୍ରଦ୍ଧା ନଥିବା ପରିଲକ୍ଷିତ ହୋଇଥିଲା। ହଁ ଏସବୁ ଖବରକୁ ୱାସିଂଟନ ପୋଷ୍ଟ ପାଇଁ ଲେଖି ବର୍ଖା ଭାରତ ସରକାର, ଭାରତୀୟ ଲୋକଙ୍କ ପ୍ରତି ସମ୍ବେଦନା ନଥିବା ଦର୍ଶାଇଥିଲେ, ଯାହା ଭାରତୀୟଙ୍କ ପାଇଁ ଅସମ୍ମାନଜନକ ଏବଂ ଅରୁଚିକର ରହିଥିଲା। ତେଣୁ ସାମ୍ବାଦିକତା ସମୟରେ ସମାଜପ୍ରତି, ଲୋକଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ନରହିଲେ ଲୋକେ ବିରୋଧୀ ହେବା ସ୍ୱାଭାବିକ। ତେଣୁ ବାରମ୍ବାର ଲୋକଙ୍କ ମାନସିକତାକୁ ଆଘାତ କରି ଯଦି ସାମ୍ବାଦିକ କିମ୍ବା ସାମ୍ବାଦିକା ସମାଜଠାରୁ ସ୍ୱୀକୃତି ଅଥବା ସମ୍ମାନ ଋହୁଁଥାନ୍ତି, ତେବେ ତାଙ୍କୁ ନିରାଶ ହେବାକୁ ପଡିବ।

ସ୍ୱାଧୀନତା ସଂଗ୍ରାମ କାଳରେ ଭାରତରେ ସାମ୍ବାଦିକମାନେ ଅତି କଠୋର ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଅନେକ ସମୟରେ ସେମାନେ ବ୍ରିଟିସ ଶାସନର ଅତ୍ୟାଋରକୁ ସାମ୍ନା କରୁଥିଲେ। ଲୋକେ ସେ ସମୟରେ ସାମ୍ବାଦିକମାନଙ୍କୁ ସବୁଠୁ ଅଧିକ ସମ୍ମାନ ପ୍ରଦର୍ଶନ କରୁଥିଲେ। କାରଣ ସେମାନେ ସିଧାସଳଖ ରାଜନୀତିରେ ନଥାଇ ମଧ୍ୟ ଲୋକଙ୍କ ମଧ୍ୟରେ ରାଜନୈତିକ ଚେତନାକୁ ପ୍ରସାରିତ କରୁଥିଲେ। ଏମିତି ମଧ୍ୟ କେତେକ ନେତା ଖବରକାଗଜ ଓ ପତ୍ରପତ୍ରିକା ମାଧ୍ୟମରେ ବ୍ରିଟିଶ ଦମନଲୀଳାର ଖବର ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପ୍ରୟାସ କରୁଥିଲେ। ଗୋପବନ୍ଧୁଙ୍କ 'ସମାଜ', ଗାନ୍ଧିଜୀଙ୍କ 'ହରିଜନ', 'ୟଙ୍ଗ ଇଣ୍ଡିଆ', ମଧୁବାବୁଙ୍କ 'ଦି ଓରିୟା', ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସଂପାଦିତ 'ସମ୍ବଲପୁର ହିତୈଷିଣୀ', ଫକିରମୋହନ ସେନାପତିଙ୍କ 'ବାଲେଶ୍ୱର ସମ୍ବାଦବାହିକା' ଏହି କାର୍ଯ୍ୟ କରିଥିଲେ। ଜାତୀୟ ସ୍ତରରେ 'କେଶରୀ', 'ଅମୃତବଜାର ପତ୍ରିକା', 'ମରାଠା', 'ନବଜୀବନ', 'ସ୍ୱଦେଶମିତ୍ରନ', 'ହିନ୍ଦୁସ୍ଥାନ', 'ମାତୃଭୂମି'ଆଦି ଜନଜାଗରଣର ଲେଲିହାନ ଦୀପଶିଖାକୁ ତେଜିବାକୁ ସହଯୋଗ କରିଥିଲେ। ପ୍ରାଦେଶିକ ସ୍ତରରେ ଦେଖିବାକୁ ଗଲେ ରାମମୋହନ ରାୟଙ୍କ 'ସମ୍ବାଦ କୌମୁଦୀ',ମଧୁସୂଦନ ରାୟଙ୍କ 'ହିନ୍ଦୁ ପାଟ୍ରିଅଟ'ଦାଦାଭାଇ ନାରେଜୀଙ୍କ 'ରାସ୍ତ ଗଫତାର', ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ 'ସୋମ୍ ପ୍ରକେଶ', ଶ୍ରୀ ଅରବିନ୍ଦ ଘୋଷଙ୍କ 'ବନ୍ଦେ ମାତରମ୍', ଫିରୋଜ ଶାହ ମେହେଟ୍ଟାଙ୍କ 'ଦି ବମ୍ବେ କ୍ରୋନିକଲ',ଗଣେଶ ଶଙ୍କର ବିଦ୍ୟାର୍ଥୀଙ୍କ 'ପ୍ରତାପ', ଆନ୍ନି ବେସାନ୍ତଙ୍କ 'ନିଉ ଇଣ୍ଡିଆ', ତାରକନାଥ ଦାସଙ୍କ 'ଫ୍ରି ହିନ୍ଦୁସ୍ଥାନ', ମଦନ ମୋହନ ମାଲବ୍ୟଙ୍କ 'ହିନ୍ଦୁସ୍ଥାନ ଦୈନିକ',ଦେବେନ୍ଦ୍ର ନାଥ ଠାକୁରଙ୍କ 'ଇଣ୍ଡିଆନ ମିରର' ପରି ସମ୍ବାଦପତ୍ର ତତ୍‌କାଳୀନ ସାମାଜିକ ଦାୟିତ୍ୱବୋଧକୁ ଗୁରୁତ୍ୱ ଦେଇଥିଲେ। ସେ ସମୟରେ ମଧ୍ୟ ଏମିତି କେତେକ ଖବରକାଗଜ ରହିଥିଲେ ଯେଉଁମାନେ ବ୍ରିଟିସ୍ ଶାସନର ପଦଲେହନକାରୀ, ପ୍ରଚଣ୍ଡ ପ୍ରଶଂସକ ଭାବେ କାର୍ଯ୍ୟ କରୁଥିଲେ। ସାମ୍ବାଦିକ, ସମ୍ବାଦପତ୍ର ଦେଶ ସମାଜର କଲ୍ୟାଣପାଇଁ କାର୍ଯ୍ୟ କରିବାକୁ ଯାଇ ଅନ୍ୟମାନଙ୍କ କୋପଦୃଷ୍ଟିର ଶିକାର ହୋଇଥାନ୍ତି। ଗଣେଶ ଶଙ୍କର ବିଦ୍ୟାର୍ଥୀ ଇସଲାମିକ ଜିହାଦର ଶିକାର ହୋଇଥିଲେ। ଅନେକ ସମ୍ବାଦପତ୍ରର ସାମ୍ବାଦିକ,ସମ୍ପାଦକ ଏବଂ ପ୍ରକାଶକ ସ୍ୱାଧୀନତା ସଂଗ୍ରାମକୁ ସମର୍ଥନ କରି ଖବର ପ୍ରସାରଣ ଅଭିଯୋଗରେ ସେତେବେଳେ ଜେଲ ମଧ୍ୟ ଯାଇଥିଲେ।

ସ୍ୱାଧୀନତା ପରେ ଲୋକସ୍ୱାର୍ଥ ଦୃଷ୍ଟିରୁ ଅନେକ ସାମ୍ବାଦିକ ଅସଲ ତଥ୍ୟକୁ ଲୋକଲୋଚନକୁ ଆଣିବା ପାଇଁ ଅନୁସନ୍ଧାନମୂଳକ ଖବର ଦେଇଆସିଛନ୍ତି। ଚିତ୍ରା ସୁବ୍ରମଣ୍ୟମ୍ ବୋଫର୍ସ ମାମଲାର ମୂଳ ସ୍ୱିଡେନ ଭାଷାରେ ଲିଖିତ ୨୦୦ଫାଇଲର ଇଂରାଜୀ ଅନୁବାଦ କରି ପ୍ରକାଶ କରିବାଠାରୁ ୩୧ ଅଗଷ୍ଟ ୧୯୮୧ରେ ଅରୁଣ ସୌରୀଙ୍କ ଦ୍ୱାରା ଲିଖିତ ସିମେଣ୍ଟ ଦୁର୍ନୀତି ଖବର ଅନେକଙ୍କ ଆଖି ଖୋଲିଦେବାକୁ ସମର୍ଥ ହୋଇଥିଲା। ଜରୁରୀ ସମୟରେ ଯୁବକ ଯୁବତୀଙ୍କ ଜନ୍ମନିୟନ୍ତ୍ରଣ ଅସ୍ତ୍ରୋପଋରର ଖବରକୁ ଅରୁଣ ସୌରୀ ସମସ୍ତଙ୍କ ଦୃଷ୍ଟିକୁ ଆଣିବାକୁ ସକ୍ଷମ ହୋଇଥିଲେ। ସେମିତି ସୁଚେତା ଦଲାଲ ହର୍ଷଦ ମେହେଟ୍ଟାଙ୍କ ଷ୍ଟକ୍ ଏକ୍ସଚେଞ୍ଜ ଦୁର୍ନୀତିକୁ ଟାଇମ୍ସ ଅଫ୍ ଇଣ୍ଡିଆ ମାଧ୍ୟମରେ ପଦାକୁ ଆଣିଥିଲେ। ଓଡିଶାରେ ଜାନକୀ ପଟ୍ଟନାୟକଙ୍କ ସରକାରର ଦୁର୍ନୀତିର ଖବର ପ୍ରକାଶ କରି ସାମ୍ବାଦିକ ନବ କିଶୋର ମହାପାତ୍ର ପ୍ରଶାସନର ଟାର୍ଗେଟ ହୋଇଥିଲେ। ଫଳସ୍ୱରୂପ ଲୋମହର୍ଷଣକାରୀ ଘଟଣା ଛବିରାଣୀ ହତ୍ୟାକାଣ୍ଡ ସାରା ଓଡିଶାକୁ ଦୋହଲାଇ ଦେଇଥିଲା। ନୟାଗଡର ସାମ୍ବାଦିକ ଜଟାଧାରୀ ରଣା ମଧ୍ୟ ଠିକ୍ ସେମିତି ପ୍ରଶାସନର ଶିକାର ହୋଇଥିଲେ। ନବୀନ ପଟ୍ଟନାୟକ ସରକାରଙ୍କ ଜନ ବିରୋଧୀ ନୀତିର ସମାଲୋଚନା କରି ଟାଇମ୍ସ ଅଫ ଇଣ୍ଡିଆର ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥି ପ୍ରଶାସନର କୋପ ଦୃଷ୍ଟିରେ ପଡି ସରକାରୀ କ୍ୱାର୍ଟରରୁ ତଡା ଖାଇଥିଲେ। ଏବେ ମଧ୍ୟ ସୂଚନା ଅଧିକାର ଆଇନର ଉପଯୋଗ କରି ତଥ୍ୟ ସଂଗ୍ରହ କରିଥିବା ଅନେକ ସାମ୍ବାଦିକ ଓ କର୍ମୀ ହତ୍ୟାର ଶିକାର ହୋଇଛନ୍ତି। ଓଡିଶାରେ ମଧ୍ୟ ସେମାନଙ୍କର ତାଲିକା ଲମ୍ବା ରହିଛି। ସମାଜର ସ୍ୱାର୍ଥପାଇଁ କାର୍ଯ୍ୟକରିବାକୁ ଚେଷ୍ଟାକରି ସେମାନେ ସହିଦ ହେଉଛନ୍ତି, ଯଦିଓ ସରକାରୀ ତାଲିକାରେ ସେମାନେ ସହିଦର ସମ୍ମାନ ପାଇନାହାନ୍ତି।

ସମ୍ବାଦ ପରିବେଷଣ ସମୟରେ ସତ୍ୟ, ତଥ୍ୟ, ରୁଚି,ଶାବ୍ଦିକ ଶାଳୀନତା ପ୍ରତି ଦୃଷ୍ଟି ଦେବାକୁ ହେବ। ଏହା ସହ ସାମ୍ବାଦିକଙ୍କ ବ୍ୟକ୍ତିଗତ ଜୀବନ ଓ କାର୍ଯ୍ୟ ସ୍ୱଚ୍ଛ ହେବା ଦରକାର। ସାମ୍ବାଦିକ ପରିଚୟପତ୍ର ଧରି ନେତାଙ୍କ ଗୋଡାଣିଆ, ଋନ୍ଦା ଆଦାୟକାରୀ, ପୁଲିସ ମାମଲାର ଦଫା-ରଫାକାରୀ, ଟେଣ୍ଡର-ଠିକା-ନିଯୁକ୍ତି-ବଦଳି ପଛରେ ନ ଧାଇଁଲେ ସାମ୍ବାଦିକର ପେସା ସମ୍ମାନଜନକ, ବିଶ୍ୱସନୀୟ ହେବ, ଏଥିରେ ସନ୍ଦେହ ନାହିଁ। ମହର୍ଷି ନାରଦ ତାଙ୍କ ଜୀବନରେ ତ୍ରିଲୋକର ସାମ୍ବାଦିକ ଭାବେ ପ୍ରସିଦ୍ଧି ପାଇଥିଲେ। ଉଭୟ ଦେବତା ଓ ରାକ୍ଷସଗଣ ତାଙ୍କୁ ସମ୍ମାନ ଦେଉଥିଲେ। ଏଠି ଦେଖିବାକୁ ହେବ ଯେ ସେହି ସମ୍ମାନ ବ୍ୟକ୍ତିପ୍ରତି ଉଦ୍ଦିଷ୍ଟ ନୁହେଁ, ତାଙ୍କ କାର୍ଯ୍ୟପ୍ରତି, ତାଙ୍କ ନିଷ୍ଠା ପାଇଁ, ସମାଜର ରକ୍ଷା ପାଇଁ, ଜନକଲ୍ୟାଣ ନିମିତ୍ତ। ମହର୍ଷି ସଂଘର୍ଷ ପୂର୍ବରୁ ଭିନ୍ନ ଭିନ୍ନ ପକ୍ଷକୁ ସତର୍କ କରୁଥିଲେ,ଭବିଷ୍ୟତ ସଙ୍କଟ ବିଷୟରେ ମଧ୍ୟ ବୁଝାଇ କହୁଥିଲେ। ଅନେକ ସମୟରେ ସେ ସମାଧାନର ମାର୍ଗକୁ ମଧ୍ୟ ପ୍ରଶସ୍ତ କରୁଥିଲେ। ତେଣୁ ଆଜିର ସାମ୍ବାଦିକମାନେ ସମାଜ ପ୍ରତି ସମର୍ପିତ ହୋଇ କାର୍ଯ୍ୟକରିବା ଦରକାର। ସମାଜର ବିକାଶରେ ସହାୟକ ହେଉଥିବା ଖବରକୁ ଗୁରୁତ୍ୱ ଦେବା ଆବଶ୍ୟକ। ଦେଶ, ରାଜ୍ୟ ଓ ସମାଜକୁ ସଶକ୍ତ କରିବାକୁ ସାମ୍ବାଦିକର ସଚେତନତା, ମାର୍ଗଦର୍ଶନ ପ୍ରମୁଖ ଭୂମିକା ନେବା ଉଚିତ୍। ଗଣତନ୍ତ୍ରରେ ଅଦାଲତ, ସରକାର ଏବଂ ପ୍ରଶାସନର ସୁରକ୍ଷାଲାଗି ସାମ୍ବାଦିକର ମଧ୍ୟ ଦାୟିତ୍ୱ ରହିଛି, ସମସ୍ତେ ଏହା ବୁଝିବା ଦରକାର। ଏସବୁ ଅସୁବିଧାର ସମାଧାନ ପାଇଁ ମାର୍ଗଦର୍ଶନ କରିବା ଆବଶ୍ୟକ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଅନ୍ୟ ତିନୋଟି ସ୍ତମ୍ଭର ଠିକଣା କାର୍ଯ୍ୟ ଉପରେ ଦୃଷ୍ଟିରଖିବା ଗଣମାଧ୍ୟମର ଯେମିତି ଦାୟିତ୍ୱ ସେହିପରି ତିନୋଟି ସ୍ତମ୍ଭର ସୁରକ୍ଷା ଉପରେ ଚତୁର୍ଥ ସ୍ତମ୍ଭର ସ୍ଥାୟିତ୍ୱ ନିର୍ଭରଶୀଳ। ରାଷ୍ଟ୍ରୀୟ ସ୍ୱାର୍ଥ ଦୃଷ୍ଟିରୁ ମିତ୍ରବତ୍ କାର୍ଯ୍ୟକରିବା ଦରକାର, ସ୍ୱାର୍ଥ, ଅର୍ଥ ଏବଂ ବିଦେଶୀ ଶକ୍ତିଙ୍କ ହାତବାରିସୀ ହେବା ଅନୁଚିତ୍। ଆଜିକାଲି କିଛି ସାମ୍ବାଦିକ ବିଦେଶୀ ଖବରକାଗଜରେ ଲେଖି ପଇସା ପାଇବା ପାଇଁ ଭାରତର ବିଧି, ବ୍ୟବସ୍ଥା, ବିଋରକୁ ସମାଲୋଚନା କରିବାରେ ବ୍ୟସ୍ତ, ଅଭିବ୍ୟକ୍ତିର ସ୍ୱାଧୀନତା ଆଳରେ ଦେଶକୁ ଅପମାନିତ କରିବାକୁ ପଛାଉନାହାନ୍ତି। ସେମାନେ ବିଦେଶୀ ସଂସ୍ଥାଙ୍କ ଷଡଯନ୍ତ୍ରରେ ସାମିଲ ହୋଇ ଚେସ୍ ବୋର୍ଡର ଗୋଟି ପାଲଟିଛନ୍ତି। ସେମାନଙ୍କଠାରୁ ଅର୍ଥ ଓ ପ୍ରଶଂସାପତ୍ର ଲାଭ କରିବା ଆଶାରେ ବିଦେଶରେ ଭାରତକୁ ବିକ୍ରି କରିବାରେ ଲାଗିଛନ୍ତି, ଯାହା ବନ୍ଦ ହେବା ଆବଶ୍ୟକ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଦୁର୍ନୀତିଗ୍ରସ୍ତଙ୍କ ଘେରରେ



ଗଜାନନ ମିଶ୍ର

ବିଚାରପତିଙ୍କ ବାସଭବନରୁ ବିପୁଳ ପରିମାଣରେ ଅଧାପୋଡା ୫୦୦ ଟଙ୍କିଆ ନୋଟ। ଆଉ ଏ ଏସଙ୍କ ଲକ୍ଷ ଲକ୍ଷ ଉତ୍କୋଚ ଗ୍ରହଣ ଆଉ ବାସ ଭବନରୁ ସତଚାଳିଶ ଲକ୍ଷ ଜବତ ସ୍ପଷ୍ଟ ସୂଚନା ଦେଉଛି ଆମେ, ସାର୍ବଭୌମଧାରୀ ଭାରତୀୟ ନାଗରିକଗଣ, ଦୁର୍ନୀତି ଘେରରେ ଛଟପଟ। ନ୍ୟାୟ ବିଭାଗରୁ ନ୍ୟାୟ ପାଇବାର ଆଶା ଦିଶୁ ନାହିଁ। ପ୍ରଶାସନିକଙ୍କ ଠାରୁ ଉପଯୁକ୍ତ ସେବା ପ୍ରାପ୍ତ ହେଉ ନାହିଁ। ପଙ୍ଗୁ ଅଥର୍ବ ହୋଇ ପଡିଲା ଭଳି ଅନୁଭବ ହେଉଛି ନ୍ୟାୟପାଳିକା ଆଉ କାର୍ଯ୍ୟପାଳିକା ଏବେ। ତହସିଲରୁ ସଚିବାଳୟଯାଏ କାର୍ଯ୍ୟ ଚାଲିଛି ବିଦେଶୀ ଭାଷାରେ, ବେଖାତିର କରାଯାଉଛି ସାଧାରଣ ଜନତାଙ୍କୁ। ଅଦାଲତ ଅବମାନନାର କୋକୁଆ ଭୟରେ ନିର୍ଦ୍ଦୋଷଙ୍କୁ ଚୁପ୍ ରହିବାକୁ ପଡୁଛି। ଅର୍ଥ ଓ କ୍ଷମତାର କେନ୍ଦ୍ରୀଭୂତ ପଦବୀଧାରୀ ଜନତା ଜନାର୍ଦ୍ଦନଙ୍କୁ ଭୟଭୀତ କରି ରଖିଛନ୍ତି। ଇଂରେଜଙ୍କ ଉତ୍ତରାଧିକାରୀ ଭାବରେ ଏ ଯାଏ ପ୍ରଶାସନ ଓ ବିଶେଷକରି ଆଇନବିଭାଗ କାର୍ଯ୍ୟ କରି ଚାଲିଛନ୍ତି, ଆମ ଭାରତୀୟଙ୍କ ଅର୍ଥରେ ! ଆମ ଏ ମାଟିର ଭାଷା, ପରଂପରାକୁ ଆଉଆଖିରେ ବି ଦେଖା ହେଉ ନାହିଁ। ଲାଗୁଛି, ସ୍ୱାଧିନତା ଆମ ପାଇଁ ମହରଗରୁ ଆଣି କାନ୍ତାରରେ ପକାଇଦେଇଛି। ମନମୁଖି, ସ୍ୱେଚ୍ଛାଚାରୀ ଅଧିକାରୀ ଓ ବିଚାରପତିଙ୍କ ଆଦେଶଗୁଡିକ ଅତିଷ୍ଠ କରୁଛି ସମସ୍ତଙ୍କୁ। ପ୍ରଶାସନିକ ଓ ନ୍ୟାୟ ବିଭାଗର ଅଧିକାରୀଙ୍କ ଗର୍ବ ଅହଙ୍କାର ଦିନୁଦନ ଅସହ୍ୟ ହୋଇପଡୁଛି। କିଏ କେବେ ଆଉ ରକ୍ଷା କରିବ ସାଧାରଣ ଜନତା ଭୋଟରଙ୍କୁ ଦୁର୍ନୀତିଗ୍ରସ୍ତଙ୍କ କବଜାରୁ !

*ତପୋବନ, ଟିଟିଲାଗଡ*

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ପାଲା ଓଡିଶାର ସାଂସ୍କୃତିକ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ !



ଅସିତ ମହାନ୍ତି

ପାଲା ଓଡ଼ିଶାର ଏକ ଅନନ୍ୟ ଲୋକ ନାଟ୍ୟ ରୂପ, ଯାହାର ଏକ ସମୃଦ୍ଧ ଇତିହାସ ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରୁ ରହିଛି। ପାଲା କେବଳ ଓଡିଶାର ସାଂସ୍କୃତିକ ଐତିହର ଏକ ଅବିଚ୍ଛେଦ୍ୟ ଅଙ୍ଗ ନୁହେଁ ବରଂ ଓଡ଼ିଆ ଭାଷାର ସଂରକ୍ଷଣରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବର୍ତ୍ତମାନ ଯେଉଁଭଳି ଭାବେ ଓଡ଼ିଆ ଭାଷାର ମହତ୍ୱ ସାମାଜିକ ପରିବେଶରେ କମ ହେବାକୁ ଲାଗିଛି, ପାଲାର ଭୂମିକା ଏବଂ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପାଲା ମାଧ୍ୟମରେ ମହାନ ଓଡ଼ିଆ ଲେଖକ ମାନଙ୍କର ଉଚ୍ଚ କୋଟିର କାବ୍ୟ ଏବଂ ସେଗୁଡିକର ଭାଷା ଶୈଳୀ ଓଡ଼ିଆ ଭାଷାକୁ ଜୀବନ୍ତ କରିଥାଏ। ସେହି ଦୃଷ୍ଟିରୁ ଓଡ଼ିଆ ଭାଷା ଏବଂ ଓଡ଼ିଆ ସଂସ୍କୃତିର ସଂରକ୍ଷଣ କ୍ଷେତ୍ରରେ ପାଲାର ଏକ ଭୂମିକା ରହିଛି। ଗୋଟିଏ ଧାଡିରେ କହିବାକୁ ଗଲେ ପାଲା ହେଉଛି ଭାଷା ଏବଂ ସଂସ୍କୃତିର ଏକ ଉନ୍ନତ ମିଶ୍ରଣ ଯାହା ଓଡ଼ିଆ ଭାଷାର ସଂରକ୍ଷଣ ଏବଂ ମାନକୁ ସାଇତି ରଖିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। କିନ୍ତୁ ଚିନ୍ତାର ବିଷୟ ଏହି ସଂସ୍କୃତୀଟି ଧୀରେ ଧୀରେ ବିଲୁପ୍ତି ଆଡକୁ ଗତି କରୁଛି। କିନ୍ତୁ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଡାକ୍ତର ରଜତ କର ମହୋଦୟଙ୍କ ଉପସ୍ଥିତିରେ ପ୍ରାର୍ଥନା ଚ୍ୟାନେଲ ମାଧ୍ୟମରେ ଏହି ସଂସ୍କୃତୀଟିକୁ ଫେରାଇ ଆଣିବାକୁ ଅନେକାଂଶରେ ଚେଷ୍ଟା କରାଯାଇଛି। କିନ୍ତୁ ଯେଉଁଭଳି ଭାବେ ସାମାଜିକ ପରିବେଶରେ ଏହା ଆଦୃତ ହେବା କଥା ତାହା ହୋଇପାରୁ ନାହିଁ। ଯେତିକି ପାଲା ପରିବେଶ ଓଡ଼ିଶାରେ ଜୀବିତ ରହିଛି, ତାହା କେବଳ ବୟୋଜ୍ୟେଷ୍ଠ ବ୍ୟକ୍ତି ମାନଙ୍କ ପର୍ଯ୍ୟନ୍ତ ସୀମିତ ରହିଛି। ତାହାର ସ୍ଥାନଟି ଆଜି ଯାତ୍ରା ନେଇଛି ଯାହା ଦର୍ଶକ ମାନଙ୍କୁ କେବଳ ଅରୁଚିକର ସଂସ୍କୃତି ପରଷୁଛି। ସେ ଯାହା ହେଉ, ପାଲା ସମ୍ପର୍କରେ ସମ୍ପୂର୍ଣ୍ଣ ଜ୍ଞାନ ହେବା ଆବଶ୍ୟକ, ଯାହାଫଳରେ ଏହାର ସାରତତ୍ତ୍ୱକୁ ହୃଦୟଙ୍ଗମ କରି ନୂତନ ପିଢୀକୁ ପାଲା ପ୍ରତି ଆକୃଷ୍ଟ କରିବାପାଇଁ ସାହାଯ୍ୟ ହେବ।

ଏଠାରେ ଏହାର ଇତିହାସର ଏକ ସଂକ୍ଷିପ୍ତ ସମୀକ୍ଷା ଦିଆଯାଇଛି। ଉତ୍ପତ୍ତି - ପାଲା ପ୍ରାୟ ୧୫୧୦ ଖ୍ରୀଷ୍ଟାବ୍ଦରେ ଉତ୍ପନ୍ନ ହୋଇଥିଲା ଏବଂ ଏହା ସଂସ୍କୃତ ଏବଂ ଓଡ଼ିଆ ସାହିତ୍ୟରୁ ଉତ୍ପନ୍ନ ହୋଇଥିବା ବିଶ୍ୱାସ କରାଯାଏ। ଏହା ପ୍ରଥମେ ମୋଗଲ ସମୟରେ ହିନ୍ଦୁ ଏବଂ ମୁସଲମାନ ବିଶ୍ୱାସର ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାବସ୍ଥାନର ପ୍ରତୀକ ଦେବତା ସତ୍ୟପୀର୍ (ହିନ୍ଦୁଙ୍କ ପାଇଁ ସତ୍ୟନାରାୟଣ ଏବଂ ମୁସଲମାନମାନଙ୍କ ପାଇଁ ପୀର୍) ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଭାବରେ ପରିବେଷଣ କରାଯାଇଥିଲା। ପ୍ରଦର୍ଶନ ଶୈଳୀ - ପାଳ ପରିବେଷଣରେ ପାଞ୍ଚରୁ ଛଅ ଜଣ କଳାକାରଙ୍କ ଏକ ଦଳ ଅନ୍ତର୍ଭୁକ୍ତ, ଯେଉଁଥିରେ ଜଣେ ମୁଖ୍ୟ ଗାୟକ (ଗାୟିକା), ଜଣେ ମୃଦଙ୍ଗ ବଜାଳି ଏବଂ ଏକ କୋରସ୍ (ପାଳିଆ) ଅନ୍ତର୍ଭୁକ୍ତ। ଗାୟକ ପୌରାଣିକ ଗ୍ରନ୍ଥରୁ ଏପିସୋଡ୍ ବର୍ଣ୍ଣନା କରୁଥିବାବେଳେ କୋରସ୍ ଛନ୍ଦବଦ୍ଧ ଭାବରେ ନୃତ୍ୟ କରେ। ଏହି ପ୍ରଦର୍ଶନ ପ୍ରାୟତଃ ଏକ ଶିଶୁର ନାମକରଣ ସମାରୋହ (ଏକୋଇଶିଆ) କିମ୍ବା ସତ୍ୟନାରାୟଣ ପୂଜା ପରି ସ୍ୱତନ୍ତ୍ର ଅବସରରେ ଅନୁଷ୍ଠିତ ହୁଏ। ବିବର୍ତ୍ତନ - ସମୟ ସହିତ, ପାଲା ଦୁଇଟି ମୁଖ୍ୟ ରୂପରେ ବିକଶିତ ହେଲା ବୈଠକି (ବସିବା) ଏବଂ ଥିଆ (ଠିଆ) ଥିଆ ଫର୍ମ ଅଧିକ ଲୋକପ୍ରିୟ ଏବଂ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ସନ୍ତୋଷଜନକ, ଯେଉଁଥିରେ ପ୍ରାୟତଃ ଦୁଇ କିମ୍ବା ଅଧିକ ଗୋଷ୍ଠୀ ମଧ୍ୟରେ ପ୍ରତିଯୋଗିତା ଅନ୍ତର୍ଭୁକ୍ତ। ଏହି ପ୍ରତିଦ୍ୱନ୍ଦ୍ୱିତାମୂଳକ ଉପାଦାନ ପ୍ରଦର୍ଶନରେ ଉତ୍ସାହ ଏବଂ ମନୋରଞ୍ଜନ ଯୋଗ କରେ। ସାଂସ୍କୃତିକ ମହତ୍ତ୍ୱ - ଓଡ଼ିଆ ସଂସ୍କୃତି, ସାହିତ୍ୟ ଏବଂ ସାମାଜିକ ମୂଲ୍ୟବୋଧର ସଂରକ୍ଷଣରେ ପାଲା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ଓଡ଼ିଶାର ସାମାଜିକ-ସାଂସ୍କୃତିକ ନୈତିକତାକୁ ପ୍ରତିଫଳିତ କରୁଥିବା କାହାଣୀ, ଧାର୍ମିକ ଶିକ୍ଷା ଏବଂ ସାମାଜିକ ମନ୍ତବ୍ୟର ଏକ ମାଧ୍ୟମ ହୋଇଆସିଛି।

ସଂଗୀତ, ନୃତ୍ୟ ଏବଂ ନାଟକର ମିଶ୍ରଣ ଦ୍ୱାରା ଦର୍ଶକଙ୍କୁ ଆକର୍ଷିତ କରି ପାଲା ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି।

ପାଲା ବିଭିନ୍ନ କାରଣରୁ ଓଡ଼ିଶାରେ ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଏବଂ ଲୋକ ପରମ୍ପରା ଅଟେ। ସାଂସ୍କୃତିକ ସଂରକ୍ଷଣ - ପାଲା ହେଉଛି କାହାଣୀ କହିବାର ଏକ ପାରମ୍ପାରିକ ରୂପ ଯେଉଁଥିରେ ସଂଗୀତ ଏବଂ ଛନ୍ଦବଦ୍ଧ ଗତି ସହିତ ମହାକାବ୍ୟ କାହାଣୀ, ପୁରାଣ ଏବଂ ଲୋକକଥା ଆବୃତ୍ତି ଅନ୍ତର୍ଭୁକ୍ତ। ଏହା ସାଂସ୍କୃତିକ ଜ୍ଞାନ ଏବଂ ମୂଲ୍ୟବୋଧର ସଂରକ୍ଷଣ ଏବଂ ପ୍ରସାରଣ ପାଇଁ ଏକ ମାଧ୍ୟମ ଭାବରେ କାର୍ଯ୍ୟ କରେ, ଯାହା ନିଶ୍ଚିତ କରେ ଯେ ଓଡ଼ିଶାର ସମୃଦ୍ଧ ଐତିହ୍ୟ ପିଢ଼ି ପରେ ପିଢ଼ି ଅତିକ୍ରମ କରେ। ଧାର୍ମିକ ଏବଂ ନୈତିକ ଉନ୍ନତି - ପାଲା ପ୍ରଦର୍ଶନ ପ୍ରାୟତଃ ଧାର୍ମିକ ମହାକାବ୍ୟ ଏବଂ ସ୍ଥାନୀୟ ଲୋକକଥା ଚାରିପଟେ ଘୂରିଥାଏ, ଯାହା ଦର୍ଶକଙ୍କୁ ଆଧାତ୍ମିକ ଏବଂ ନୈତିକ ମାର୍ଗଦର୍ଶନ ପ୍ରଦାନ କରିଥାଏ। ଏହା ନୈତିକ ଚେତନା, ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ଏବଂ ଧାର୍ମିକ ସହନଶୀଳତାକୁ ପ୍ରୋତ୍ସାହିତ କରିଥାଏ, ଯାହା ଓଡ଼ିଶାର ସାମାଜିକ-ସାଂସ୍କୃତିକ ଜୀବନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ମନୋରଞ୍ଜନ ଏବଂ ଶିକ୍ଷା - ପାଲା କେବଳ ମନୋରଞ୍ଜନର ଏକ ରୂପ ନୁହେଁ ବରଂ ଏକ ଶିକ୍ଷଣୀୟ ମାଧ୍ୟମ ମଧ୍ୟ। ଏହା ନିଜର ମନ୍ତ୍ରମୁଗ୍ଧକର ବର୍ଣ୍ଣନା ଏବଂ ଛନ୍ଦବଦ୍ଧ ଗତିବିଧି ଦ୍ୱାରା ଦର୍ଶକଙ୍କୁ ଆକର୍ଷିତ କରିଥାଏ, ଯାହା ଏହାକୁ ଏକ ଲୋକପ୍ରିୟ ଏବଂ ଆଦୃତ କଳା ରୂପରେ ପରିଣତ କରିଥାଏ। ପାଲା ପରିବେଷଣ ପ୍ରାୟତଃ ଗ୍ରାମ ଛକ ଏବଂ ଗୋଷ୍ଠୀ ସମାବେଶରେ ଅନୁଷ୍ଠିତ ହୁଏ, ଯାହା ଗୋଷ୍ଠୀ ଏବଂ ସାଂସ୍କୃତିକ ପରିଚୟର ଭାବନାକୁ ପ୍ରୋତ୍ସାହିତ କରେ।

ସାରାଂଶରେ, ପାଲା ହେଉଛି ଏକ ଅନନ୍ୟ ଲୋକ ଥିଏଟର ଯାହା ନୃତ୍ୟ, ନାଟକ, ସଙ୍ଗୀତ ଏବଂ ବକ୍ତବ୍ୟକୁ ଏକତ୍ର କରିଥାଏ, ଯାହା ଏହାକୁ ଓଡ଼ିଶାର ସାଂସ୍କୃତିକ ସଂରଚନାର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିଥାଏ। ସାଂସ୍କୃତିକ ଐତିହ, ଧାର୍ମିକ ମୂଲ୍ୟବୋଧ ଏବଂ ସାମାଜିକ ସଂହତିକୁ ପ୍ରୋତ୍ସାହିତ କରିବାରେ ଏହାର ଭୂମିକା ଏହାକୁ ଓଡ଼ିଆ ସଂସ୍କୃତିରେ ଏକ ମୂଲ୍ୟବାନ ପରମ୍ପରାରେ ପରିଣତ କରିଛି। ପାଲା ପରି ପାରମ୍ପାରିକ ସାଂସ୍କୃତିକ ଅଭ୍ୟାସର କ୍ରମିକ ଅବନତି ଅନେକ କାରଣ ପାଇଁ ଦାୟୀ କରାଯାଇପାରେ।

(କ୍ରମଶଃ)

ଧାରାବାହିକ ଉପନ୍ୟାସ

# ମହାନାୟକ



## କ୍ଷୀରୋଦ ଦାସ

ସମକାଳୀନ ଓଡ଼ିଆ କଥା ସାହିତ୍ୟର ଏକ ଦମ୍‌ଦାର ସ୍ୱର କ୍ଷୀରୋଦ ଦାସ। କେତେବେଳେ ସୁଦୂର ଅତୀତର ଅଭୁଲା ସ୍ମୃତି ତ କେତେବେଳେ ଆମ ସମୟର ଯନ୍ତ୍ରଣା, ଜଞ୍ଜାଳ, ସଂପର୍କ ଓ ସଂଘାତିକୁ ନିଜ କାହାଣୀ ତଥା ଉପନ୍ୟାସରେ ବିଶ୍ୱସ୍ତ ଭାବେ ପରଷି ଦେବାରେ ସେ ସିଦ୍ଧହସ୍ତ। ତାଙ୍କ କାହାଣୀ ଭିତରେ କେଉଁ କଳ୍ପଲୋକର ରୂପକଥା ନଥାଏ, ଥାଏ ଆମ ଆଖପାଖର ଚିତ୍ର, ଥାଆନ୍ତି ଆମ ଆଖପାଖର ମଣିଷମାନେ। ଓଡ଼ିଆ ଘରର ରୀତିନୀତି, ହାନିଲାଭ, ପ୍ରେମ ପ୍ରଣୟ, ସୁଖଦୁଃଖକୁ ବେଶ୍ ରୁଚିପୂର୍ଣ୍ଣ ଢଙ୍ଗରେ ଉପସ୍ଥାପିତ କରିବାରେ ସେ ଅନେକ ସଫଳତାର ଅଧିକାରୀ।

ଭାଗ-୧୩

*(ପୂର୍ବପ୍ରକାଶ ଉତ୍ତାରୁ*

"ଘନରେ, ବାପା ତୋର କ'ଣ ହୋଇଛି? ଏମିତି ବାଇଆଙ୍କ ପରି କାଇଁକି ହଉଚୁ? କାହିଁକି କାନ୍ଦୁଚୁ ଏମିତି ପିଲାଙ୍କ ପରି। ଯା, ଉଠ୍। ଘରକୁ ଯା- ବାପ...

"କ'ଣ କହିଲ? ଜୀବନରେ ପ୍ରଥମଥର ପାଇଁ ଏକ ଭୟଙ୍କର କଥା ଶୁଣିବା ପରି ଚମକି ପଡିଲେ ଘନଦାଦା- "କୁଆଡେ ଯିବି? ଘରକୁ! କେଉଁଘର? କାହା ଘର?

ଛାତିକୁ ମନ୍ଥି ପକାଇ ବାହାରକୁ ଉବୁକି ଆସୁଥିବା କୋହକୁ ରୋକିବାକୁ ଅସମର୍ଥ ହୋଇ ଅଶ୍ରୁଳ ସ୍ୱରରେ ଘନଦାଦା ପୁଣି କହିଲେ-

"କକେଇ, ମଣିଷର ଶବ ସିନା ଯେକୌଣସି ସ୍ଥାନକୁ ବିନାଦ୍ୱିଧାରେ ଆପଣେଇ ପାରେ, ହେଲେ ଜୀବନ ମଣିଷ ନୁହେଁ। ଅନେକ ଶ୍ରଦ୍ଧା ଓ ଶ୍ରମରେ, ତପସ୍ୟା ଓ ତ୍ୟାଗରେ, ସ୍ନେହ ଓ ମମତାର ମସଲାରେ ତିଆରି କରିଥିବା ସେଇ ଘର ମୋ ପାଇଁ ପୂତିଗନ୍ଧମୟ ନର୍କରେ ପରିଣତ ହୋଇଯାଇଛି। ସେଇ ଘର ଭିତରେ ଥିବା ମଣିଷଟି, ଯାହାକୁ ମୁଁ ସାଇତି ରଖିଥିଲି ଏଇ ଛାତି ଭିତରର ସବୁଠୁ କୋମଳ, ସବୁଠୁ ପ୍ରେମାସ୍ପଦ ପରିଧି ଭିତରେ, ଯିଏ ଥିଲା ମୋ ପ୍ରାଣବାୟୁର ଏକମାତ୍ର ଅବଲମ୍ବନ, ମୋ ହୃତସ୍ପନ୍ଦନ, ସିଏ ମୋ ପାଇଁ ... ନା ... ନା, ମୁଁ ତା' ପାଇଁ ମରିଯାଇଛି।"

"କକେଇ, ଯଦି ଗାଁ ଆଡେ କେବେ ଯାଅ, ତମ ବୋହୂକୁ ଶୁଣାଇ ଦେବ ମୋର ଅନ୍ତିମ କଥା- "ଘନ ମହାନ୍ତି ମରିଯାଇଛି। ସେ ମୋତେ ଶୁଦ୍ଧି ହୋଇପଡିବ।"

: ଆରେ, କାହିଁକି ଏମିତି କାଳତୁଣ୍ଡା କଥାଗୁଡା କହୁଚୁରେ ଘନ। ନଇଁ ପଡିଲେ ପରା ଲହଡି ଚାଲିଯାଏ। ଟିକେ ଧୈର୍ଯ୍ୟ ଧରିଯା। ଯାହା ଆଜି ତୋତେ ଏତେ ଅସହନୀୟ ଲାଗୁଛି, ଏତେ ହଲାପଟା କରୁଛି, କନ୍ଦାଉଛି, ଦେଖିବୁ କାଲିକୁ ଫିକା ପଡିଯିବ। ସମୟ ସବୁକିଛିକୁ ଧୋଇନେବ। ତାହା ସୁଖ ହେଉକି ଦୁଃଖ, କିଛି ଚିରସ୍ଥାୟୀ ନୁହେଁରେ ବାପ! ତୁ ମୁଣ୍ଡକୁ ଟିକେ ଥଣ୍ଡା କର...

ଫକୀରା କକେଇଙ୍କ କଥା ପଶୁନଥିଲା ଘନଦାଦାଙ୍କ କାନରେ। ସେ ଆଉ କିଛି ନକହି ଠିଆହେଲେ ଏବଂ ପାରାଦ୍ୱୀପ ଆଡୁ ଆସୁଥିବା ସେଦିନର ପ୍ରଥମ ବସ୍‌ରେ ଚଢ଼ିଗଲେ।

ଦିଗ୍‌ବଳୟ ଭିତରେ ଧୀରେଧୀରେ ଲୁଚି ଯାଉଥିବା ବସ୍ ଆଡ଼କୁ ଚାହିଁ ଦୀର୍ଘଶ୍ୱାସ ଛାଡ଼ିଲେ ଫକୀରା କକେଇ।

'ଚକାଡୋଳା' ବସ୍‌ର ଗୋଟେ ସାଇଡ୍ ସିଟ୍‌ରେ ବସି ଲୁହ ଟଳମଳ ଆଖିରେ ବାହାର ଦୁନିଆଁକୁ ଚାହିଁଥିଲେ ଘନଦାଦା। ଧାନକ୍ଷେତ ଉପରେ ବିଛେଇ ହୋଇ ପଡିଥିବା ସୁନା ରଙ୍ଗର ଖରା, ଏ ଗଛରୁ ସେ ଗଛକୁ ଉଡି ଯାଉଯାଉ ସକାଳକୁ ସ୍ୱାଗତ କରୁଥିବା ନାମ ଅଜଣା ଚଢ଼େଇଙ୍କ କିଚିରି ମିଚିରି ସଂଗୀତ, ଗାଡି ମଟରମାନଙ୍କ ପେଁ ପେଁ ଆବାଜ... କିଛି ବି ଭେଦ କରି ପାରୁନଥିଲା ତାଙ୍କ କାନ କିମ୍ବା ଆଖିକୁ। ଆଖି ଭିତରର ଅମାନିଆ ଲୁହ ଆହୁରି ଅମାନିଆ ହୋଇ



କୂଳ ଲଂଘୁଥିଲା ବାରମ୍ବାର। ତାହା ପ୍ରତବନ୍ଧକ ସୃଷ୍ଟି କରୁଥିଲା ବାହାର ଦୁନିଆକୁ ଦେଖିବା ପାଇଁ।

କେବଳ ଉଲଗ୍ନ ବୀଭତ୍ସତା ଆଉ ନାରୀକୟ ଦୃଶ୍ୟ ବ୍ୟତୀତ ବାହାର ଦୁନିଆରେ ଅଧିକ ଆଉ କ'ଣଟା ଅଛି ଯେ ସେ ଆଖିରୁ ଲୁହ ପୋଛି ତାକୁ ମନ ଭରି ଦେଖିବେ। ଉପଭୋଗ କରିବେ!!

"କହ! କାଇଁକି ଏପରି କଲୁ? କାଇଁକି ପାଲଟି ଗଲୁ ଦେବୀରୁ ଦାନବୀ? ତୋ ଦେହର, ମନର, ଆତ୍ମାର ସଫେଦ ପବିତ୍ର ପୃଷ୍ଠା ଉପରେ କାଇଁକି ଲଗେଇଦେଲୁ କଳଙ୍କର କାଳିଛିଟା? କାହିଁକି ଡେଇଁ ପଡିଲୁ ସ୍ୱର୍ଗରୁ କୁମ୍ଭୀପାକ ନର୍କ ଭିତରକୁ??

ଏପରି ଅନେକ ପ୍ରଶ୍ନ ଥରେ ନୁହେଁ, ମନେମନେ ଘନଦାଦା ଲକ୍ଷଲକ୍ଷ ଥର ପଚାରୁଥିଲେ ମାନୀ ଖୁଡୀକୁ। କିନ୍ତୁ ପାଉ ନଥିଲେ କୌଣସି ଉତ୍ତର।

"ତୁ ତ ଭାରି ସାଧାସିଧା ନିରିମାଖୀ, ନିରିମାୟା ମଣିଷଟିଏ। ମାଛିକୁ ମ' କହୁନଥିବା ଅବଳାଟିଏ! ତୋ' ଭିତରେ କେମିତି, କେଉଁଠି ଛପି ରହିଥିଲା ଏତେ ଦୁର୍ବୋଧ, ରହସ୍ୟମୟ ଗୋପନୀୟ ସତ୍ତାଟିଏ?

ଆଖିରୁ ଧୀରେଧୀରେ ଶେଷ ହୋଇଯାଉଥିଲା ଲୁହ। ଲୁହ କଣ ମଣିଷର ଛାତି ଭିତରୁ ସବୁ ଦୁଃଖ, ସବୁ ଯାତନା, ସବୁ ଦୀର୍ଘଶ୍ୱାସକୁ ଧୋଇ ଦେଇପାରେ।

ଲୁହର ଅନ୍ତରେ ବୋଧେ କ୍ରୋଧର ଜନ୍ମ!

ସହସା ଘନଦାଦାଙ୍କ ଦାନ୍ତରେଦାନ୍ତ ବାଜିଲା। ହାତ ମୁଠା ଟାଣଟାଣ ହୋଇଗଲା। ଆଖି ହୋଇଗଲା ଲାଲ୍‌ଲାଲ୍। ପ୍ରଚଣ୍ଡ କ୍ରୋଧରେ ସେ ଶକ୍ତ ବିଧାଟିଏ ପକାଇଲେ ବସ୍‌ର ସିଟ୍ ଉପରକୁ। ଅନ୍ୟ ଯାତ୍ରୀମାନେ ତାଙ୍କୁ ସନ୍ଦେହ ଓ ଆଶ୍ଚର୍ଯ୍ୟ ଆଖିରେ ଚାହିଁଲେ। କେହି କେହି ଅସନ୍ତୋଷରେ ବିରକ୍ତି ବି ପ୍ରକାଶ କଲେ।

ଅଥଚ ସେ ଆଡକୁ ଆଦୌ ନିଘା ନଥିଲା ଘନଦାଦାଙ୍କର। ବାହାର ଦୁନିଆ କ'ଣ ଭାବିଲା, ସେଥିରେ ତାଙ୍କର ଯାଏ ଆସେ କ'ଣ? ବାସୁକୀ ଫଣା ଉପରେ ତିଷ୍ଠି ରହିଥିବା ଏ ସଂସାର ରସାତଳକୁ ଖସି ପଡିଲେ କ୍ଷତି କ'ଣ? ସ୍ତ୍ରୀ ପରପୁରୁଷ ସହିତ ରଙ୍ଗରସରେ ମାତି ରହିଲେ ବି କ୍ଷତି କ'ଣ?

ସ୍ତ୍ରୀ! ହାଃ... ହାଃ... ହାଃ...

ଚକାଡୋଳା ବସ୍‌ଟି କେତେବେଳେ ଆସି ବାଦାମବାଡିରେ ପହଞ୍ଚି ଯାଇଛି, ସେକଥା ମାଲୁମ ନଥିଲା ଘନଦାଦାଙ୍କୁ। ବସ୍‌ରୁ ସମସ୍ତ ଯାତ୍ରୀ ଓହ୍ଲାଇ ଯିବା ପରେ ଘନଦାଦାଙ୍କୁ ଏକୁଟିଆ ବସିଥିବାର ଦେଖି କଣ୍ଡକ୍ଟର ତାଙ୍କ ପାଖକୁ ଆସି ମୁର୍କେଇ ହସି ପଚାରିଲେ - "କ'ଣ ମହାରାଜ, ଓହ୍ଲାଇବେନି କି?

ତାଙ୍କୁ ମହାରାଜ ଡାକି ଥଟ୍ଟା କରୁଥିବା ଲୋକଟିର ବେକକୁ ମୋଡି ଦେବାକୁ ଇଚ୍ଛା କରୁଥିଲା ଘନଦାଦାଙ୍କର ସେଇ ମୁହୂର୍ତ୍ତରେ। ରୋଷ ନେତ୍ରରେ ସେ ଚାହିଁଲେ କଣ୍ଡକ୍ଟରକୁ।

*(କ୍ରମଶଃ)*

---

କବିତା



## ଶ୍ରୀ ଜିଉଙ୍କ ମହାସ୍ନାନ



### ସଂଶୟ କୁମାର ସାହାଣୀ

ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ପୂର୍ଣ୍ଣମୀରେ
ସ୍ନାନ ପୂର୍ଣିମା ନୀତି
ସ୍ନାନ ମଣ୍ଡପେ ଚତୁର୍ଦ୍ଧା ମୂରତି
ସିନାନରେ ଥାନ୍ତି ମାତି।

ଏକ ଶତ ଅଷ୍ଟ କଳସି ଜଳରେ
ଚାରି ମୂର୍ତ୍ତିଙ୍କର ସ୍ନାନ
ଜଗା, ବଳଦେବ, ମା ସୁଭଦ୍ରାଙ୍କ
ହୋଇଥାଏ ଗୁଣଗାନ।

ରାଜା ଇନ୍ଦ୍ରଦ୍ୟୁମ୍ନ ସ୍ନାନଲୀଳା କଲେ
ଦାରୁବ୍ରହ୍ମ ରୂପପରେ
କାଷ୍ଠ ମଞ୍ଚ କରି ସ୍ନାନ କରାଇଲେ
ଚତୁର୍ଦ୍ଧା ମୂରତି ଠାରେ।

ବରଷକେ ଥରେ ଜଳସ୍ନାନ ହୁଏ
ଚତୁର୍ଦ୍ଧା ମୂରତିଙ୍କର
ଅନ୍ୟ ଦିବସରେ ମନ୍ତ୍ରସ୍ନାନ ବଳେ
ସ୍ନାନ ନୀତିର ସମ୍ଭାର।

ସିନାନ ପୂର୍ଣିମା ବିଧି ଅନୁଯାୟୀ
କୋଠ ସିଆଁସିଆ ଦାସ
ପହଣ୍ଡି ସକାଶେ ଚାରମାଳ ବାନ୍ଧି
ନୀତି କରନ୍ତି ପ୍ରବେଶ।

ସ୍ୱର୍ଣ୍ଣ କଳସିରେ ଗରାବଡୁ ଆଣେ
ଜଳ ପ୍ରଣୀତା କୂପର
ବୈଦିକ ବିଧିରେ ଅଭିମନ୍ତ୍ରିତରେ
ସମାପନ ଉପଚାର।

ଅଗୁରୁ, ଉଗୁର, ଦେବଦାରୁ, ମୁଥା
ଉଶିର, ଗୋରଚନା
ମିଶ୍ରିତ ହୁଅଇ ସର୍ବ କଳସିରେ
ସୁବାସିତ ସଂରଚନା।

ପଇଁ ତିରିଶ ଗରା ଶ୍ରୀଜଗନ୍ନାଥଙ୍କୁ
ତେତିଶ ବଳଭଦ୍ରଙ୍କୁ
ବାଇଶି ଗରାରେ ଗାଧାନ୍ତି ସୁଭଦ୍ରା
ଅଠର ସୁଦର୍ଶନଙ୍କୁ।

ସ୍ନାନ ପରେପରେ ଗଜାନନ ବେଶ
ହୋଇଥାଏ ପ୍ରଭୁଙ୍କର
ମଣ୍ଡପରୁ ଦେଖି ଭକ୍ତ ହୁଏ ମୋକ୍ଷ
ଧନ୍ୟ ହୁଏ ଜନ୍ମ ତାର

*ଅଲଣା-୨, ନାଉଗାଁ ହାଟ,*
*ଜଗତସିଂହପୁର*

## ବରଷକେ ପରେ ଆସିଛି ରଜ....



### ରାମଚନ୍ଦ୍ର ବେହେରା

ତପତ ମହୀର ଜୀର୍ଣ୍ଣଶୀର୍ଣ୍ଣ ରୂପ
ତରୁଲତା ସନ୍ତାପିତ
ବରଷକେ ପରେ ଆସିଅଛି ରଜ
ସାଜି ମଉସୁମୀ ଦୂତ।
ଜ୍ୟେଷ୍ଠ ହେଲା ଅନ୍ତ ମନ ହେଲା ବ୍ୟସ୍ତ
ରଜସ୍ୱଳା ହେଲେ ମାତା
ନୂଆ ପରିଧାନେ ଝିଅ ବୋହୂମାନେ
ମଥାରେ ଆଂକିଲେ ଚିତା
ପୋଡପିଠା ବାସ୍ନା ମହକିଲା ଘରେ
ନିଆରା ତାହାର ସ୍ୱାଦ
ବରଷକେ ପରେ ଆସିଅଛି ରଜ
ସାଜି ମଉସୁମୀ ଦୂତ।
ଦୋଳିରେ ଝୁଲିବା ସାଥୀରେ ବୁଲିବା
ଅତର ଲଗାଇ ଦେହେ
ଲୁଡୁ ପାଲି ସହ ମଉଜ କରିବା
ରଜ ପାନ ଥିବ ମୁହେଁ
ମନ ଗହନରେ ପର ଆପଣାର
ଲୁଚିଯିବ ସାରା ବାଦ
ବରଷକେ ପରେ ଆସିଅଛି ରଜ
ସାଜି ମଉସୁମୀ ଦୂତ।
ପହିଲି ରଜରୁ ଆରମ୍ଭ ଏ ପର୍ବ
ବସୁମତୀ ସ୍ନାନେ ଅନ୍ତ
ଧରଣୀ ମାଆର ପୂଜାରେ ମୌସୁମୀ
ଛିଂଚିବ ଜଳ ଅମୃତ
ଆଷାଢ ଢାଳିବ ଶୀତଳ ସଲିଳ
କମିବ ଗ୍ରୀଷ୍ମ ତପତ
ବରଷକେ ପରେ ଆସିଅଛି ରଜ
ସାଜି ମଉସୁମୀ ଦୂତ।
ରଜପର୍ବ ପାଇଁ ଗାଆଁ ଭୂଇଁ ଆଜି
ଉତ୍ସବରେ ମୁଖରିତ
ସ୍ୱାଦିଷ୍ଟ ବ୍ୟଂଜନ ମହକି ଉଠଇ
ପ୍ରାଣହୁଏ ଉଲ୍ଲସିତ
ଧରଣୀ ମେଘର ମଧୁର ମିଳନ
କରେ ଜଗତର ହିତ
ବରଷକେ ପରେ ଆସିଅଛି ରଜ
ସାଜି ମଉସୁମୀ ଦୂତ।
ଆଦ୍ୟ ଆଷାଢର ପହିଲି ବର୍ଷାରେ
ଭିଜିବ ପବିତ୍ର ମହୀ
ପୂର୍ଣ୍ଣ ଯୌବନର ଦୀପ୍ତିରେ ଆସିବ
ମର୍ତ୍ତ୍ୟଧାମକୁ ଓହ୍ଲେଇ
ଚଷାପୁଅ ତା'ର ଚାଷ କାମ ପାଇଁ
ପରାଣେ ହେବ ପ୍ରସ୍ତୁତ
ବରଷକେ ପରେ ଆସିଅଛି ରଜ
ସାଜି ମଉସୁମୀ ଦୂତ।
ବିଜ୍ଞାନ ଯୁଗରେ ଭାଇଚାରା ନୀତି
ନଦିଶେ ଆଉ ରଜରେ
ବରିଷ୍ଠଂକୁ ଭକ୍ତି କନିଷ୍ଠଂକୁ ସ୍ନେହ
ହଜିଲାଣି ଧୀରେ ଧୀରେ
ଭୁଲୁଅଛୁ ଆମେ ଆମ ପରମ୍ପରା
ସଂସ୍କୃତି ପ୍ରାୟ ବିଲୁପ୍ତ
ବରଷକେ ପରେ ଆସିଅଛି ରଜ
ସାଜି ମଉସୁମୀ ଦୂତ।
ଜାଗରେ ଜାଗରେ ଉତ୍କଳ ସନ୍ତାନ
ନିଦ୍ରା ତେଜି ଉଠ ଚେଇଁ
ଆମ ସଂସ୍କୃତିକୁ ମାନଦିଅ ହୃଦେ
ହସିଉଠୁ ମାତୃଭୂଇଁ
ଚାଷ ହିତ ପାଇଁ ବସୁଧା ମାତାକୁ
ଆସ ପୂଜିବା ଏକତ୍ର
ବରଷକେ ପରେ ଆସିଅଛି ରଜ
ସାଜି ମଉସୁମୀ ଦୂତ।

*ତେନ୍ତୁଳିପଦା, ଜଗତସିଂହପୁର*
*ଦୂରଭାଷ : ୭୩୫୫୬୩୪୩୪୬*

## ସନ୍ଧି



### ଦେବୀ ପ୍ରସାଦ ନାୟକ

ସନ୍ଧି କରିଦେଲେ
ଚଳନ୍ତାନି.....
ସୀମା ଆରପଟେ
ଯୁଦ୍ଧର ଆବଶ୍ୟକତା
କଣ ଏତେ ଦରକାର।

ଯୁଦ୍ଧର ସଂଜ୍ଞା
କେତେଜଣ ବାହାରକରିଛନ୍ତି,
ଅଭିଧାନରୁ ବି ଯୁଦ୍ଧର
ସମୋଚ୍ଚାରିତ ଅର୍ଥ ଖୋଜିବା
କଷ୍ଟକର ହୋଇପଡେ
ପୁଣି ବ୍ୟାଖ୍ୟା କରିବା
ପୁରା ଅବିବେକି।

କିନ୍ତୁ
ସନ୍ଧି କରିବାଟା କ୍ଷତି କଣ
ପାଦରେ କଣ୍ଟା ଫୁଟିବା ଠାରୁ
କ୍ଷେପଣାସ୍ତ୍ର ପଡ଼ିବା ପର୍ଯ୍ୟନ୍ତ
ସମସ୍ତ ଭୁଲ ର
ହିସାବ କିତାବ କରି ହୁଅନ୍ତା
ଯେଉଁଠି ନଥାନ୍ତା
ଚୁକ୍ତିନାମା, ରାଜିନାମା
ପରି ଅସମାହିତ ଶବ୍ଦର
ପରିଭାଷା।

ସନ୍ଧି ସପକ୍ଷରେ
ମୁଣ୍ଡ ଟୁଙ୍ଗାରିଲେ
ବୋଧହୁଏ ଭଲ ହୁଅନ୍ତା
ବାଦବିବାଦର
ସାମଗ୍ରିକ ପରିସୀମା
ଟିକେ ସଙ୍କୁଚିତ ହୋଇଯାନ୍ତା
ହୁଏତ ଯାହାର ପରିଣାମ
ବିଧ୍ୱସ୍ତ, ବିନାଶ
ଚରମ କାରୁଣ୍ୟ
ହୋଇପାରୁ ଥିଲା
ସୀମିତ ରହିଯାନ୍ତା ତ
ଦୁଇ ଫର୍ଦ୍ଦ କାଗଜ ପୃଷ୍ଠାରେ।

*କାମାକ୍ଷାନଗର , ଢେଙ୍କାନାଳ*
*ଦୂରଭାଷ: ୭୬୮୨୮୯୪୬୩୦*

## ବିଶ୍ୱାସର ବିଶ୍ୱ



### ଡକ୍ଟର ମନୋରଞ୍ଜନ ବିଷୋୟୀ

ଭ୍ରାତୃପ୍ରେମ, ମାତୃପ୍ରେମ
ଦେଶପ୍ରେମ କାହିଁ ?
ଗାନ୍ଧାରୀ ମାତାର ଦେହ
ପଣ୍ୟ ହୁଏ ଏଠି
ଭରତ ଭ୍ରାତୃର ବକ୍ଷେ
ଅସିଘାତ କରି
ଉନ୍ମତ୍ତ ହୁଅଇ ଆଜି
ଶତାବ୍ଦୀର ଭୂତ ।
ବିଶ୍ୱାସର ବୀଜ ରୋପି
ବିଶ୍ୱଶାନ୍ତି ପଥେ
ଉଡ଼ାନ୍ତି ବିଜୟ ବାନା ।
ଶତ ଶତ ଶାନ୍ତିର କପୋତ
ରଞ୍ଜିତ କରନ୍ତି ସଦା
ଅମ୍ବରଙ୍କ ବକ୍ଷ ।
କିନ୍ତୁ କାହିଁ ଶାନ୍ତି ?
କାହିଁ ଦେଶଭକ୍ତି ?
ତଥାପି ଆଜିର ମାନବ
ଦେଖେ ସେହି ଆଦାମଙ୍କ ସ୍ୱପ୍ନ
ଅଭିସାର ସାରି
ଶଶା ଦାନ୍ତରା ବକ୍ଷରେ
ଅଞ୍ଜନାର ପୁତ୍ର
ଅନିଶା କରଇ
ତପ୍ତ ରୌଦ୍ରପଥ ପରେ
କରିବ ତ ଜୟ ?
ଅବା ଫେରି
ନିରାଶ ହୃଦୟେ
ସହସ୍ରାକ୍ଷି ଦନ୍ତାଘାତେ
ହୋଇବ ଆକୁଳ ।

*ଦାମୋଦରପୁର, ଗଞ୍ଜାମ*
*ଦୂରଭାଷ : ୮୮୯୫୧୪୧୭୨୭*

## ଆସୁଛି ବୋଲି ରଜ



### ଅନୀତା ପାଣି

ରଜ ସମୟର କଥା। ଦିନେ ସକାଳୁ ସ୍ନାନାଦି ନିତ୍ୟ କର୍ମ ସାରି ସଜବାଜ ହୋଇବାହାରିଲା ବେଳକୁ ମାଆ କକାଙ୍କ ଘରକୁ ପଠାଇଲେ। ବଡ କକାଙ୍କ ଘରକୁ ପାଚିଲା ପଣସ ଧରି ଯାଇଥିଲି। ନାନୀଙ୍କ ସହିତ ଏକାଠି ବସି ପିଠା ଖାଇଲୁ ଓ ଦୋଳି ଖେଳିବାକୁ ବାଡିପଟକୁ ବାହାରିଲୁ। ନାନୀ ଦେଖେଇ ଦେଲେ ଦୋଳି। ଦୋଳିଟିଏ ପୁଆଳ ଭାଡି ତଳେ ଝୁଲୁଛି। ଦଉଡି ଓ ପଟାରେ ଖୁବ୍ ସୁନ୍ଦର ଭାବରେ କକା ବାନ୍ଧି ଦେଇଛନ୍ତି। ମୋତେ ଦୋଳି ଦେଖେଇ ନାନୀ କହିଲେ ମୁଁ ତକିଆଟେ ଆଣୁଛି ବସିବୁ ନହେଲେ ତୋତେ କାଟିବ। କିଛି ସମୟ ଅପେକ୍ଷା କଲି। ଦୋଳି ପ୍ରତି ମୋର ଭାରି ଦୁର୍ବଳତା ଥାଏ। ଆମ ପରିବାରରେ ସମସ୍ତେ ଜାଣନ୍ତି।

ଟିକେ ଅପେକ୍ଷା କରି ଭାବିଲି ଦେଖି ବସେ ଦୋଳିରେ କାଟୁଛି କି ନାହିଁ। ଅଳ୍ପ ଖେଳି ଘରକୁ ଯିବି। ଦୋଳିରେ ବସିଲି, ଥରେ ପଛକୁ ଯାଇ ଆଗକୁ ପହଞ୍ଚିଛି କି ନାହିଁ ପୁଆଳ ଭାଡିଟି ଭାଙ୍ଗି ଗଲା। ଟ୍ରକ୍‌ଟେ ହବ, ସବୁ ପୁଆଳ ଯାକ ମୋ ଉପରେ ପଡିଲା ଏମିତି ମୁଁ ଘୋଡ଼େଇ ହୋଇ ଗଲି। କେହିବି ପାଖରେ ନଥିଲେ। ଡାକିଲେ ବି ମୋ କଥା ଶୁଭିବନି। ଭିତରେ ଅଣ ନିଶ୍ୱାସୀ ହେଉଛି। ହେ ରାମ ହେ ରାମ କହି କହି ପୁଆଳ ସବୁ ଆଡେଇ ଆଡେଇ ଭିତରୁ ବାହାରିଲି। ଦେଖେତ ନାନୀ ତକିଆ ଧରି ଆଁ କରି ଚାହିଛନ୍ତି। କହିଲେ କେମିତି ଭାଙ୍ଗିଗଲା ପୁଆଳ ଭାଡି, କହି ମୋତେ ଆସି ଝାଡି ପକେଇଲେ।

କକାଙ୍କୁ ଡାକ ପକେଇଲେ। କକା ସହିତ ଘରୁ ସମସ୍ତେ ଦୌଡି ଆସିଲେ ଆମ ପାଖକୁ। ଯା ହଉ ମୋର କିଛି ବି କ୍ଷତି ହୋଇନି। ମୁଁ ପୁରା ଠିକ୍ ଅଛି। ତାଙ୍କ ହଳିଆ ପିଲାକୁ ଡାକି ଯାହା ଇଚ୍ଛା ତା ଗାଳି ଦେଲେ କକା। କେମିତି ଦାୟିତ୍ୱବାନ ଲୋକ ତୁରେ। ଛୁଆଟେ ଦୋଳି ଝୁଲିଲା ଯେ ଭାଡି ଖମ୍ବ



ଉପୁଡି ଯାଉଛି। ମଣିଷ ଜୀବନ ମାରିଦବୁ ଏମିତି କେତେ କଣ କହିଗଲେ। ରାଗରେ ପଞ୍ଚମ ମୋ କକା। ହଳିଆ ପିଲା ମୁହଁ ତଳକୁ କରି ନିଜର ଭୁଲ୍ ମାନିଗଲା। ଜମା ହାତେ ତଳକୁ ଖୋଳି ଖମ୍ବ ପୋତିଥିଲି। ଏବେ ଭଲରେ କରିବି।

ଆଉ କରିବୁ ଲେମ୍ବୁଟା। ମୋ ଛୁଆଟା କଉଠି ଥିଲା। ବାଉଁଶ କିଛି ତା ଉପରେ ପଡିନି ଭଲ। କଣ ହୋଇଥାନ୍ତା ଏବେ। ବହୁତ ବିଥେଇ କୁଥେଇ ହୋଇ ମୋତେ ଆଉଁସି ଦେଉଥାନ୍ତି କକା। ସତରେ ବିପଦ ଆସେ ସିନା କାହାର ଅବହେଳାରେ କିନ୍ତୁ ନିଜ ଲୋକଙ୍କ ସ୍ନେହ ଉତୁରିପଡେ ଆତ୍ମାରୁ। ଜଣାପଡେ ସଂପର୍କର ମଧୁରତା। ସବୁ ବର୍ଷ ରଜ ଆସିଲେ ମନେ ପଡେ ଏଇ ଘଟଣା। ରଜ ଆସିଲାଣି ଦୋଳି ବନ୍ଧା ହେବ ଘରେ ଘରେ। ସୁରକ୍ଷାର ସହିତ ଦୋଳି ବାନ୍ଧି ଆନନ୍ଦରେ ଖେଳର ମଜା ନିଅନ୍ତୁ। ଦୋଳିରୁ ପଡି ହାତ ଗୋଡ ଭାଙ୍ଗିବା ମୁଣ୍ଡ ଫାଟିବା ଅନେକ ଖବର ଆସେ। ସାବଧାନତା ଅବଲମ୍ବନ କଲେ ସମୟ ଖୁସିରେ ଖୁସିରେ ଯିବ। ଗାଁ ହେଉ ବା ସହର ଆଜିର ଝିଅ ମାନେ ଆମ ପରମ୍ପରା ଜାଣନ୍ତୁ। ରଜପାନ, ପୋଡପିଠା, ଦୋଳିର ମଜା ସବୁ କିଛି ଓଡ଼ିଆ ଜାତିର ପ୍ରତୀକ। ସେମାନେ ଆଗାମୀ ପୀଢ଼ିର ଦାୟଦ। ପର୍ବପର୍ବାଣି ସଜାଗର ସହିତ ପାଳନ ହେଉ , ଆମ ସଂସ୍କୃତିର ମହନିୟତା ପତିପାଦନ ହେଉ।

*ପଦ୍ମେଶ୍ୱୟ, ସୌଭାଗ୍ୟ ନଗର, ଅନୁଗୋଳ*
*ଦୂରଭାଷ : ୮୩୨୭୭୦୫୯୭୦*

# ପଞ୍ଚାୟତ ସମିତି ବୈଠକ ବର୍ଜନ କଲେ କୋଷାଗୁମୁଡା ବ୍ଲକର ସମସ୍ତ ସରପଞ୍ଚ,ସମିତି ସଭ୍ୟ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକରେ ହେବାକୁ ଥିବା ପଞ୍ଚାୟତ ସମିତି ବୈଠକରେ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ମାନେ ମିଳିତ ଭାବେ ଉକ୍ତ ବୈଠକକୁ ବର୍ଜନ କରିଛନ୍ତି। କୋଷାଗୁମୁଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ସାଧାରଣ ବୈଠକ ହେବାକୁ ଥିବା ବେଳେ ବ୍ଲକର ୨୬ ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ମାନେ ବୈଠକରେ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ଏଥି ସହ ସ୍ଥାନୀୟ ବିଡିଓଙ୍କ ଅବଗତି ନିମନ୍ତେ ଏକ ଅଭିଯୋଗ ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। କୋଷାଗୁମୁଡା ବ୍ଲକର ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ମାନଙ୍କ ଅଭିଯୋଗ ଅନୁସାରେ ବିଗତ ତିନି ବର୍ଷ ହେବ ସେମାନଙ୍କୁ ଅବହେଳା କରାଯାଉଛି। 'ଆମ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ହେଉ ଅଥବା 'ବିକଶିତ ଗାଁ ବିକଶିତ ଓଡିଶା' କାର୍ଯ୍ୟକ୍ରମ ହେଉ ସବୁ ଜାଗାରେ ସେମାନେ ଅବହେଳାର ଶିକାର ହୋଇ ଆସୁଛନ୍ତି। ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ନିମନ୍ତେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଲେଖାଏଁ ସହାୟତା ପ୍ରଦାନ କରାଗଲା, ହେଲେ ଉକ୍ତ ରାଶିର ବିନିଯୋଗ ସ୍ଥାନୀୟ ବିଧାୟକ ଓ ବ୍ଲକ ପ୍ରଶାସନ କଲେ। ସ୍ଥାନୀୟ ବିଧାୟକମାନେ ନିଜ ନିଜର ଦଳୀୟ କର୍ମକର୍ତ୍ତା ମାନଙ୍କୁ କାମ କରିବାର ସୁଯୋଗ ଦେଲେ, ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ମାନଙ୍କୁ ପଚାରିଲେ ନାହିଁ। ଠିକ୍ ସେହିପରି ରାଜ୍ୟରେ ବିଜେପି ସରକାର ଆସିବା ପରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟରେ ମଧ୍ୟ ବିଧାୟକଙ୍କୁ ୪୦ ପ୍ରତିଶତ ମିଳିଥିବା ବ୍ଲକ ପ୍ରଶାସନ ୬୦ ପ୍ରତିଶତ ନିଜେ ରଖୁଛନ୍ତି। ସ୍ଥାନୀୟ ବିଧାୟକ ବିଭିନ୍ନ ସ୍ଥାନକୁ ଯାଇ ଭିତ୍ତି ପ୍ରସ୍ତର ସ୍ଥାପନ କରୁଛନ୍ତି। ବ୍ଲକର ଯେକୌଣସି କାର୍ଯ୍ୟକ୍ରମରେ ବିଧାୟକ, ଶାସକ ଦଳୀୟ କର୍ମୀ ମୁଖ୍ୟ ଭୂମିକା ତୁଲାଉଛନ୍ତି। ଆମକୁ ଆମ ପଞ୍ଚାୟତରେ ଆବଶ୍ୟକତା ଓ ସମସ୍ୟା ବିଷୟରେ ପଚାରୁ ନାହାଁନ୍ତି। ଆଉ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଆମକୁ ନ ଜଣେଇ ଗ୍ରାମେ ଗ୍ରାମେ ଷ୍ଟ୍ରିଟ ଲାଇଟ ସବୁର ବ୍ୟବସ୍ଥା କଲେ ଆଉ ଆମକୁ ଡରେଇ ଧମକେଇ ଲାଇଟ ବାବଦକୁ ଟଙ୍କା ମାଗୁଛନ୍ତି। ଏପରି ଆମ ସହିତ ଅନ୍ୟାୟ ଉପରେ ଅନ୍ୟାୟ ହୋଇ ଚାଲିଥିବା ବେଳେ ଆମେ ଆମ ପଞ୍ଚାୟତ ବାସୀଙ୍କ ପାଖରେ ଅପଦସ୍ତ ହେଉଛୁ। ତେଣୁ ଆମେ ସମସ୍ତେ ମିଳି ମିଶି ନିଷ୍ପତ୍ତି ନେଇଛୁ କି ଆମେ କୌଣସି ପଞ୍ଚାୟତ ସମିତି ବୈଠକରେ ଯୋଗ ଦେବୁ ନାହିଁ ବୋଲି ସମୂହ ବୈଠକ ବର୍ଜନ କରିଥିଲେ। ତାପରେ ନବରଙ୍ଗପୁର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ସମୂହ ୨୬ ଗୋଟି ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ/ସଭ୍ୟା ଏକାଠି ହୋଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କୁ ଏକ ଦରଖାସ୍ତ ପ୍ରଦାନ କରି କିଭଳି ବ୍ଲକ ପ୍ରଶାସନ ଅଣଦେଖା କରିବା ସହ ଆମକୁ ଅଲୋଡା କରିଛନ୍ତି ତାର ସମାଧାନ କରିବା ପାଇଁ ଦରଖାସ୍ତରେ ଦର୍ଶାଇଛନ୍ତି। ତେବେ ଜିଲ୍ଲାପାଳ କେବେ ସରପଞ୍ଚ ସମିତି ସଭ୍ୟ ସଭ୍ୟା ମାନଙ୍କୁ ନ୍ୟାୟ ପ୍ରଦାନ କରିବେ, ତାହା ଦେଖିବାକୁ ବାକି ରହିଲା।

# ଜିଲ୍ଲାପାଳଙ୍କ ଆଦେଶକୁ ଡିଇଓଙ୍କ ବେଖାତିର

**ଭଦ୍ରକ :** ଜନୈକ ଶିକ୍ଷୟିତ୍ରୀ ଯିଏକି ପୂର୍ବରୁ ସିଆରସିସି ଥିଲେ ସେ ବିଦ୍ୟାଳୟକୁ ନଯାଇ ଉପସ୍ଥାନ ଖାତାରେ ଇରେଜର ମାରି ଦସ୍ତଖତ କରିଥିବା ନେଇ ଆରଟିଆଇ ତଥ୍ୟରୁ ଜଣାପଡିବା ପରେ ସାମ୍ବାଦିକ ତଥା ସୂଚନା ଅଧିକାର କର୍ମୀ ବିକାଶ କୁମାର ଧଳ ଓସା ନିକଟରେ ଅଭିଯୋଗ କରିବା ସହିତ ବନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଏହାର ସମସ୍ତ ତଥ୍ୟ ପ୍ରମାଣ ଦେବା ସତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ବାଧ ହୋଇ ଡିଇଓଙ୍କୁ ଅଭିଯୋଗ କରିଥିଲେ। ଡିଇଓ ମହୋଦୟ ସମସ୍ତ ତଥ୍ୟ ପ୍ରମାଣ ଦେଖିସାରିବା ପରେ ରିପୋର୍ଟ ଦେଲେ ଯେ, ଉକ୍ତ ଘଟଣା ସତ୍ୟ ଅଟେ ଏବଂ ବିଇଓ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ବିଇଓ ମହୋଦୟ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ କହିଲେ ଯାହା ଭୁଲ ହୋଇଛି ଆଗାମୀ ଦିନରେ ତାହା ଆଉ ହେବନାହିଁ। କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ପୁନର୍ବାର ଶ୍ରୀ ଧଳ ଡିଇଓଙ୍କ ନିକଟରେ ପୁଣି ଅଭିଯୋଗ କଲେ। କିନ୍ତୁ ଡିଇଓ କହିଲେ ଏହା ବିଇଓଙ୍କ କାମ, ଆମ କାମ ନୁହେଁ। ତେବେ ପ୍ରଶ୍ନ ଉଠୁଛି ଡିଇଓ ବଡ ନା ବିଇଓ ବଡ? ଜଣେ ଶିକ୍ଷୟିତ୍ରୀ ଭୁଲ କରିଥିବା ସତ୍ୱେ ତାଙ୍କ ଉପରେ କ'ଣ ପାଇଁ କାର୍ଯ୍ୟାନୁଷ୍ଠାନ ହେବନାହିଁ ଏହା ସନ୍ଦେହ ସୃଷ୍ଟି କରିଛି। ଯାହା ଜଣାପଡିଛି ଉକ୍ତ ଶିକ୍ଷୟିତ୍ରୀ ଏବଂ ବିଇଓଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବାରୁ ଡିଇଓ ମହୋଦୟ ଅସହାୟ ହୋଇପଡିଛନ୍ତି। ଏହାକୁ ନେଇ ଭଦ୍ରକ ଓସା ପକ୍ଷରୁ ଶ୍ରୀ ଧଳ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ମହୋଦୟ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଡିଇଓ, ବିଇଓଙ୍କୁ ୨ ମାସ ତଳେ ଜଣାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଏଯାଏଁ ହେଉନାହିଁ। ଏନେଇ ଓସା ପକ୍ଷରୁ ଧାରଣା ଦିଆଯିବ ବୋଲି ଓସାର ଜିଲ୍ଲା ସଭାପତି ପ୍ରକାଶ କୁମାର ଜେନା, ଜିଲ୍ଲା ସଂଯୋଜକ ବିପ୍ଳବ କୁମାର ହୋତା, ଜିଲ୍ଲା ସମ୍ପାଦକ ବିକାଶ କୁମାର ଧଳଙ୍କ ସହିତ ଶହସ୍ରାଧିକ ସୂଚନା ଅଧିକାରୀ କର୍ମୀ କହିଛନ୍ତି।

# ଶିବ ମନ୍ଦିରର ତୃତୀୟ ବାର୍ଷିକ ଜନ୍ମ ମହୋତ୍ସବ



**ଅସ୍ତରଙ୍ଗ :** ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ ଶ୍ରୀବନ୍ତପୁର ଗ୍ରାମରେ ଘଣ୍ଟିଶ୍ୱର ଶିବ ମନ୍ଦିରର ତୃତୀୟ ବାର୍ଷିକ ଜନ୍ମ ମହୋତ୍ସବ ଓ ଚତୁର୍ଥ ପ୍ରହାର ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ୨୦୨୩ ମସିହାରେ ଶିବ ମନ୍ଦିରର ପ୍ରତିଷ୍ଠା ହୋଇଥିଲା। ସେହି ପ୍ରତିଷ୍ଠା ଦିବସକୁ ଗ୍ରାମର ମହିଳା ଓ ପୁରୁଷ ଏକ ଆଧ୍ୟାତ୍ମିକ ପରିବେଶରେ ମହୋଦଧିରୁ ଜଳ ଉଠାଇଥିଲେ। ଏହି ଘଣ୍ଟି ବେଲେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବରେ କୋଟ, ଆଇସିଣିଆଁ ଓ ଶ୍ରୀବନ୍ତପୁର ଗ୍ରାମର ମହିଳା ପୁରୁଷ ସାମିଲ ହୋଇଥିଲେ। ବିଦ୍ୱାନ ପଣ୍ଡିତ ମାନଙ୍କ ମନ୍ତ୍ର ପାଠରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିବା ବେଳେ କର୍ତ୍ତା ଭାବେ ଜ୍ଞାନ ରଞ୍ଜନ ବିଶ୍ୱାଳ ଓ କର୍ତ୍ତୀ ଭାବେ ତାଙ୍କ ଧର୍ମ ପତ୍ନୀ ସୁମିତ୍ରା ବିଶ୍ୱାଳ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନା କରିଥିଲେ। ରାତ୍ର ସମୟରେ ବାଗ୍ମୀ ପାଲା ଗାୟିକା ଚିନ୍ମୟୀ ପଣ୍ଡାଙ୍କ ଦ୍ୱାରା ପଲାପରିବେଷଣ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟ କର୍ତ୍ତା ଭାବେ ବିଦେଶୀ ବିଶ୍ୱାଳ, ବିଜୟ କୁମାର ବିଶ୍ୱାଳ, ବାପି ବିଶ୍ୱାଳ, ଓ ଗ୍ରାମର ସମସ୍ତ ବ୍ୟକ୍ତି ସହଯୋଗ କରିଥିବା ବେଳେ ଦୁଇ ଦିନ ଧରି ଅନ୍ନ ପ୍ରସାଦ ସେବନ ଚାଲୁ ରହିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଉଛି।

# ଗଡିଲା ବିକାଶ ବାହନ



**ଅସ୍ତରଙ୍ଗ :** ପୁରୀଜିଲ୍ଲା ଅସ୍ତରଙ୍ଗ ଜାଗୁଲାଇ ପଡିଆ ଠାରେ ବ୍ଲକ୍ ପ୍ରଶାସନ ପକ୍ଷରୁ ମଣ୍ଡଳ ଉନ୍ନୟନ ଅଧିକାରିଣୀ, ଅଧକ୍ଷା ଆରତୀ ନାଏକ ଓ ସାଂସଦ ପ୍ରତିନିଧି ଦିବାକର ଛାଟୋଇ ପ୍ରମୁଖ ଶୁଭାରମ୍ଭ କରିଥିଲେ। ଏଥିରେ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାର ଦେଇଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କ ରେ ଜନସାଧାରଣଙ୍କୁ ସଚେତନ ନିମନ୍ତେ ୧୨ ତାରିଖ ରୁ ୨୧ ତାରିଖ ପର୍ଯ୍ୟନ୍ତ ଗଡିବ ' ବିକାଶ ବାହାନ' ଯାତ୍ରା। ସୂଚନା ଯୋଗ୍ୟ କି ବିଜେପି ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରିଥିବା ଓଡିଶା ବାସୀଙ୍କ ଆଗରେ ତାହାର ସମସ୍ତ ତଥ୍ୟ ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି ପାଳନ କରୁଥିବାରୁ ଏହି ଅବସରରେ ସମସ୍ତ ପଞ୍ଚାୟତରେ 'ବିକାଶ ବାହାନ' ଯାତ୍ରା ମାଧ୍ୟମରେ ଗାଡି ବୁଲି ଜନସାଧାରଣଙ୍କୁ ଏକ ବର୍ଷର ଉପଲବ୍ଧି ଅବଗତ କରାଯିବ। ଏହି ବିକାଶ ବାହାନ ଯାତ୍ରା ପର୍ଯ୍ୟାୟ କ୍ରମେ ପ୍ରତେକ ପଞ୍ଚାୟତକୁ ଯାଇ ଜନସାଧାରଣଙ୍କୁ ଅବଗତ କରାଇବ। ଏହି ଶୁଭାରମ୍ଭ ଅସ୍ତରଙ୍ଗ ପଞ୍ଚାୟତରୁ ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସାଂସଦ ପ୍ରତିନିଧି ଦିବାକର ଛାଟୋଇ, ଉପାଧକ୍ଷ ଦୁର୍ଯୋଧନ ମିଶ୍ର ଏବଂ ସମସ୍ତ ସରକାରୀ ଅଧିକାରୀ, ଅଙ୍ଗନବାଡି କର୍ମୀ, ମହିଳା ମହାସଂଘ ଓ ଆଶା କର୍ମୀ ଯୋଗଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନାରୀଙ୍କୁ ସଶକ୍ତ ...

ଓଡିଶାର ପ୍ରତ୍ୟେକ ଗାଁ, ପ୍ରତ୍ୟେକ ପରିବାର ସହିତ ସଂଯୋଗ କରି ତଥ୍ୟ ସଂଗ୍ରହ କରିଛନ୍ତି। ଘରକୁ ଘର ବୁଲି, ଆମେ ଅଧିଂକାଶ ପରିବାର ସହିତ ଯୋଗାଯୋଗ କରିଛୁ। ବିଶେଷ କରି ଦୁର୍ଗମ ଆଦିବାସୀ ଅଧୁଷିତ ଅଞ୍ଚଳରେ ଯେଉଁଠାରେ ମା ମାନେ ଏତେ ସଚେତନ ନୁହନ୍ତି, ସେଠାରୁ ତଥ୍ୟ ଅଣାଯାଇ ସେମାନଙ୍କୁ ଏହି ଯୋଜନାରେ ଯୋଡାଯାଇଛି। ସୁଭଦ୍ରା ଯୋଜନାର ସଫଳତା ଆମ ବଳିଷ୍ଠ ସଂକଳ୍ପର ଏକ ପ୍ରକୃଷ୍ଟ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଥିଲେ ଯେ, ଓଡିଶାର ବିଭିନ୍ନ ଅଞ୍ଚଳରେ ଅନେକ ମା' ମାନେ ସୁଭଦ୍ରା ସହାୟତାକୁ ଏକାଠି କରି ବିଭିନ୍ନ ପ୍ରକାର ଅର୍ଥନୈତିକ କାରବାର, ମିଳିତ କୃଷି କାର୍ଯ୍ୟ କରି ନିଜ ପରିବାରପାଇଁ ଭଲ ରୋଜଗାର କରୁଛନ୍ତି। ଏହି ସୁଭଦ୍ରା ସହାୟତା ହେଉଛି ମାଆ ମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାର ଏକ ଲମ୍ବା ଯାତ୍ରା। ମହିଳାଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜୀ "ଲକ୍ଷପତି ଦିଦି" ଯୋଜନାର ପରିକଳ୍ପନା କରିଥିଲେ। ଏହା ଆମ ରାଜ୍ୟ ପାଇଁ, ବିଶେଷ ଭାବେ ଆମ ରାଜ୍ୟର ମା' ମାନଙ୍କ ପାଇଁ ଖୁସିର ବିଷୟ ଯେ ଓଡ଼ିଶା ବର୍ତ୍ତମାନ "ଲକ୍ଷପତି ଦିଦି" ସୃଷ୍ଟି କରିବାରେ ସମଗ୍ର ଭାରତରେ ପ୍ରଥମ ସ୍ଥାନରେ ଅଛି। ଆମେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିଛୁ। ସେ ପୁଣି କହିଥିଲେ ଯେ, ଚଳିତ ବର୍ଷ ରାଜ୍ୟର ସମସ୍ତ ସରକାରୀ ବିଭାଗ ମିଳିତ ଭାବରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୩,୬୯୫ କୋଟି ଟଙ୍କାର ବ୍ୟବସାୟିକ ସୁଯୋଗ ପ୍ରଦାନ କରିଛନ୍ତି। ଏହା ଆମ ରାଜ୍ୟର ଇତିହାସରେ ସର୍ବକାଳୀନ ରେକର୍ଡ। ୩.୦୭ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରାୟ ୩୦୦ କୋଟି ଟଙ୍କାର ସୁଧ ଫେରସ୍ତ କରାଇ ସେମାନଙ୍କର ଆର୍ଥିକ ସ୍ୱପ୍ନକୁ ସାକାର କରିବାରେ ସହାୟକ ହୋଇଛୁ। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା (ଗଝଚଣ) ମାଧ୍ୟମରେ ଆମେ ମହିଳା ଓ ପିଲାମାନଙ୍କ ସୁସ୍ଥ ଭବିଷ୍ୟତ ପାଇଁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ଯୋଗାଇଦେବାର ବ୍ୟବସ୍ଥା କରୁଛୁ। ମହିଳା ସଶକ୍ତିକରଣ ଆମପାଇଁ ଏକ ସ୍ଲୋଗାନ ନୁହେଁ। ଚଳିତ ବର୍ଷ ବଜେଟରେ କେବଳ ମହିଳାଙ୍କ ପାଇଁ ୮୯ ହଜାର ୮୬୧ କୋଟି ଟଙ୍କାର ପ୍ରାବଧାନ ମହିଳାଙ୍କ ପାଇଁ ଆମର ପ୍ରତିବଦ୍ଧତା। ମହିଳା ସଶକ୍ତିକରଣରେ ଓଡିଶା ଦେଶର ଏକ ମଡେଲ ରାଜ୍ୟ ଭାବରେ ଅନ୍ୟ ରାଜ୍ୟ ମାନଙ୍କ ପାଇଁ ପ୍ରେରଣା ହେବ।

### ଆହ୍ୱାନ ଭିତରେ ...

ଭିନ୍ନକ୍ଷମ ହିତାଧିକାରୀଙ୍କୁ ସାଢେ ୩ ହଜାର ଭତ୍ତା ଦିଆଯାଇଛି। ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ ହୋଇଛି। ୧୭ ଲକ୍ଷ ଲକ୍ଷପତି ଦିଦି ତିଆରି କରିବା ସହ ପ୍ରଥମ ବର୍ଷରେ ୯ଟି ନିଯୁକ୍ତି ମେଳାରେ ୨୮ ହଜାର ଖାଲି ଥିବା ସରକାରୀ ପଦବି ପୂରଣ ହୋଇଛି। ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡିଶା କାର୍ଯ୍ୟକ୍ରମରେ ୧୭ ଲକ୍ଷ କୋଟି ନିବେଶ ପାଇଁ ଆଗ୍ରହ, ଆଉ ସେଥିରୁ ୧୩ ଲକ୍ଷ କୋଟି ନିବେଶ ପାଇଁ ଏମ୍‌ଓୟୁ ସରକାରଙ୍କ ବଡ଼ ସଫଳତା। ୧୨୫ ଦିନ ଭିତରେ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ୫୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଓଡିଶାରେ ପ୍ରତି ଜିଲ୍ଲାରେ ଦୌଡିବ ଶିଳ୍ପ। ୨୦୩୬ ସୁଦ୍ଧା ଓଡିଶାର ଅର୍ଥନୀତିକୁ ୫୦୦ ବିଲିୟନ ଡଲାର ଛୁଇଁବ ବୋଲି ଆଶା ରଖାଯାଇଛି ଏବଂ ୨୦୪୭ ସୁଦ୍ଧା ଏହା ୧.୫ ଟ୍ରିଲିୟନ ଡଲାରରେ ପହଞ୍ଚିବାର ଲକ୍ଷ୍ୟ ରଖାଯାଇଛି। ମୋହନ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମିଲ ହେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ମୋହନ ସରକାର ପ୍ରସ୍ତୁତ କରିଥିବା ବିକଶିତ ଓଡ଼ିଶା ଭିଜନ୍ ଡକ୍ୟୁମେଣ୍ଟ ୨୦୩୬କୁ ସେହିଦିନ ଉନ୍ମୋଚନ କରିବେ ପ୍ରଧାନମନ୍ତ୍ରୀ।

### ସରକାରୀ ବାବୁଙ୍କ ...

ରାଜ୍ୟପାଳଙ୍କ ସଚିବାଳୟ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ କାର୍ଯ୍ୟାଳୟରେ କାମ କରୁଥିବା କର୍ମଚାରୀମାନଙ୍କ ପାଇଁ ଏହି ନିୟମ ଲାଗୁ ହେବ ନାହିଁ। ପ୍ରତ୍ୟେକ କର୍ମଚାରୀଙ୍କୁ ପ୍ରତ୍ୟେକ କାର୍ଯ୍ୟଦିବସରେ ଅତି କମରେ ସାଢ଼େ ୭ ଘଣ୍ଟା ଅଫିସରେ ଉପସ୍ଥିତ ରହିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର ଭବିଷ୍ୟତରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଧାରିତ କ୍ୟାମେରା (ଏଆଇ କ୍ୟାମେରା) ଓ ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେସନ (ଆରଏଫଆଇଡି) ପରିଚୟ ପତ୍ର ଜରିଆରେ ଉପସ୍ଥାନ ରେକର୍ଡ କରିବାକୁ ଯୋଜନା କରୁଛନ୍ତି। ଏହି ଉନ୍ନତ ସିଷ୍ଟମର ପରୀକ୍ଷଣ ପ୍ରଥମେ ଲୋକସେବା ଭବନ ଓ ଖାରବେଳ ଭବନରେ ଆରମ୍ଭ ହେବ ଏବଂ ପରେ ଏହା ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ସମ୍ପ୍ରସାରଣ କରାଯିବ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ଗୁରୁବାର ସମସ୍ତ ବିଭାଗର ସଚିବ, ଆରଡିସି, ଜିଲ୍ଲାପାଳ, ଓଡ଼ିଶା ହାଇକୋର୍ଟ ରେଜିଷ୍ଟ୍ରାର ଓ ବିଭିନ୍ନ ସରକାରୀ ନିଯୁକ୍ତି ଆୟୋଗଙ୍କ ନିକଟକୁ ଏହି ନିର୍ଦ୍ଦେଶନାମା ପଠାଇଛନ୍ତି।

### ଇରାନ-ଇସ୍ରାଏଲ ...

ଅଧିକ ତୈଳ ଏବଂ ପ୍ରାୟ ଅଧା ତରଳ ପ୍ରାକୃତିକ ଗ୍ୟାସ (ଏଲ୍‌ଏନ୍‌ଜି) ଏହି ହର୍ମୁଜ୍ ଜଳ ପଥ ଦେଇ ଆମଦାନୀ କରିଥାଏ। ଆଉ ଯୁଦ୍ଧ ଯୋଗୁ ଯଦି ଏଠାରେ ଅବରୋଧ ଭଳି ପରିସ୍ଥିତି ସୃଷ୍ଟି ହେଲା ତେବେ ଭାରତ ବିକଳ୍ପ ଉତ୍ସ ଏବଂ ରାସ୍ତା ଖୋଜିବାକୁ ବାଧ ହୋଇପାରେ। ଯେଉଁଥିରେ ସାଧାରଣତଃ ଅଧିକ ଖର୍ଚ୍ଚ ଏବଂ ଲଜିଷ୍ଟିକ୍ ଚ୍ୟାଲେଞ୍ଜ ରହିଛି। ତେଣୁ ଭାରତକୁ ଏହା ମହଙ୍ଗା ପଡ଼ିପାରେ। ଯଦି ତୈଳ ମୂଲ୍ୟ ବୃଦ୍ଧି ପାଏ ତେବେ ଭାରତୀୟ ପରିବାର ଏବଂ ବ୍ୟବସାୟ ଉପରେ ଏହାର ଗଭୀର ପ୍ରଭାବ ପଡ଼ିବ। ଖର୍ଚ୍ଚ ବଢ଼ିଲେ ଜୀବନଯାପନ ମହଙ୍ଗା ହୋଇଯିବ। ତେଣୁ ଗ୍ରାହକ ଖର୍ଚ୍ଚ କମ୍ କରିବାକୁ କିଣାକିଣି କରିବା କମାଇ ପାରନ୍ତି। ଯାହା ଦେଶର ଅର୍ଥନୀତିର ଗତିକୁ ଦୁର୍ବଳ କରିଦେବ। ସେହିଭଳି ଶିଳ୍ପଗୁଡ଼ିକ କଞ୍ଚାମାଲ ଭାବରେ ତେଲ ଉପରେ ନିର୍ଭରଶୀଳ ଥିବାରୁ ଏହାର ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇବ। ଏଥିରେ ଉଦ୍ୟୋଗୁଡ଼ିକର ପ୍ରତିଯୋଗିତାମୂଳକ କାର୍ଯ୍ୟକଳାପକୁ ପ୍ରଭାବିତ କରିପାରେ।ଯୁଦ୍ଧ ପରେ ବିପଦପ୍ରବଣ ହୋଇଥିବା ଜଳପଥ ଦେଇ ଯାହାଜଗୁଡ଼ିକ ଗଲେ ସେମାନଙ୍କର ବୀମା ପ୍ରିମିୟମ ବୃଦ୍ଧି ପାଇବ। ଫଳରେ ଏହା ବିଶ୍ୱ ବାଣିଜ୍ୟ ଖର୍ଚ୍ଚ ଉପରେ ଆହୁରି ଚାପ ସୃଷ୍ଟି କରିବ। ପ୍ରକୃତରେ, ଏହି ସଂଘର୍ଷର ବ୍ୟାପକ ପ୍ରଭାବ ବିଶ୍ୱ ବାଣିଜ୍ୟର ପରସ୍ପର ସଂଯୁକ୍ତତା ଏବଂ ଆର୍ଥିକ ଅଭିବୃଦ୍ଧି ଉପରେ ପଡ଼ିବ। ତେଣୁ ଏସବୁ ସୁରକ୍ଷା ପାଇଁ ଆଞ୍ଚଳିକ ଶାନ୍ତି କେତେ ଗୁରୁତ୍ୱପୂର୍ଣ୍ଣ ତାହା ଏଥିରୁ ଜଣାପଡୁଛି। ଏହା ବ୍ୟତୀତ, ପଶ୍ଚିମ ଏସିଆରେ ସ୍ଥିରତା ବଜାୟ ରଖିବା ନିରବଚ୍ଛିନ୍ନ ଶକ୍ତି ଯୋଗାଣକୁ ସୁରକ୍ଷିତ ରଖିବା ପାଇଁ ଅତ୍ୟନ୍ତ ଜରୁରୀ, ଯାହା ଭାରତର ଆର୍ଥିକ ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମଧ୍ୟ।

### ସରକାରୀ ସାର୍ଟିଫିକେଟ୍ ...

ପ୍ରମାଣପତ୍ର ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କୁ ଆଧାର ନମ୍ବର ଦାଖଲ କରିବାକୁ ହେବ କିମ୍ବା ଆଧାର ପ୍ରାମାଣୀକରଣ ପ୍ରକ୍ରିୟାରେ ଯିବାକୁ ହେବ। ଯେଉଁମାନଙ୍କର ଆଧାର ନମ୍ବର ନାହିଁ କିମ୍ବା ଆଧାର ନିମନ୍ତେ ପଞ୍ଜିକରଣ କରିନାହାନ୍ତି ସେମାନଙ୍କୁ ଯେକୌଣସି ସରକାରୀ ପ୍ରମାଣପତ୍ର ପାଇଁ ଆବେଦନ କରିବା ପୂର୍ବରୁ ଆଧାର ନିମନ୍ତେ ବିଧିବଦ୍ଧ ଆବେଦନ କରିବାକୁ ପଡ଼ିବ। ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର କିମ୍ବା ଆଧାର କେନ୍ଦ୍ରକୁ ଯାଇ ନିଜର ଆଧାର ପ୍ରସ୍ତୁତ କରିପାରିବେ। ସମସ୍ତଙ୍କ ପାଇଁ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱରସ୍ଥିତ ଓକାକ୍ ଓ ଏନଆଇସି କେନ୍ଦ୍ରରେ 'ଆଧାର' ପଞ୍ଜିକରଣର ସୁବିଧା ଉପଲବ୍ଧ କରାଯାଇଛି। ଯଦି କୌଣସି ବ୍ଲକ ଓ ତହସିଲରେ 'ଆଧାର' ପଞ୍ଜିକରଣ କେନ୍ଦ୍ର ନଥିବ ତେବେ ରାଜସ୍ୱ ବିଭାଗ ପକ୍ଷରୁ ୟୁଏଆଇଡିଏଆଇ ରେଜିଷ୍ଟ୍ରାରଙ୍କ ସହ ସମନ୍ୱୟ କରି ସୁବିଧାଜନକ ସ୍ଥାନରେ ଏହି ସୁବିଧା ଯୋଗାଇ ଦିଆଯିବ। ଆଧାର ନମ୍ବର ମିଳିବା ପର୍ଯ୍ୟନ୍ତ ଆବେଦନକାରୀମାନେ ଆଧାର ଆବେଦନର ସ୍ଲିପ ସହ ନିମ୍ନଲିଖିତ ଦଲିଲ ମଧ୍ୟରୁ ଯେକୌଣସି ଗୋଟିଏ ଦାଖଲ କରି ପ୍ରମାଣପତ୍ର ପାଇଁ ଆବେଦନ କରି ପାରିବେ। ବ୍ୟାଙ୍କ କିମ୍ବା ଡାକଘର ପାସବୁକ (ଫଟୋ ସହ), ପାନ କାର୍ଡ, ପାସପୋର୍ଟ, ରାସନ କାର୍ଡ, ଭୋଟର ପରିଚୟ ପତ୍ର, ମନରେଗା ଜବକାର୍ଡ , କିଷାନ ବିକାଶ ପତ୍ର, ଡ୍ରାଇଭିଂ ଲାଇସେନ୍ସ, କିମ୍ବା ଗେଜେଟେଡ ଅଫିସର ଅବା ତହସିଲଦାରଙ୍କ ଦ୍ୱାରା ଅଫିସିଆଲ ଲେଟରହେଡରେ ଜାରି ପରିଚୟ ପ୍ରମାଣପତ୍ର ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ରାଜ୍ୟର ପ୍ରକୃତ ନାଗରିକ ବା ବାସିନ୍ଦା ଯେଭଳି ନିଜର ଅଧିକାର ଓ ସରକାରୀ ଲାଭରୁ ବଂଚିତ ନହେବେ ସେଥିପାଇଁ ସରକାର ଆବଶ୍ୟକ ପଦକ୍ଷେପ ସୁନିଶ୍ଚିତ କରାଇବେ। ଯଦି ଆଧାର ସତ୍ୟପାଠ ବିଫଳ ହୁଏ, ତେବେ ଆଖିର ଛବି, ମୋବାଇଲ୍ ଓଟିପି ମାଧ୍ୟମରେ ବିକଳ୍ପ ବ୍ୟବସ୍ଥା ରହିବ। ଶେଷପର୍ଯ୍ୟନ୍ତ ଆଧାର ଚିଠିର କ୍ୟୁଆର କୋଡ୍ ସହିତ ଫିଜିକାଲ ଆଧାର ଦେଖାଇ ସାର୍ଟିଫିକେଟ୍ ମିଳିପାରିବ। ଏହି ନୂଆ ନିୟମ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଇବା ପାଇଁ ବିଭାଗ ବ୍ୟାପକ ପ୍ରଚାର କରିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

### ଭିନିଲଙ୍କୁ ...

ଯୁଗ୍ମସଚିବ ଅନୀତା କରନ(ଭାରତୀୟ ଜଙ୍ଗଲ ସେବା)ଙ୍କୁ କଳାହାଣ୍ଡି ଜିଲ୍ଲା ଏବଂ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ଯୁଗ୍ମସଚିବ ସମର ନନ୍ଦ(ଭାରତୀୟ ରାଜସ୍ୱ ସେବା)ଙ୍କୁ ନୂଆପଡ଼ା ଜିଲ୍ଲାର କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ଭାବେ ନିଯୁକ୍ତି ମିଳିଛି। ଆଇଏଏସ୍ ଭିନିଲକ୍ରିଷ୍ଣା ଓ ଭିଭି ଯାଦବ ଉଭୟ ଗତ ସପ୍ତାହରେ ଓଡ଼ିଶା ଛାଡ଼ିଥିଲେ ଏବଂ ପାଣ୍ଡିଆନଙ୍କ କୋରଟିମ୍ ସଦସ୍ୟ ଭାବେ ମଧ୍ୟ ପରିଚିତ। ପାଣ୍ଡିଆନଙ୍କ ଖାସ୍ ଭାବେ ଭିନିଲ୍ ତୃତୀୟ ମହଲାରେ ଅବସ୍ଥାପିତ ଥିଲେ ଓ ଭିଭି ଯାଦବଙ୍କୁ ଦୁଆଁଳିଆ ବିଭାଗର ସଚିବ ପଦରେ ନିଯୁକ୍ତି ଦେଇ ପାଣ୍ଡିଆନ ଅବାଧରେ ନିଜର ମାମଲାତି ଜାରି ରଖିଥିଲେ ବୋଲି ଚର୍ଚ୍ଚା ହୁଏ। ପାଣ୍ଡିଆନପନ୍ଥୀ ଅଫିସରମାନଙ୍କ ବିରୁଦ୍ଧରେ ବିଭିନ୍ନ ଅଭିଯୋଗ ପୂର୍ବରୁ ରହିଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନନେଇ କେନ୍ଦ୍ରୀୟ ଡେପୁଟେସନରେ ପଠାଇ ଦିଆଯିବା ଏବେବି ରହସ୍ୟମୟ ଘଟଣା ହୋଇ ରହିଛି। ତେବେ ସେମାନଙ୍କୁ ଓଡ଼ିଶା ବ୍ୟାପାରରୁ ଦୂରେଇ ରଖି ରାଜ୍ୟରେ ପ୍ରଶାସନିକ ଓ ବିକାଶ କାର୍ଯ୍ୟକୁ ଗତିଶୀଳ କରିବା ନିମନ୍ତେ ଦିଲ୍ଲୀ ପଠାଇ ଦିଆଯାଉଛି ବୋଲି ବିଜେପି ସମର୍ଥକମାନେ ଦାବି କରୁଥିଲେ। କିନ୍ତୁ ଏବେ ପାଣ୍ଡିଆନପନ୍ଥୀ ଅଫିସରମାନଙ୍କୁ ଯେଉଁଭଳି ଢଙ୍ଗରେ ଉପରଆଡୁ ଓଡ଼ିଶା ବ୍ୟାପାରରେ ଲଦି ଦିଆଯାଇଛି ତାକୁ ନେଇ ପାୱାର କରିଡରରେ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ନିତି ଆୟୋଗ ୨୦୧୮ ମସିହାରୁ ଓଡ଼ିଶାର ୧୦ଟି ସମେତ ଦେଶର ୧୧୨ଟି ଅତ୍ୟନ୍ତ ପଛୁଆ ଜିଲ୍ଲାର ସାମଗ୍ରିକ ବିକାଶ ନିମନ୍ତେ 'ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ' ଆରମ୍ଭ କରିଥିଲେ। ଏହି ସମସ୍ତ ଜିଲ୍ଲା ଦାୟିତ୍ୱରେ ଜଣେ ଲେଖାଏଁ କେନ୍ଦ୍ରୀୟ ପ୍ରଭାରୀ ଅଫିସରଙ୍କୁ ନିଯୁକ୍ତି କେନ୍ଦ୍ର ସରକାର ଦେଇଛନ୍ତି। ସମ୍ପୃକ୍ତ ପ୍ରଭାରୀ ଅଫିସରମାନେ କେନ୍ଦ୍ର ସରକାର ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଏକ ବ୍ରିଜ୍ ଭଳି କାର୍ଯ୍ୟ କରି ଆକାଂକ୍ଷୀ ଜିଲ୍ଲାର କାର୍ଯ୍ୟସୂଚୀକୁ ସଫଳ କରିବା ନିମନ୍ତେ ଦିଗଦର୍ଶନ ଓ ସହଯୋଗ ଯୋଗାଇବା ସହ ସମ୍ପୃକ୍ତ ଜିଲ୍ଲାର ବିକାଶର ମୂଲ୍ୟାୟନର ରିପୋର୍ଟ ମଧ୍ୟ ଦେବେ। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ପାଣ୍ଡିଆନଙ୍କ ଖାସ୍ ହୋଇ ଉଭୟ ସରକାର ଓ ଦଳୀୟ କାର୍ଯ୍ୟରେ ମାମଲାତି କରୁଥିବା ଅଫିସରମାନେ ଜଣକପରେ ଜଣେ କେନ୍ଦ୍ରୀୟ ଡେପୁଟେସନରେ ପଳାଇବାରେ ସକ୍ଷମ ହୋଇଛନ୍ତି । ପାଣ୍ଡିଆନଙ୍କ ପତ୍ନୀ ସୁଜାତା କାର୍ତ୍ତିକେୟନ ରାଉତଙ୍କ ଭିଆରଏସ୍ ଆବେଦନକୁ କେନ୍ଦ୍ର ସରକାର ମାତ୍ର ଗୋଟିଏ ଦିନ ମଧ୍ୟରେ ଅନୁମୋଦନ କରିବା ସହ ପାଣ୍ଡିଆନପନ୍ଥୀ ଅଫିସର ଭାବେ ପରିଚିତ ଡିଏସ୍ କୁଟ୍ଟେ, ଆଶୀଷ ସିଂ, ରବିକାନ୍ତ, ମିତ୍ରଭାନୁ ମହାପାତ୍ର, ଆଶୀଷ ଠାକରେ, ଭିନିଲକ୍ରିଷ୍ଣା, ଭିଭି ଯାଦବଙ୍କୁ କେନ୍ଦ୍ରରେ ନିଯୁକ୍ତି ମିଳିସାରିଛି। ଏବେ ପାଣ୍ଡିଆନପନ୍ଥୀ ସର୍ବଭାରତୀୟ ସେବାର ଦମ୍ପତି ମଧ୍ୟ ଡେପୁଟେସନରେ ଯିବାକୁ ଆବେଦନ କରିଥିବା ସୂଚନା ମିଳିଛି।

### ବନ୍ୟା, ବାତ୍ୟାର ...

ଯାଉଛନ୍ତି ଅତ୍ୟାଧୁନିକ ଜ୍ଞାନକୌଶଳ। ଯାହାକୁ ନେଇ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ଭୁବନେଶ୍ୱରର ଆଇଆଇଟି ଓ ଷ୍ଟେଟ ୱାଟର ଇନଫରମେଟିକ୍ସ ସେଣ୍ଟର। ପାରମ୍ପରିକ ଫୋରକାଷ୍ଟ ବଦଳରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଜରିଆରେ ଲୋକ ମାନଙ୍କୁ ଆଗୁଆ ସୂଚନା ପ୍ରଦାନ କରାଯାଇପାରିବ। କେଉଁ ଦିନ କେଉଁ ଜିଲ୍ଲାରେ କେତେ ପରିମାଣରେ ବୃଷ୍ଟିପାତ ହେବ ସେସବୁକୁ ଆକଳନ କରିବ ଭୁବନେଶ୍ୱର ଆଇଆଇଟି ଦ୍ୱାରା ପ୍ରସ୍ତୁତ ଏଆଇର ଡାଇନାମିକ୍ ମଡେଲ। ପ୍ରାଥମିକ ଭାବେ ଓଡ଼ିଶା ଓ ଆସାମ ଭଳି ବନ୍ୟା ଓ ବାତ୍ୟା ପ୍ରଭାବିତ ପାଇଲଟ ପ୍ରୋଜେକ୍ଟ ଭାବରେ ଏହା ଆରମ୍ଭ ହୋଇଥିବା ବେଳେ ଆଗକୁ ଅନ୍ୟ ରାଜ୍ୟ ଗୁଡ଼ିକରେ ମଧ୍ୟ ଏହା ବ୍ୟବହାର କରାଯିବ। କେବଳ ବର୍ଷା ନୁହେଁ ସମ୍ଭାବ୍ୟ ବାତ୍ୟାର ତୀବ୍ରତା, ଗତିପଥ, ପବନର ବେଗ ଏବଂ ଏହାର ଭୟାବହତାକୁ ଏହି ଜ୍ଞାନକୌଶଳ ଦ୍ୱାରା ସଠିକ୍ ଭାବେ ଆକଳନ କରାଯାଇପାରିବ। ସେହିପରି ବର୍ଷା ପରେ ଉପୁଜୁଥିବା ବନ୍ୟା ସ୍ଥିତିକୁ ନେଇ ତଥ୍ୟ ଦେବ ଏଆଇ। ଏଥି ସହିତ ବନ୍ୟା ପରିଚାଳନା ଓ ମୁକାବିଲା, ଜଳ ସଂରକ୍ଷଣ ଓ ଚାଷ ଜମିକୁ ଜଳସେଚନ ପାଇଁ ମଧ୍ୟ ଏହା ବେଶ ସହାୟକ ହେବ। ଆଡ଼ଭାନ୍ସ ଫ୍ଲଡ ଫୋରକାଷ୍ଟ ସିଷ୍ଟମରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସହଯୋଗରେ ତଳିଆ ଅଞ୍ଚଳରେ ବନ୍ୟା ନେଇ ଆକଳନ, ଜଳ ସଂପଦର ତଦାରଖ ପାଇଁ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର, ଜଳକ୍ଷମତା ନିର୍ମାଣ, ଏଆଇ-ଚାଳିତ ମନିଟରିଂ, ଡାଟା ଗଭର୍ଣ୍ଣାନ୍ସକୁ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ଏଆଇର ସହଯୋଗରେ ବର୍ତ୍ତମାନ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ପାଇଲଟ ପ୍ରକଳ୍ପ ଭାବରେ ଏହା ଉପରେ ସର୍ବେକ୍ଷଣ ଚାଲିଛି। ଖୁବ୍ କମ୍ ଦିନରେ ଏହା କାର୍ଯ୍ୟକାରୀ ହେବ।

## ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି

# ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ସଫେଇ ଅଭିଯାନ ଏବଂ ବିକାଶ ବାହନର ଶୁଭାରମ୍ଭ



**ଲକ୍ଷ୍ମୀପୁର :** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ କୋରାପୁଟ ଜିଲ୍ଲାରେ ବିକାଶ ମେଳା ପୋଲିସ ପ୍ୟାରେଡ ପଡ଼ିଆରେ ଠାରେ ଗୁରୁବାର ଠାରୁ ଆରମ୍ଭ ହୋଇ ଯାଇଚି। ଏହା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି। ଏଥିରେ ୭୦ ଟି ଷ୍ଟଲରେ ପଲ୍ଲୀଶ୍ରୀ ଏବଂ ପାରମ୍ପରିକ ଖାଦ୍ୟ ମେଳା ଅନୁଷ୍ଠିତ ହେଉଛି। ଏହି ସ୍ଥଳରେ ଲୋକମାନେ ପାରମ୍ପରିକ ଖାଦ୍ୟର ମଜ୍ଜା ନେଇ ପାରିବେ। ଏଥିସହ ପ୍ରତିଦିନ ସନ୍ଧ୍ୟାରେ ମେଲୋଡି, ଆଦିବାସୀ ନୃତ୍ୟ ଏବଂ ପୁରୁଣା ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ଏହି ଅବସରରେ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ସଫେଇ ଅଭିଯାନ ଏବଂ ବିକାଶ ବାହନର ଶୁଭାରମ୍ଭ ହୋଇଯାଇଛି। କୋରାପୁଟ ବସଷ୍ଟାଣ୍ଡ ପରିସରରେ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ସଫେଇ ଅଭିଯାନର ଶୁଭାରମ୍ଭ କରିଥିଲେ। ନିଜେ ଜିଲ୍ଲାପାଳ ଝାଡୁ ଧରି ବସଷ୍ଟାଣ୍ଡ ପରିସରକୁ ସଫା କରୁଥିବା ଦେଖିବାକୁ ମିଳିଥିଲା। କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କାଉନସିଲର ମାଲେଶ୍ୱର ରାଓ, ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କ ସହ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ସଫେଇ ଅଭିଯାନରେ ସାମିଲ ହୋଇଥିଲେ। ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ବିକାଶ ବାହନର ଶୁଭାରମ୍ଭ କରିବା ପରେ ପୋଲିସ ପ୍ୟାରେଡ ପଡ଼ିଆ ଠାରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାସ୍ତରୀୟ ବିକାଶ ବାହନର ଶୁଭାରମ୍ଭ କରିଥିଲେ। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଉକ୍ତ ବାହନ ପରିଭ୍ରମଣ କରି ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ପହଞ୍ଚେଇବ ବୋଲି ବିଧାୟକ ଶ୍ରୀ ମାଛ କହିଛନ୍ତି। ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ଅନେକ ବିକାଶ ମୂଳକ କାର୍ଯ୍ୟ କରିଥିବା ସେ କହିଛନ୍ତି। କୋରାପୁଟ ସହରରେ ବସଷ୍ଟାଣ୍ଡ ଏବଂ ବାଇପାସ୍ ରାସ୍ତା ନିର୍ମାଣ ଲୋକମାନଙ୍କର ରହିଥିବା ସ୍ୱପ୍ନକୁ ଆଜିର ସରକାର ପୂରଣ କରିବାକୁ ଯାଉଛନ୍ତି ବୋଲି ସେ କହିଛନ୍ତି। ଏହାପରେ ଅତିଥି ଏବଂ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ପୋଲିସ ପଡ଼ିଆରେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ସୁନାବେଡା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଏବଂ କାଉନସିଲର ଓ ପଞ୍ଚାୟତରାଜ ପ୍ରତିନିଧି ମାନେ ଉପସ୍ଥିତ ଥିଲେ। କୋରାପୁଟ ବିଡିଓ ଦେବାଶିଷ ଗୌଡ଼, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, କୋରାପୁଟ ବନାଞ୍ଚଳ ଅଧିକାରୀ ଏସ କେ ପାହାଡ ସିଂ ଯୋଗଦେଇ ପରିଚାଳନା କରିଥିଲେ।

# ମିଠା ମହ ବାସେ...ପଣସ





ପ୍ରେମାନନ୍ଦ ପାଣିଗ୍ରାହୀ

ବିଶ୍ୱର ସବୁଠାରୁ ବଡ ଫଳମାନଙ୍କ ଭିତରୁ ପଣସ ଅନ୍ୟତମ । ଭାରତର ମହାରାଷ୍ଟ୍ର,ଗୋଆ, ତାମିଲନାଡୁ, ଓଡିଶା, କେରଳ ଆଦି ରାଜ୍ୟମାନଙ୍କରେ ପଣସ ବହୁଳ ଭାବରେ ଦେଖାଯାଏ । ଉଭୟ ଉଷ୍ମ ଓ ଆଦ୍ର ଜଳବାୟୁରେ ଏହା ଚାଷ କରାଯାଏ । ସାଧାରଣତଃ ଦୁଇ ପ୍ରକାର ପଣସ ଦେଖିବାକୁ ମିଳେ । ଗୋଟିଏ ଖଜା ପଣସ ଓ ଅନ୍ୟଟି ଆଷାଢୀ ପଣସ । ଜାନୁଆରୀ ମାସରେ ପଣସ ଗଛରେ ଫଳ ଧାରଣ କରେ । ଶାଖାପ୍ରଶାଖା ତଥା ମୂଳରେ ଅସଂଖ୍ୟ ଫଳ ହୁଏ । କୁହୁଡି ପ୍ରକୋପରେ କିଛି ପଣସ ଛୋଟରୁ ଶୁଖି କଳା ପଡିଯାଏ । ପଣସ ଜ୍ୟେଷ୍ଠମାସରେ ପାଚୁଥିବା ବେଳେ କିଛି ପ୍ରଜାତିର ପଣସ ଆଷାଢ ବା ଶ୍ରାବଣ ମାସରେ ପାଚେ । ଏହାକୁ ଆଷାଢୀ ପଣସ କୁହାଯାଏ । ଏହା ସାଧାରଣତଃ ପାହାଡିଆ ଅଞ୍ଚଳରେ ଦେଖାଯାଏ । କଞ୍ଚା ସମୟରେ ପଣସ ଦେଖିବାକୁ ସବୁଜ ରଙ୍ଗର ହୋଇଥିବା ବେଳେ ପାଚିଲେ ହଳଦିଆ ବର୍ଣ୍ଣ ଓ ସୁଗନ୍ଧରେ ଭରପୂର ହୋଇଥାଏ । ଉଭୟ ପରିବା ଓ ଫଳ ଭାବରେ ଏହା ବ୍ୟବହାର ହୁଏ । କଞ୍ଚା ବେଳେ ଏହାକୁ ପଣସ କଠା କୁହାଯାଏ । ପାଚିଲା ପଣସରେ କୋଳା, ପଣସ ସଢା ପ୍ରସ୍ତୁତ ହୁଏ । ପାଚିଲା ପଣସର ମଞ୍ଜିକୁ ସିଝାଇ,ପୋଡି,ଭାଜି ତଥା ସନ୍ତୁଳା କରି ଖିଆଯାଏ । ପଣସ ଏକ ପୁଷ୍ଟିକର ଖାଦ୍ୟ ହୋଇଥିଲେ ମଧ୍ୟ କେତେକ ସ୍ଥାନରେ ପଣସକୁ ଅଶୁଭର ପ୍ରତୀକ ମନେକରି ଲୋକେ ଖାଇବା ତ ଦୂରର କଥା ସ୍ପର୍ଶ ବି କରନ୍ତି ନାହିଁ । କେବଳ ଭାରତ କାହିଁକି ଆଫ୍ରିକା,ବ୍ରାଜିଲ,ଶ୍ରୀଲଙ୍କା,ଆଫ୍ରିକା ପରି ଦେଶମାନଙ୍କରେ ପଣସ ଚାଷ କରାଯାଏ ।



**ପଣସ ଉତ୍ପାଦନରେ ଓଡିଶା ପ୍ରଥମ :** ପୂର୍ବେ ତ୍ରିପୁରା ପରେ ପଣସ ଉତ୍ପାଦନରେ ଓଡିଶା ବୃହତ ରାଜ୍ୟ ଥିଲା । କିନ୍ତୁ ଗତ ୨୦୨୨ ମସିହାରେ ପଣସ ଉତ୍ପାଦନରେ ସାରା ଦେଶରେ ଓଡିଶା ପ୍ରଥମ ରାଜ୍ୟର ମାନ୍ୟତା ପାଇଛି । ପରିବେଶ ଓ କୃଷି ବିଭାଗର ଉଦ୍ୟମରେ ଓଡିଶାକୁ ଏହି ସଫଳତା ମିଳିଛି । ୨୦୨୨ରେ ଜାତୀୟ ସ୍ତରରେ ହେଉଥିବା ଉତ୍ପାଦନର ୧୫.୯୯ ପ୍ରତିଶତ ପଣସ ଓଡିଶାରେ ଉତ୍ପାଦିତ ହୋଇଥିଲା । ଏହି ବର୍ଷ ୩ ଲକ୍ଷ ୧୨ ହଜାର ୪୦୫ ମେଟ୍ରିକ ଟନ ପଣସ ରାଜ୍ୟରୁ ଉତ୍ପାଦିତ ହୋଇଥିଲା । ରାଜ୍ୟର ୧୫ଟି ଜିଲ୍ଲାରେ ସର୍ବାଧିକ ପରିମାଣର ପଣସ ଚାଷ କରାଯାଇଥାଏ । ୫୫ ପ୍ରତିଶତ ପଣସ କଠା ଭାବେ ଲୋକେ ବ୍ୟବହାର କରୁଥିବା ବେଳେ ୩୫ ପ୍ରତିଶତ ପାଚିଲା ପଣସ ବ୍ୟବହାର ହୋଇଥାଏ । ଆମ ରାଜ୍ୟର ଜଳବାୟୁ ପଣସ ଚାଷ ପାଇଁ ଉପଯୋଗୀ । ଓଡିଶାରେ ପଣସ ଚାଷ ପ୍ରତି ଲୋକଙ୍କୁ ଆକୃଷ୍ଟ କରିବା ନିମନ୍ତେ ଓଡିଶା ପଣସ ମିଶନ ଗଠନ କରାଯାଇଛି । ୨୦୨୨ ମସିହା ଅକ୍ଷୟ ତୃତୀୟା ଠାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୯ଟି ଜିଲ୍ଲାରେ ଏହାର ଶୁଭାରମ୍ଭ କରିଥିଲେ । ପଣସକୁ ବ୍ରାଣ୍ଡିଂ କରି ଲୋକଙ୍କ ମଧ୍ୟରେ ଏହାକୁ ସୁପର୍ ଫୁଡ ଭାବେ ପରିଚିତ କରିବା ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯାଉଛି । ପଣସକୁ ଲୋକପ୍ରିୟ କରିବା ପାଇଁ ବିଭିନ୍ନ ସ୍ତରରେ ପଣସ ଉତ୍ସବ ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଉଛି । ପଣସ ଚାଷୀଙ୍କୁ ଉନ୍ନତ ମାନର ଚାରା,ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ,ମୂଲ୍ୟ ବୃଦ୍ଧି ଏବଂ ବଜାରୀକରଣ ବ୍ୟବସ୍ଥା କରାଯାଉଛି । କେରଳ,ତାମିଲନାଡୁ ରାଜ୍ୟରେ ପଣସରୁ ପାମ୍ପଡ,ଆଚାର,ଅଟା ପ୍ରଭୃତି ପୁଷ୍ଟିକର ଖାଦ୍ୟ ସହ ବିଭିନ୍ନ ବ୍ୟଞ୍ଜନ ଯଥା- ପଣସରେ ବିରିଆନି,ପଣସ ଚିଲି,ପଣସ ଡାଲମା,ପଣସ ପକୋଡା,ପଣସ ରସା ପ୍ରସ୍ତୁତ କରାଯାଉଛି । ପଣସ ଚାଷୀମାନଙ୍କୁ ଏହିସବୁ ରାଜ୍ୟମାନଙ୍କୁ କ୍ଷେତ୍ର ପରିଦର୍ଶନ କରାଯାଇ ପଣସରୁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ସମ୍ପର୍କରେ ଜ୍ଞାନ ଆହରଣର ସୁବିଧା କରାଯାଉଛି ।

ବିଶ୍ୱର ସବୁଠାରୁ ବଡ ଫଳମାନଙ୍କ ଭିତରୁ ପଣସ ଅନ୍ୟତମ । ଭାରତର ମହାରାଷ୍ଟ୍ର,ଗୋଆ, ତାମିଲନାଡୁ, ଓଡିଶା, କେରଳ ଆଦି ରାଜ୍ୟମାନଙ୍କରେ ପଣସ ବହୁଳ ଭାବରେ ଦେଖାଯାଏ । ଉଭୟ ଉଷ୍ମ ଓ ଆଦ୍ର ଜଳବାୟୁରେ ଏହା ଚାଷ କରାଯାଏ । ସାଧାରଣତଃ ଦୁଇ ପ୍ରକାର ପଣସ ଦେଖିବାକୁ ମିଳେ । ଗୋଟିଏ ଖଜା ପଣସ ଓ ଅନ୍ୟଟି ଆଷାଢୀ ପଣସ । ଜାନୁଆରୀ ମାସରେ ପଣସ ଗଛରେ ଫଳ ଧାରଣ କରେ । ଶାଖାପ୍ରଶାଖା ତଥା ମୂଳରେ ଅସଂଖ୍ୟ ଫଳ ହୁଏ । କୁହୁଡି ପ୍ରକୋପରେ କିଛି ପଣସ ଛୋଟରୁ ଶୁଖି କଳା ପଡିଯାଏ । ପଣସ ଜ୍ୟେଷ୍ଠମାସରେ ପାଚୁଥିବା ବେଳେ କିଛି ପ୍ରଜାତିର ପଣସ ଆଷାଢ ବା ଶ୍ରାବଣ ମାସରେ ପାଚେ । ଏହାକୁ ଆଷାଢୀ ପଣସ କୁହାଯାଏ । ଏହା ସାଧାରଣତଃ ପାହାଡିଆ ଅଞ୍ଚଳରେ ଦେଖାଯାଏ । କଞ୍ଚା ସମୟରେ ପଣସ ଦେଖିବାକୁ ସବୁଜ ରଙ୍ଗର ହୋଇଥିବା ବେଳେ ପାଚିଲେ ହଳଦିଆ ବର୍ଣ୍ଣ ଓ ସୁଗନ୍ଧରେ ଭରପୂର ହୋଇଥାଏ । ଉଭୟ ପରିବା ଓ ଫଳ ଭାବରେ ଏହା ବ୍ୟବହାର ହୁଏ । କଞ୍ଚା ବେଳେ ଏହାକୁ ପଣସ କଠା କୁହାଯାଏ ।



**ପଣସର ଔଷଧୀୟ ଗୁଣ :** ପଣସ ଏକ ସ୍ୱାସ୍ଥ୍ୟପେଯାଗୀ ଫଳ । ପଣସରେ ଏକାଧିକ ପୁଷ୍ଟିକର ତତ୍ତ୍ୱ ରହିଛି । ଏଥିରେ ପ୍ରଚୁର ପରିମାଣରେ ଫାଇବର ବା ତନ୍ତୁ ମିଳିଥାଏ । ଭିଟାମିନ-ଏ ଓ ସି ଥିବାରୁ ଏହା ଦୃଷ୍ଟିଶକ୍ତି ବଢାଇବା ସହ ଚର୍ମର ରଙ୍ଗକୁ ଉଜ୍ଜ୍ୱଳ କରେ । ଏଥିରେ ଥିବା ମ୍ୟାଗ୍ନେସିୟମ ଓ ପୋଟାସିୟମ ହାଡକୁ ମଜବୁତ କରିବା ସହ ଶରୀରରେ ଶକ୍ତି ବୃଦ୍ଧି କରେ । ଥାଇରଏଡ ରେଗୀଙ୍କ ପାଇଁ ଏହା ବହୁତ ହିତକାରୀ ହୋଇଥାଏ । ପଣସରେ ଆଣ୍ଟି କ୍ୟାନସର ଗୁଣ ଥିବାରୁ କ୍ୟାନ୍ସର ହେବାର ଆଶଙ୍କାକୁ ଏହା କମ୍ କରିଥାଏ । ପଣସ ମଞ୍ଜି ବି କମ୍ ଉପକାରୀ ନୁହେଁ । ଭିଟାମିନ-ଏ,ବି ଏବଂ ସି ସହ କାର୍ବୋହାଇଡ୍ରେଟସ୍ ଏଥିରେ ଭରପୁର ରହିଛି । ବ୍ଲଡ ସୁଗାରକୁ ଏହା ନିୟନ୍ତ୍ରଣ କରିବା ସହିତ ରକ୍ତ ସଞ୍ଚାଳନ ଠିକ ରଖେ । ଆଇରନ ପ୍ରଚୁର ପରିମାଣରେ ଥିବାରୁ ଏହା ରକ୍ତହୀନତା ଦୂର କରିବାରେ ସହାୟକ ହୁଏ । ତେଣୁ ମଣିଷ ସମାଜ ପାଇଁ ପଣସ ପ୍ରକୃତିର ଏକ ମହାନ ଦାନ ।





ଅତୀତରେ ବ୍ରିଟିଶ୍ କଲେକ୍ଟର ମାଷ୍ଟର ଆଲ୍ଫ୍ରେଡ ଜେମସ୍ ଓଲେନ୍‌ବ୍ୟାଚ୍ କନ୍ଧମାଳର କଲେକ୍ଟର ଥିବା ବେଳେ ପାହାଡପର୍ବତ ଅଧ୍ୟୁଷିତ ଗାଁମାନଙ୍କୁ ଯାଇ ପଣସ ମଞ୍ଜି ବାଣ୍ଟୁଥିଲେ । ପଣସ ଗଛର ବ୍ୟାପକ ବୃଦ୍ଧି ତାଙ୍କର ଲକ୍ଷ୍ୟ ଥିଲା । ଥାଇଲାଣ୍ଡ,ଭିଏତନାମ୍, ଶ୍ରୀଲଙ୍କା, କାମ୍ବୋଡିଆ ଆଦି ଦେଶ ବ୍ୟବସାୟ କୁ ଦୃଷ୍ଟିରେ ରଖି ପଣସ ଲଗାଉଛନ୍ତି । ଯଦ୍ୱାରା ପଣସର ଚାହିଦା ବୃଦ୍ଧି ପାଇଛି । ବଙ୍ଗଳାଦେଶ ଓ ଶ୍ରୀଲଙ୍କାରେ ପଣସ ପାଇଛି ଜାତୀୟ ଫଳର ମାନ୍ୟତା । ସେହିପରି ଆମ ଦେଶର କେରଳ ଓ ତାମିଲନାଡୁ ରାଜ୍ୟରେ ପଣସ ରାଜ୍ୟ ଫଳ ଭାବେ ପରିଚିତ ହୋଇଛି । ପଣସକୁ ନେଇ ଉତ୍ସବ କେରଳରେ ଅନୁଷ୍ଠିତ ହୁଏ । ଅନ୍ୟ ସମୟ ଅପେକ୍ଷା ରଜ ଓ ସାବିତ୍ରୀରେ ପଣସର ଆବଶ୍ୟକତା ଅଧିକ ଥାଏ । ଆଦିବାସୀ ଅଞ୍ଚଳରୁ ପଣସ କିଣି ବ୍ୟବସାୟୀମାନେ ଏସମୟରେ ବେଶ୍ ଲାଭ କରିଥାନ୍ତି । ଅନେକ ପାଚିଲା ପଣସ କୋଷା ଖାଇବା ପରେ ଏହାର ମଞ୍ଜିକୁ ଫିଙ୍ଗି ଦେଇଥାନ୍ତି । କେତେକ ଏହାକୁ ତରକାରୀରେ ବ୍ୟବହାର କରନ୍ତି । ହେଲେ କେର ଜେମି ସାଜି ପଣସ ମଞ୍ଜିରୁ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଉଦାହରଣ ପାଲଟିଛନ୍ତି । ୨୦୧୯ ମସିହାରେ କେରଳର ସେ କୃଷି ସଂସ୍ଥାନ ଦ୍ୱାରା ଆୟୋଜିତ ସମ୍ମିଳନୀରେ ଭାଗ ନେଇ ପଣସର ଉପେଯାଗୀତା ସମ୍ପର୍କରେ ଜାଣିଲେ । ପ୍ରଥମେ ପଣସରୁ କ୍ଷୀରି ତିଆରି ଶିଖିବା ପରେ ପଣସ ମଞ୍ଜିରୁ ଚକୋଲେଟ,କେକ୍ ପ୍ରସ୍ତୁତ କଲେ । ଏବେ ସେ ନିଜେ ହୋଲି କ୍ରସ୍ ଇଣ୍ଡଷ୍ଟ୍ରିଜ୍ ସ୍ଥାପନ କରି ମହିଳାମାନଙ୍କୁ କର୍ମସଂସ୍ଥାନ ଯୋଗାଇବା ସହ କଫି ପାଉଡର ପ୍ରସ୍ତୁତ କରି ଚର୍ଚ୍ଚାକୁ ଆସିଛନ୍ତି । ପଣସର ଉପକାରୀତାକୁ ଦେଖି ୨୦୧୬ ମସିହା ଜୁଲାଇ ୪ ତାରିଖକୁ ସମଗ୍ର ବିଶ୍ୱରେ ପଣସ ଦିବସ ଭାବେ ପାଳନ କରାଯାଉଛି । ଅଳ୍ପ ପରିଶ୍ରମ ଓ କମ୍ ଦେଖାରଖାରେ ଛାଷ ହୋଇ ପାରୁଥିବା ପଣସ ଏକ ଅର୍ଥକାରୀ ଫସଲ ହୋଇଥିଲେ ମଧ୍ୟ ଓଡିଶାରେ ଉପଯୁକ୍ତ ପ୍ରକ୍ରିୟାକରଣ ଅଭାବରୁ ୩୦ରୁ ୩୫ ଶତାଂଶ ପଣସ ନଷ୍ଟ ହୋଇଯାଇଥାଏ । ମିଲେଟ୍ ପରି ପଣସରୁ ନାନାଦି ବ୍ୟଞ୍ଜନ ଓ ସସ୍,ଆଚାର ,ଚିପ୍ସ,ମଞ୍ଜିରୁ ଅଟା ପ୍ରସ୍ତୁତି ପାଇଁ ଯଥେଷ୍ଟ ତାଲିମର ଆବଶ୍ୟକତା ରହିଛି ।

*ଦୂରଭାଷ : ୯୪୩୭୭୨୯୩୮୪*



# ବିଶ୍ୱ ପରିବେଶ ଦିବସରେ ସଚେତନତା କାର୍ଯ୍ୟକ୍ରମ



**କୁଏତ :** ଗତ ବିଶ୍ୱ ପରିବେଶ ଦିବସଅବସରରେ ପ୍ରତିବର୍ଷ ଜୁନ ମାସ ୫ ତାରିଖ ଦିନ ଏହି ଦିବସ ପାଳନ ହୋଇଯାଇଛି। ଏହି ଦିନ ପାଳନ କରିବାର ମୁଖ୍ୟ କାରଣ ହେଉଛି ଲୋକଙ୍କୁ ପରିବେଶ ବିଷୟରେ ଅବଗତ କରାଇବା। ବିଶ୍ୱର ପ୍ରାୟ ୧୪୩ଟି ରାଷ୍ଟ୍ରରେ ଏହି ଦିବସ ପାଳନ କରାଯାଇଥାଏ। ମଣିଷ ନିଜର ଜାଣତରେ ହେଉ କିମ୍ବା ଅଜାଣତରେ ପରିବେଶ ପ୍ରତି ଅନେକ ଅନ୍ୟାୟ କରିଥାଏ। ନିଜର ଉନ୍ନତି ଓ ଜୀବିକା ନିର୍ବାହ ପାଇଁ ଗଛ କାଟିବାଠାରୁ ଆରମ୍ଭ କରି କଳ କାରଖାନା ପ୍ରତିଷ୍ଠା, ଯାନବାହନ ତିଆରି ଆଦି ଅନେକ ଜିନିଷ କରିଥାଏ। ଆଉ ଏଥିରୁ ନିର୍ଗତ ହେଉଥିବା ଧୂଆଁ ପରିବେଶ ପ୍ରଦୂଷଣ କରିଥାଏ। ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ପ୍ରଦୂଷଣର ଅନ୍ୟତମ ପ୍ରମୁଖ କାରଣ। ସୁସ୍ଥ ସମାଜ ଗଠନ କରିବାକୁ ହେଲେ ଆମ ପରିବେଶକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବାକୁ ପଡ଼ିବ। ମଣିଷ ଏବଂ ପରିବେଶ ମଧ୍ୟରେ ବହୁତ ଗଭୀର ସମ୍ପର୍କ ରହିଛି। ପ୍ରକୃତି ବିନା ଜୀବନ ସମ୍ଭବ ନୁହେଁ। ପରିବେଶ କ୍ରମାଗତ ଭାବରେ ଦୂଷିତ ହେଉଛି, ଯାହା ଆମ ଜୀବନରେ ଗଭୀର ପ୍ରଭାବ ପକାଉଛି। ପରିବେଶର ଯତ୍ନ ନେବାକୁ ଏହି ଦିବସ ସମସ୍ତଙ୍କୁ ବାର୍ତ୍ତା ଦେଇଥାଏ। ୧୯୭୨ରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି। ବିଶ୍ୱପରିବେଶ ଦିବସ ଅବସରରେ ଭାରତୀୟ ପ୍ରବାସୀ ପରିଷଦ (ଓଡିଶା ୱିଂଙ୍ଗ) ସଙ୍ଗ - କୁଏତ ଓ ବିଶ୍ୱ ଓଡ଼ିଶା ସମାଜ ୱିଂଙ୍ଗ୍- କୁଏତ, ଆଇଏଚ୍ଆରଡି, ଭାରତ ସେବା ଦର୍ଶନ ଟ୍ରଷ୍ଟ ଓଡ଼ିଶାର ସଭାପତି ବିଶ୍ୱରଂଜନ ସାହୁ, ନାରାୟଣ ରେଡ୍ଡୀ, ପଙ୍କଜ ଦାସ୍ ଓ ସଂଘ ର ସମସ୍ତ ପ୍ରତିନିଧିଙ୍କ ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ସଙ୍ଘ ପକ୍ଷରୁ ବୃକ୍ଷରୋପଣ କରାଯାଇଛି। ସଙ୍ଘର ସଭାପତି ବିଶ୍ୱରଂଜନ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସାମାଜିକ କର୍ମୀମାନେ ପରିବେଶ ସଚେତନତା ମଧ୍ୟ କରାଇଥିଲେ।

### ୧ କୋଟି ଟପିଲା ଆୟୁଷ୍ମାନ ଜନ ଆରୋଗ୍ୟ କାର୍ଡ ବଣ୍ଟନ

# ବୟୋବନ୍ଦନା କାର୍ଡ ପାଇଁ ସ୍ୱତନ୍ତ୍ର ଅଭିଯାନ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ ହୋଇଛି। ଚଳିତ ବର୍ଷ ଏପ୍ରିଲ ୧୧ ତାରିଖ ଦିନ ଶୁଭାରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ- ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଏ.ବି.ପି.ଏମ୍.ଜେ.ଏ.ୱାଇ-ଜି.ଜେ.ଏ.ୱାଇ) ରେ ଯୁଗ୍ମ କାର୍ଡ ବଣ୍ଟନ ୧ କୋଟି ଟପିଛି। ଏହାଛଡ଼ା ଆର୍ଥିକ ଓ ସାମାଜିକ ବର୍ଗ ନିର୍ବିଶେଷରେ ସମସ୍ତ ୭୦ ବର୍ଷ ବା ତଦୁର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କ କାର୍ଡ ପାଇଁ ବିକାଶ-ବାହନ ଯାତ୍ରା କାଳରେ ଶତ ପ୍ରତିଶତ ଇ.କେ.ୱାଇ.ସି ଶେଷ କରିବାକୁ ବିଭାଗ ତରଫରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନକୁ ପୂର୍ଣ୍ଣ ମାତ୍ରାରେ ସଫଳ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ତଥା ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତି(ସାସ୍) ଅଧ୍ୟକ୍ଷ ଅଶ୍ୱତୀ ଏସ୍ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି, ଗତ କାଲି ରାଜ୍ୟର ସମସ୍ତ ଜିଲ୍ଲାରେ ସମୁଦାୟ ୧ କୋଟି ୪୧ ହଜାର ୮୬୩ ଟି ଏ.ବି.ପି.ଏମ୍.ଜେ.ଏ.ୱାଇ-ଜି.ଜେ.ଏ.ୱାଇ ଯୁଗ୍ମ କାର୍ଡ କାର୍ଡ ବଣ୍ଟାଯାଇଛି । କାର୍ଡ ବଣ୍ଟନରେ ଗଞ୍ଜାମ, ମୟୂରଭଞ୍ଜ, କଟକ ଓ ବଲାଙ୍ଗୀର ଆଦି ଜିଲ୍ଲା ଆଗୁଆ ଅଛନ୍ତି। ଗଞ୍ଜାମ ଜିଲ୍ଲାରେ ୭.୯୬ ଲକ୍ଷ କାର୍ଡ ବଣ୍ଟା ହୋଇଥିବା ବେଳେ ମୟୂରଭଞ୍ଜରେ ୭.୩୩ ଲକ୍ଷ, କଟକରେ ୬.୮୮ ଲକ୍ଷ ଏବଂ ବଲାଙ୍ଗୀରରେ ୫.୩୪ ଲକ୍ଷରୁ ଅଧିକ କାର୍ଡ ବଣ୍ଟାଯାଇଛି। ସମସ୍ତ ୩୦ ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଡ ବଣ୍ଟନ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୭୦ ବର୍ଷ ବା ତଦୁର୍ଦ୍ଧ୍ୱ ନାଗରିକ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୩.୨୧ ଲକ୍ଷ ବରିଷ୍ଠ ନାଗରିକଙ୍କ ଇକେୱାଇସି କରି କାର୍ଡ ପ୍ରସ୍ତୁତ କରାଯାଇଛି। ଅବଶିଷ୍ଟ ୧୯.୭୯ ଲକ୍ଷ ବରିଷ୍ଠ ନାଗରିକଙ୍କ ଇ.କେ.ୱାଇ.ସି ବିକାଶ-ବାହନ ଯାତ୍ରା କାଳରେ ଜୁନ ୨୨ ତାରିଖ ସୁଦ୍ଧା ଶେଷ କରିବାକୁ ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଗ୍ରାମ ଓ ପଞ୍ଚାୟତୱାରୀ ଅଣୁ-କାର୍ଯ୍ୟସୂଚୀ ସହ ସମୟ-ନିର୍ଘଣ୍ଟ ପ୍ରସ୍ତୁତ କରିବା ପାଇଁ ସାସ୍ ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡାକ୍ତର ବୃନ୍ଦା. ଡି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଣୁ-କାର୍ଯ୍ୟଯୋଜନା ଗୁଡ଼ିକୁ ସଂପୃକ୍ତ ଅଂଚଳର ଆଶାକର୍ମୀ, ଏ.ଏନ୍.ଏମ, ଅଙ୍ଗନବାଡ଼ି କର୍ମୀ, ବହୁମୁଖି ସ୍ୱାସ୍ଥ୍ୟକର୍ମୀ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ବ୍ଲକ ଏବଂ ଜିଲ୍ଲା ପ୍ରୋଗ୍ରାମ ଅଫିସରମାନେ ସକ୍ରିୟ ଭାବେ ସାମିଲ ହୋଇ କାର୍ଯ୍ୟାୟନ କରିବା ପାଇଁ ଡାକ୍ତର ବୃନ୍ଦା ନିର୍ଦ୍ଦେଶ ଦେଇଛନ୍ତି । ବୟୋବନ୍ଦନା ଯୋଜନାରେ ପ୍ରତି ପରିବାର ତାଲିକାଭୁକ୍ତ ହସ୍ପିଟାଲମାନଙ୍କରେ ବାର୍ଷିକ ୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ପାଇବେ। ଏହି ଟଙ୍କା ତାଙ୍କ ମୂଳ ପରିବାରର ୫ ଲକ୍ଷ ଟଙ୍କା ପାଣ୍ଠି ଠାରୁ ଅଲଗା ହେବ। ଯେଉଁ ଯୋଗ୍ୟ ବ୍ୟକ୍ତି ମାନେ ବର୍ତ୍ତମାନ ସୁଦ୍ଧା ନୂଆ ଯୁଗ୍ମ-କାର୍ଡ ପାଇନାହାନ୍ତି ସେମାନେ ନିଜର ଆଧାର କାର୍ଡ/ପୁରୁଣା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ଦେଖାଇ ତାଲିକାଭୁକ୍ତ ହସ୍ପିଟାଲମାନଙ୍କରେ ଦେୟମୁକ୍ତ ଚିକିତ୍ସା ପାଇପାରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସ୍ପଷ୍ଟ କରିଦିଆଯାଇଛି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ନିର୍ମାଣ ହେବ ସଡ଼କ



**ଭୁବନେଶ୍ୱର :** ଓଡ଼ିଶା ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟରେ ସମ୍ମୁଖୀନ ହେଉଛି। କେଉଁବର୍ଷ ଅତ୍ୟଧିକ ବର୍ଷା ଯୋଗୁ ବନ୍ୟା ଆସୁଛି ତ ଆଉ କେଉଁ ବର୍ଷ ବାତ୍ୟା ଦାଉ ସାଜୁଛି। ପୁଣି ପ୍ରବଳ ବର୍ଷାରେ ରାସ୍ତାଘାଟ ଧୋଇ ହୋଇ ଯାଉଛି। ପାହାଡିଆ ଅଞ୍ଚଳରେ ଭୂସ୍ଖଳନ ହେଉଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରାସ୍ତାଗୁଡିକ ନଷ୍ଟ ହୋଇ ଯାଉଥିବାରୁ ପ୍ରଶାସନ ବିପର୍ଯ୍ୟସ୍ତଙ୍କ ପାଖରେ ଶୀଘ୍ର ପହଞ୍ଚି ପାରୁନାହିଁ। ଉଦ୍ଧାର କାର୍ଯ୍ୟ ବିଳମ୍ବ ହେଉଥିବା ବେଳେ ସ୍ଥାନୀୟ ଲୋକ ମଧ୍ୟ ସୁରକ୍ଷିତ ଭାବେ ନିରାପଦ ସ୍ଥାନକୁ ଯା’ଆସ କରିପାରୁ ନାହାନ୍ତି। ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଗ୍ରାମାଞ୍ଚଳରେ ବିପର୍ଯ୍ୟୟକୁ ସମ୍ମୁଖୀନ ହେଲାଭଳି ସଡ଼କ ନିର୍ମାଣ କରିବାକୁ ଯାଉଛନ୍ତି। ‘ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା- ବିପର୍ଯ୍ୟୟ ସ୍ଥାୟୀ ସଡ଼କ’ ଯୋଜନା ଆଣି ମଜଭୁତ ସଡ଼କ ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନସ୍ଥ ଆରଡବ୍ଲ୍ୟୁର ମୁଖ୍ୟଯନ୍ତ୍ରୀ ଏକ ନିୟମାବଳୀ ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ବନ୍ୟା, ବାତ୍ୟା, ଅତ୍ୟଧିକ ବର୍ଷା, ଭୂସ୍ଖଳନ ଆଦି ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଆର୍ଥିକ, ସାମାଜିକ ମାନଦଣ୍ଡକୁ ଦୋହଲାଇ ଦେଉଛି। ଲୋକମାନେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ଦୀର୍ଘଦିନ ଧରି ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର, ବଜାର, କୃଷିକ୍ଷେତ୍ରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡୁଛି। ଏହାକୁ ଦୃଷ୍ଟି ରଖି ସରକାର ‘ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି’ରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧ୍ୟମରେ ୫୦୦କି.ମି. ସଡ଼କ ନିର୍ମାଣ କରିବାକୁ ଯାଉଛନ୍ତି। ଏଥିପାଇଁ ମୋଟ ୧୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ଏବଂ ଉକ୍ତ ଯୋଜନା ୫ବର୍ଷ ପାଇଁ କାର୍ଯ୍ୟକାରୀ ହେବ। ଆର୍ଥିକ ବର୍ଷ ୨୦୨୫-୨୬ରେ ୫୦କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ୨୦୨୬-୨୭ବର୍ଷରେ ୨୦୦ କୋଟି, ୨୦୨୭-୨୮ବର୍ଷରେ ୨୦୦ କୋଟି, ୨୦୨୮-୨୯ବର୍ଷରେ ୨୫୦ କୋଟି ଏବଂ ୨୦୨୯-୩୦ବର୍ଷରେ ୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ଯୋଜନା ନିମନ୍ତେ ଆର୍ଥିକ ବର୍ଷ ୨୦୨୫-୨୬ ବଜେଟରେ ସରକାର ୩୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଆବଶ୍ୟକସ୍ଥଳେ ଟେଣ୍ଡର, ସଡ଼କ ନିର୍ମାଣ କାର୍ଯ୍ୟକୁ ଅନୁଧ୍ୟାନ କରି ଖର୍ଚ୍ଚ ଅଟକଳ ବୃଦ୍ଧି କରାଯାଇ ପାରିବ। ଏହି ସଡ଼କ ନିର୍ମାଣ କରାଯିବା ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ଥାନୀୟ ଲୋକ ସୁବିଧାରେ ସେମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଧରି ଗୋଟିଏ ସ୍ଥାନରୁ ଅନ୍ୟତ୍ର ଯିବା ଆସିବା କରିପାରିବେ। ଗ୍ରାମାଞ୍ଚଳରେ ଏହି ସଡ଼କ କେବଳ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବାରେ ସହାୟକ ହେବ ନାହିଁ, ବରଂ ସ୍ଥାନୀୟ ବାସିନ୍ଦାଙ୍କ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପରିବର୍ତ୍ତନ ଆଣିବ। ରାଜ୍ୟ ସରକାର ନିଜସ୍ୱ ସମ୍ବଳରେ ଉକ୍ତ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି।

### ୧୧ ଜିଲ୍ଲାରେ ୩୮୭୮ କୋଟିର ୧୭ ପ୍ରକଳ୍ପକୁ ମଞ୍ଜୁରୀ

# ୧୦,୫୮୪ ନିଯୁକ୍ତି ସୁଯୋଗ

**ଭୁବନେଶ୍ୱର :** ରାଜ୍ୟ ସରକାର ସିଙ୍ଗିଲ ୱିଣ୍ଡୋ କ୍ଲିୟରାନ୍ସ ବୈଠକରେ ୧୭ଟି ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟରେ ୩୮୭୮.୮୬ କୋଟିର ପୁଞ୍ଜି ନିବେଶକୁ ମଞ୍ଜୁରୀ ମିଳିଛି। ୧୧ଟି ଜିଲ୍ଲାରେ ୧୭ଟି ପ୍ରକଳ୍ପ ନିର୍ମାଣ ହେବ। ଫଳରେ ୧୦ ହଜାର ୫୮୪ ନିଯୁକ୍ତି ସୃଷ୍ଟି ହେବ। ପ୍ଲାଷ୍ଟିକ, ଟେକ୍ସଟାଇଲ, ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜି ନିବେଶ ହେବ। ରାଜ୍ୟରେ ବେକାରୀ ସଂଖ୍ୟା ବଢିବାରେ ଲାଗିଛି। ଆବଶ୍ୟକତା ଅନୁସାରେ କଳକାରଖାନା ଓ ଶିଳ୍ପର ଅଭାବ ଦେଖାଯାଇଛି। ଓଡ଼ିଶାର ଯୁବପିଢ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ରାଜ୍ୟରେ କଳକାରଖାନା ଗଢ଼ି ଉଠିଲେ ଯୁବପିଢ଼ିଙ୍କୁ ରୋଜଗାର ମିଳିପାରିବ। ବାହାର ରାଜ୍ୟକୁ ଯାଇ ସେଠାକାର ମାଲିକମାନଙ୍କ ଠାରୁ ଓଡ଼ିଆ ଯୁବକଯୁବତୀଙ୍କୁ ନିର୍ଯାତନାର ଶିକାର ହେବାକୁ ପଡ଼ିବ ନାହିଁ। ରାଜ୍ୟ ସରକାରଙ୍କ ୩୮୭୮.୮୬ କୋଟିର ପୁଞ୍ଜି ନିବେଶ କାର୍ଯ୍ୟରେ ପରିଣତ ହେଲେ ଯୁବପିଢ଼ି ଉପକୃତ ହେବେ। ବୋଲି ଆଶା କରାଯାଉଛି।




# ଜିଲ୍ଲାସ୍ତରୀୟ କୁଓ୍ୱି ସମ୍ମିଳନୀ



**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ଜିଲ୍ଲାସ୍ତରୀୟ କୁଓ୍ୱି ସମ୍ମିଳନୀ ଅନୁଷ୍ଠି ହୋଇଯାଇଛି। ବ୍ଲକ ସଭାପତି ଈଶ୍ୱର ମିଣିଆକାଙ୍କ ନେତୃତ୍ୱରେ ସ୍ଥାନୀୟ ବାସନ୍ତୀ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏହି ସମ୍ମିଳନୀରେ ବହୁ ସଂଖ୍ୟାରେ କୁଓ୍ୱି ସମାଜର ସଦସ୍ୟ ମାନେ ଯୋଗ ଦେଇଥିଲେ। ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋରାପୁଟ ପୂର୍ବତନ ସାଂସଦ ଜୟରାମ ପାଙ୍ଗି, ଲକ୍ଷ୍ମୀପୁର ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଲକ୍ଷ୍ମୀପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଆଇ କୁଲେସିକା, ପଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ପାଙ୍ଗି, ଲକ୍ଷ୍ମୀପୁର ଜିଲ୍ଲାପରିଷଦ ସଭ୍ୟା ପିଙ୍କି ହିମେରିକା ଓ ସେମିଳିଗୁଡା ଜିଲ୍ଲାପରିଷଦ ମୋହନ ଯାନୀଙ୍କ ସମେତ ସମସ୍ତ ବ୍ଲକର କୁଓ୍ୱି ସମାଜ ସଭାପତି ମଞ୍ଚାସିନ ଥିଲେ। ଏହି ସମ୍ମିଳନିରେ ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ଚୟନ ଓ ବିଭିନ୍ନ ବିଷୟକୁ ନେଇ ଆଲୋଚନା ହୋଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା କୁଓ୍ୱି ସମାଜର ପୂର୍ବତନ ଓ ବର୍ତ୍ତମାନର ଲୋକ ପ୍ରତିନିଧି, ଅବସରପ୍ରାପ୍ତ ଓ ବର୍ତ୍ତମାନର ସରକାରୀ କର୍ମଚାରୀ, ପ୍ରତ୍ୟେକ ଗ୍ରାମର ମୁଖିଆ, ଯୁବକ ଯୁବତୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।




# ଜନତାଙ୍କ ସେବାରେ ହିଁ ଜୀବନର ସାର୍ଥକତା : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟ ସ୍ତରୀୟ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ, ସ୍ଥାନୀୟ ମହାତ୍ମାଗାନ୍ଧୀ ମାର୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଗଣତନ୍ତ୍ରରେ ଜନତା ହେଉଛନ୍ତି ଜନାର୍ଦ୍ଦନ। ଜନତାଙ୍କ ସେବାରେ ହିଁ ଜୀବନର ସାର୍ଥକତା। ଓଡିଶାରେ ଡବଲ ଇଞ୍ଜିନ ସରକାର, ଡବଲ ସ୍ପିଡରେ କାମ କରି ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିପାରୁଛି। ଆମ ସରକାରଙ୍କ ଏକ ହଲ୍‌ମାର୍କ ହେଉଛି, ଲୋକଙ୍କ ସହିତ ଯୋଡି ହେବାର ପ୍ରୟାସ। ଏହି ଏକ ବର୍ଷରେ ଅନେକ କ୍ଷେତ୍ରରେ ଓଡ଼ିଶାର କାୟାକଳ୍ପ ହୋଇଛି। ମହିଳା, କୃଷକ, ଆଦିବାସୀ ଓ ଯୁବବର୍ଗର ସଶକ୍ତିକରଣ ସହିତ ଭିତ୍ତିଭୂମି ଓ ଶିଳ୍ପ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ଗାଁ ଠାରୁ ସହର ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ଆଶାର ସଞ୍ଚାର ସୃଷ୍ଟି ହୋଇପାରିଛି। ଆଜି ଯେଉଁ ବିକାଶ ବାହନ ଯାତ୍ରା ଆରମ୍ଭ ହେବାକୁ ଯାଉଛି, ତାହା ହେଉଛି ଆମ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଜନସାଧାରଣ ମାନଙ୍କୁ ଯୋଡିବାର ଆଉ ଏକ ପ୍ରୟାସ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଥିଲେଯେ ଆମେ ଏହି ବର୍ଷେ ମଧ୍ୟରେ ଲାଗୁ କରିଥିବା ସମସ୍ତ ଯୋଜନାର ସଫଳତା ପାଇଁ ଜନଭାଗିଦାରୀର ବ୍ୟାପକ ଆବଶ୍ୟକତା ରହିଛି। ବିଭିନ୍ନ ସୂଚନା ଓ ଶିକ୍ଷା ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅପହଞ୍ଚ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ପହଞ୍ଚି, ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ କାର୍ଯ୍ୟକ୍ରମ ବିଷୟରେ ନାଗରିକମାନଙ୍କୁ ସଚେତନ କରାଯାଇ ଲୋକଙ୍କୁ ଯୋଜନା ସହିତ ଯୋଡିବା ଆମର ଲକ୍ଷ୍ୟ। ଏହା ଦ୍ୱାରା ପ୍ରଶାସନ ଲୋକାଭିମୁଖୀ ହୋଇପାରୁଛି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେଯେ, ସ୍ୱଚ୍ଛ, ଉତ୍ତରଦାୟୀ ଓ ଲୋକାଭିମୁଖୀ ଶାସନର ଏକ ବର୍ଷ ପୂରଣ ଅବସରର, ପ୍ରଶାସନକୁ ଜନ ସାଧାରଣଙ୍କ ଦ୍ୱାର ନିକଟରେ ପହଞ୍ଚାଇବା ପାଇଁ ଓଡ଼ିଶାର ୩୧୪ ଟି ବ୍ଲକ, ୧୧୫ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ୫ଟି ମହାନଗର ନିଗମରେ ଗଡିବ ସ୍ୱତନ୍ତ୍ର ‘ବିକାଶ ବାହନ’। ଏହି ବାହନ ଜରିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ‘ପ୍ରଗତି ପ୍ରବାହ’ ପୁସ୍ତକ ଏବଂ ଏକ ବର୍ଷର ସଫଳତାର ତଥ୍ୟ ସମ୍ବଳିତ ପୁସ୍ତିକା ମଧ୍ୟ ସମସ୍ତଙ୍କ ପାଖରେ ପହଞ୍ଚିବ। ଏହାଦ୍ୱାରା ଲୋକମାନେ ସରକାରଙ୍କ ବିଭିନ୍ନ ଯୋଜନା ଓ ସଫଳ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିପାରିବେ। ବିଭିନ୍ନ ଯୋଜନା ଉପରେ ଆଧାରିତ ଭିଡିଓ ମଧ୍ୟ ଦେଖିପାରିବେ। ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ପ୍ରଥମ ଦିନରୁ ଜନତାଙ୍କ ସହିତ ଯୋଡି ହେବାର ଯେଉଁ ପ୍ରୟାସ ଆରମ୍ଭ ହୋଇଥିଲା, ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସେହି ପ୍ରୟାସକୁ ଆହୁରି ଜୋରଦାର କରାଯାଇଛି। ଏହି ପ୍ରସାର କାର୍ଯ୍ୟକ୍ରମ ମାଧ୍ୟମରେ, ସରକାର, ଜନସାଧାରଣଙ୍କ ଭାଗୀଦାରିତାରେ ‘ବିକଶିତ ଓଡ଼ିଶା’ ତଥା ସମୃଦ୍ଧ ଓଡ଼ିଶା ଗଠନର ବୃହତ୍ତର ଲକ୍ଷ୍ୟକୁ ସାକାର କରିବା ପାଇଁ ପ୍ରୟାସ କରିଛନ୍ତି। ଏହି ଅବସରରେ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେଯେ, ଲୋକଙ୍କ ଆଶୀର୍ବାଦରେ ଆଜି ଡବଲ ଇଞ୍ଜିନର ସରକାର ଓଡ଼ିଶାର ସାମଗ୍ରିକ ବିକାଶ ଓ ସମୃଦ୍ଧିର ଦାୟିତ୍ୱରେ ଅଛନ୍ତି। କେନ୍ଦ୍ରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଜ୍ୟରେ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସମୃଦ୍ଧ ଓଡ଼ିଶାର ନିର୍ମାଣ ପାଇଁ ସଂକଳ୍ପବଦ୍ଧ। ଏହି ସମୟ ରାଜ୍ୟର ବିକାଶ ଓ ରାଷ୍ଟ୍ରର ପ୍ରଗତି ପାଇଁ ସ୍ୱପ୍ନ, ସଂକଳ୍ପ ଓ ସମ୍ଭାବନାର ସମୟ ପ୍ରମାଣିତ ହୋଇଛି। ଏହି ସମୟ ରାଜ୍ୟର ବିକାଶ ଓ ରାଷ୍ଟ୍ରର ପ୍ରଗତି ପାଇଁ ସ୍ୱପ୍ନ, ସଂକଳ୍ପ ଓ ସମ୍ଭାବନାର ସମୟ ପ୍ରମାଣିତ ହୋଇଛି। ଏହି ବିକାଶ ବାହନର ଶୁଭାରମ୍ଭ ଆମ ସରକାରଙ୍କ ଓଡ଼ିଶାବାସୀଙ୍କ ପ୍ରତି ସମର୍ପଣର ନୂତନ ଅଧ୍ୟାୟ। ଇତ୍ୟବସରରେ, ଏକାମ୍ର-ଭୁବନେଶ୍ୱର ବିଧାୟକ, ବାବୁ ସିଂ ଓ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସ୍ୱାଗତ ଭାଷଣ ଦେଇଥିବା ବେଳେ, ବିଭାଗୀୟ କମିଶନର ତଥା ସଚିବ ଗିରିଶ ଏସ. ଏନ ଧନ୍ୟବାଦ ଦେଇଥିଲେ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**